# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୨୭/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, May 27/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୧୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 181 | ମୂଲ୍ୟ ₹୭/-




**ବିଜୟ ସହ ଅଲକାରାଜଙ୍କ ଅଭିଯାନ**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଗତଥରର ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ।

୧୨ ୦୨

**‘ଡକାୟତ’: ମୃଣାଳଙ୍କ ବିପକ୍ଷରେ ଅଦିଭି**

ଅଭିନେତା ଅଦିଭି ଶେଷ ଏବଂ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଆଗାମୀ ଫିଲ୍ମ ‘ଡକାୟତ: ଏକ ପ୍ରେମ କଥା’ର ଟିଜରକୁ ସୋମବାର ଜାରି କରାଯାଇଛି।





**ଭୁଶୁଡ଼ିଲା ନିର୍ମାଣାଧୀନ ରେଳ ଟନେଲ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ଼ ନିକଟ କଖାରୁଫାଳଠାରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ୪ନଂ. ଟନେଲ ଭୁଶୁଡ଼ି ପଡ଼ିଛି। ଇନ୍‌ସେଟ୍‌ରେ ଗର୍ତ୍ତ ହୋଇଥିବା ସ୍ଥାନ। (ରିପୋର୍ଟ: ପୃଷ୍ଠା-୩)

# ଶ୍ରୀକ୍ଷେତ୍ର ଶବ୍ଦାବଳୀ ହେବ ପାଟେଣ୍ଟ

**ଶ୍ରୀକ୍ଷେତ୍ର, ଜଗନ୍ନାଥ ଧାମ ସମେତ ମହାପ୍ରଭୁଙ୍କ ସହ ଯୋଡ଼ିହୋଇ ରହିଥିବା ସବୁ ଶବ୍ଦାବଳୀକୁ ପାଟେଣ୍ଟ କରାଯିବା ନେଇ ପଦକ୍ଷେପ ନିଆଯିବ। ଏହାଦ୍ୱାରା ଆଗାମୀ ଦିନରେ ଏହି ଶବ୍ଦର ଅପବ୍ୟବହାର ହୋଇପାରିବ ନାହିଁ। ଦୀଘାରେ ହୋଇଥିବା ଜଗନ୍ନାଥ ଧାମ ନେଇ ସରକାରୀସ୍ତରୀୟ ଆଲୋଚନା କରାଯିବ। ସେହିପରି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଆବାସିକ ଘରଗୁଡ଼ିକର ଡିଜାଇନ ଓଡ଼ିଆ ସ୍ଥାପତ୍ୟ କଳା ଅନୁଯାୟୀ କରାଯିବ। ଏଥିସହ ଘରଗୁଡ଼ିକର ଉଚ୍ଚତା ମଧ୍ୟ ନିର୍ଦ୍ଦିଷ୍ଟ କରାଯିବ। ଏ ନେଇ ଏକ ଆଇନ ଆଣିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।**

**ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ସୋମବାର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଭିଡିଓ କନଫରେନ୍ସ ମାଧ୍ୟମରେ ଉପସ୍ଥିତ ରହିଥିଲେ। ଛତିଶା ନିଯୋଗ ଦ୍ୱାରା ଅନୁମୋଦିତ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ନୀତି ନିର୍ଘଣ୍ଟକୁ ବୈଠକରେ ମୋହର ଲଗାଯାଇଛି। ସେହିପରି ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ଜଗନ୍ନାଥ ଧାମ ନାମକରଣ ଏବଂ ଇସ୍କନର ଅଦିନିଆ ରଥଯାତ୍ରା ଘଟଣାକୁ ବୈଠକରେ ନିନ୍ଦା କରାଯାଇଛି। ପୂର୍ବବର୍ଷ ଆଡ଼ପପହଣ୍ଡି ବିଜେ ସମୟରେ ଘଟିଥିବା ଅଘଟଣର ଯେଭଳି ପୁନରାବୃତ୍ତି ନ ହୁଏ ସେନେଇ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ମହାପ୍ରଭୁଙ୍କ ପହଣ୍ଡି ନୀତିକୁ ଶୃଙ୍ଖଳିତ କରିବା ପାଇଁ କେତେସଂଖ୍ୟକ ସେବାୟତ ରହିବେ ତା’ ଉପରେ ଖୁବଶୀଘ୍ର ସଂଖ୍ୟା ନିରୂପଣ କରାଯାଇ ସ୍ଥିର କରାଯିବ। ପ୍ରତ୍ୟେକ ରଥ ପାଇଁ ପହଣ୍ଡି ଦଳ ରହିବେ। ଏଥିପାଇଁ ସଂଖ୍ୟା ନିରୂପଣ ହେବ। ଏ ସଂକ୍ରାନ୍ତରେ ସେବାୟତ ନିଯୋଗ, ବାଡ଼ଗ୍ରାହୀଙ୍କ ସହ ଆଲୋଚନା କରାଯିବ। ରଥ ଉପରେ ଅଣ ସେବାୟତ ଚଢ଼ିବା ଏବଂ ମୋବାଇଲ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି।

**ଅଦିନିଆ ରଥଯାତ୍ରାକୁ ନେଇ ଗଜପତିଙ୍କ କ୍ଷୋଭ**



ଯେକେହି ଏହାକୁ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ମୋବାଇଲ ସିଜ୍ କରାଯିବା ସହ ଫୌଜଦାରି ମାମଲା ରୁଜୁ କରାଯିବ।

ବୈଠକ ପରେ ଗଜପତି ମହାରାଜା କହିଛନ୍ତି, ଦୀଘାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ ଶ୍ରୀଜଗନ୍ନାଥ ଧାମ ଭାବେ ଅଭିହିତ କରାଯାଇଛି, ତାହା ସମସ୍ତଙ୍କ ମନକୁ ବ୍ୟଥିତ କରିଛି। କାରଣ ଏହା ପରମ୍ପରା ଓ ସଂସ୍କୃତି ବିରୋଧୀ। ଶ୍ରୀକ୍ଷେତ୍ର ପୁରୀକୁ ଛାଡ଼ି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ରଣନୀତିକ ବିପଦ**

# କୋଟା: ୫ ମାସରେ ୧୫ ଆତ୍ମହତ୍ୟା

**ବିଦ୍ୟାର୍ଥୀମାନେ କେବଳ କୋଟାରେ କାହିଁକି ଆତ୍ମହତ୍ୟା କରୁଛନ୍ତି ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ରାଜସ୍ଥାନ ସରକାରଙ୍କୁ ଜବାବ ମାଗିଥିଲେ। ମାତ୍ର ଏହାର ଦୁଇ ଦିନ ପରେ ସେଠାରେ ଜମ୍ମୁ-କଶ୍ମୀରର ଜଣେ ୧୮ ବର୍ଷୀୟା ନିଟ୍ ଆଶାୟୀ ଆତ୍ମହତ୍ୟା କରିଛନ୍ତି। ଏହା ଚଳିତ ମାସର ଦ୍ୱିତୀୟ ଘଟଣା ହୋଇଥିବାବେଳେ ୫ମାସ ମଧ୍ୟରେ ୧୫ଜଣଙ୍କ ଆତ୍ମହତ୍ୟା ଚିନ୍ତାର କାରଣ ପାଲଟିଛି।**

**ଜୟପୁର,୨୬।୫**

ବିଭିନ୍ନ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ନିମନ୍ତେ ସାରା ଦେଶରୁ ପ୍ରତିବର୍ଷ ଲକ୍ଷାଧିକ ଛାତ୍ରୀଛାତ୍ର କୋଚିଂ ହବ୍ ଭାବେ ପରିଚିତ ରାଜସ୍ଥାନର କୋଟା ସହରକୁ ଆସିଥାନ୍ତି। ତେବେ ପାଠପଢ଼ା ଚାପ ସହ ଅସଫଳ ହେବାର ଆଶଙ୍କା କରି ବିଭିନ୍ନ ସମୟରେ ଆଶାୟୀ ଛାତ୍ରୀଛାତ୍ର ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଆପଣାଉଛନ୍ତି। ଆତ୍ମହତ୍ୟା ରୋକିବା ପାଇଁ ସରକାରୀ ସ୍ତରରେ କେତେକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଏହା କମିବା ନାଁ ଧରୁନି। ଚଳିତ ବର୍ଷ ୫ ମାସ ମଧ୍ୟରେ କୋଟାରେ ୧୫ ଛାତ୍ରୀଛାତ୍ର ଆତ୍ମହତ୍ୟା କଲେଣି।

ବିଦ୍ୟାର୍ଥୀମାନେ କେବଳ କୋଟାରେ କାହିଁକି ଆତ୍ମହତ୍ୟା କରୁଛନ୍ତି ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲା ବେଳେ ଏହାର ୨ ଦିନ ପରେ ସେଠାରେ ଜମ୍ମୁ-କଶ୍ମୀରର ଜଣେ ୧୮ ବର୍ଷୀୟା ନିଟ୍ ଆଶାୟୀ ଆତ୍ମହତ୍ୟା କରିଛନ୍ତି। ଏହା ଚଳିତ ମାସର ଦ୍ୱିତୀୟ ଘଟଣା ହୋଇଥିବାବେଳେ ଚଳିତ ବର୍ଷର ୧୫ତମ ଆତ୍ମହତ୍ୟା। ପୋଲିସ ସୂଚନା ଅନୁଯାୟୀ, ମୃତା ଜିଶନ କୋଟା ସହରର ପ୍ରତାପ ଚୌରାହାସ୍ଥିତ ଏକ ପେଇଙ୍ଗ୍ ଗେଷ୍ଟ ରୁମ୍‌ରେ ରହୁଥିଲେ। ସେ ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଫୋନ୍ କରି ଜଣାଇଥିଲେ। ସମ୍ପର୍କୀୟ ଜଣକ ଜିଶନ ରହୁଥିବା ରୁମ୍‌ର ଉପର ମହଲାରେ ଥିବା ଅନ୍ୟ ଜଣେ ଛାତ୍ରୀଙ୍କୁ ଫୋନ୍ କରି କ’ଣ ହୋଇଛି ଦେଖିବାକୁ କହିଥିଲେ। ତେବେ ରୁମ୍ ଭିତରପଟୁ ବନ୍ଦ ଥିବାରୁ ଅନ୍ୟମାନେ ମିଶି ଏହାକୁ ଭାଙ୍ଗିବା ପରେ ଜିଶନ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଉକ୍ତ ପ୍ରକୋଷ୍ଠରେ ଆତ୍ମହତ୍ୟା ନିରୋଧୀ ଉପକରଣ ନ ଥିଲା ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ମଧ୍ୟପ୍ରଦେଶର ଜଣେ ଏନ୍‌ଇଇଟି ଆଶାୟୀ ଛାତ୍ରୀ ନିଜ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଥିଲେ।

# ୧,୦୦୦ ଟପିଲା କୋଭିଡ୍ ମାମଲା

**ନୂଆଦିଲ୍ଲୀ,୨୬।୫**



**୭ ଜୀବନ ଗଲାଣି**

କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଆସିବା ପରେ ଦେଶରେ ଗତ କିଛିଦିନ ମଧ୍ୟରେ ସଂକ୍ରମଣ ୧,୦୦୦ ଟପିଛି। କେନ୍ଦ୍ରୀୟ କୋଭିଡ୍-୧୯ ଡାଟାବୋର୍ଡ ଅନୁଯାୟୀ, ସୋମବାର ଦେଶରେ ସକ୍ରିୟ ମାମଲା ସଂଖ୍ୟା ୧,୦୦୯ ରହିଥିବାବେଳେ ରାଜଧାନୀ ଦିଲ୍ଲୀରେ ଅନ୍ୟୂନ ୧୦୪ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଛି। କେରଳରେ ସର୍ବାଧିକ ୪୩୦ ମାମଲା ଚିହ୍ନଟ ହୋଇଛି। ଗତ ୧୯ରୁ ସୋମବାର ସୁଦ୍ଧା ସେଠାରେ ୩୩୫ ଜଣ ସଂକ୍ରମିତ ହୋଇଛନ୍ତି। ୨୦୯ ମାମଲା ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ସେଠାରେ ଗତ ସପ୍ତାହରେ ୧୫୩ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ସପ୍ତାହରେ କୋଭିଡ୍‌ରେ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦୫ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡ଼ିଛି।

ସଂକ୍ରମଣ ବୃଦ୍ଧିକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ସଂକ୍ରମଣ ଗୁରୁତର ନ ଥିବାରୁ ଚିନ୍ତିତ ହେବାର କୌଣସି କାରଣ ନାହିଁ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ମହାନିର୍ଦ୍ଦେଶକ ଡ. ରାଜୀବ ବେହଲ ସୋମବାର କହିଛନ୍ତି। ନୂଆ କୋଭିଡ୍ ଭାରିଆଣ୍ଟ ଚିହ୍ନଟ ହୋଇଛି। ପଶ୍ଚିମ ଓ ଦକ୍ଷିଣ ଭାରତରେ ନମୁନାଗୁଡ଼ିକର ଜିନୋମ୍ ସେକ୍ୱେନ୍ସିଂରୁ ନୂଆ ଭାରିଆଣ୍ଟ ଗୁରୁତର ନ ଥିବା ଓମିକ୍ରନ୍‌ର ଏକ ଉପପ୍ରଜାତି ବୋଲି ଜଣାପଡ଼ିଛି। ସେହି ଭାରିଆଣ୍ଟଗୁଡ଼ିକ ହେଲା ଏଲ୍‌ଏଫ୍.୭, ଏକ୍ସଏଫ୍‌ଜି, ଜେଏନ୍.୧ ଏବଂ ଏନ୍‌ବି.୧.୮.୧। ତେବେ ପ୍ରଥମ ୩ଟି ଭାରିଆଣ୍ଟ ଅଧିକ ସଂକ୍ରମିତ ହେଉଥିବା ଡ. ବେହଲ କହିଛନ୍ତି।



**ମୁମ୍ବାଇରେ ରେକର୍ଡ ବର୍ଷା**

ସୋମବାର ହୋଇଥିବା ପ୍ରବଳ ବର୍ଷାରେ ମୁମ୍ବାଇର ମାଟୁଙ୍ଗାସ୍ଥିତ ଗାନ୍ଧୀ ମାର୍କେଟ୍ ନିକଟ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। (ରିପୋର୍ଟ: ପୃଷ୍ଠା-୨)

# ଲଘୁଚାପ: ୪ ଦିନ ଭାରିବର୍ଷା

**ଭୁବନେଶ୍ୱର,୨୬।୫ (ଅନୁରାଧା ମହାରଣା)**

ପଶ୍ଚିମ କେନ୍ଦ୍ରୀୟ ଓ ତା’ର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ମଙ୍ଗଳବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ୨ଦିନରେ ଏହା ଅଧିକ ଘନୀଭୂତ ହୋଇ ରାଜ୍ୟରେ ପ୍ରବଳ ବର୍ଷା କରାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାସହ ଏକ ଟ୍ରପ ଲାଇନ୍ ମଧ୍ୟ ସକ୍ରିୟ ହୋଇପାରେ। ଫଳରେ ୨୭ ତାରିଖରୁ ୩୦ ତାରିଖ ଯାଏ ୪ଦିନ ରାଜ୍ୟରେ ଭାରି ବର୍ଷା ସମ୍ଭାବନା ରହିଛି। ଏ ନେଇ ବିଭିନ୍ନ ଜିଲାକୁ ଆଲର୍ଟ ଜାରି କରାଯାଇଛି। ଏଥିସହ ୨୯ରୁ ଜୁନ୍ ୧ ଯାଏ ପ୍ରବଳ ବର୍ଷା ସହ ୫୦ କି.ମି. ବେଗରେ ପବନ ବହିପାରେ। ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବାକୁ ବାରଣ କରାଯାଇଛି। ଏହା ମୌସୁମୀ ଅଗ୍ରସରକୁ ଆହୁରି ସକ୍ରିୟ କରିବ। ଓଡ଼ିଶାରେ ମୌସୁମୀ ଆଗମନ ନେଇ ସ୍ଥିତି ଅନୁକୂଳ ରହିବ। ସୂଚନାନୁସାରେ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହେଉଥିବାବେଳେ ଆଗାମୀ ୫ ଦିନ ଯାଏ ବର୍ଷା ଲାଗିରହିବ। ମଙ୍ଗଳବାର ସମସ୍ତ ଜିଲାରେ ବିଜୁଳି ଘଡ଼ଘଡ଼ି ବର୍ଷା ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଦକ୍ଷିଣ ଓ ଉତ୍ତର ଓଡ଼ିଶା ସମେତ ଉପକୂଳବର୍ତ୍ତୀ ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେସବୁ ଜିଲା ହେଲା କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଳାହାଣ୍ଡି, କେନ୍ଦୁଝର ଓ ମୟୂରଭଞ୍ଜ।

# ମେଡିକାଲ ଚେକ୍‌ଅପ୍ ବାହାନାରେ ହୋଟେଲରେ କଏଦୀଙ୍କ ମଉଜ

**ଜୟପୁର,୨୬।୫**

ଜୟପୁରସ୍ଥିତ ସେଣ୍ଟ୍ରାଲ ଜେଲରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଜେଲର ୪ କଏଦୀ ମେଡିକାଲ ଚେକ୍‌ଅପ୍‌ର ଅନୁମତି ନେଇ ହସ୍ପିଟାଲ ଯିବା ବାହାନାରେ ସହରର ବିଭିନ୍ନ ହୋଟେଲରେ ନିଜ ପ୍ରେମିକା ଏବଂ ସ୍ତ୍ରୀଙ୍କ ସହ ମଉଜ ମଜଲିସ୍ କରୁଥିଲେ। ଜୟପୁର ସେଣ୍ଟ୍ରାଲ ଜେଲର କେତେଜଣ କନ୍‌ଷ୍ଟେବଲ ଲାଞ୍ଚ ନେଇ ଉକ୍ତ ୪ କଏଦୀଙ୍କୁ ହୋଟେଲ ଯିବାରେ ସହାୟତା କରୁଥିଲେ। ପୋଲିସ ସୋମବାର ଏହି ଘଟଣାର ପର୍ଦ୍ଦାଫାଶ କରି ସମୁଦାୟ ୧୩ ଜଣଙ୍କୁ ଗିରଫ କରିଛି। ୫ କନ୍‌ଷ୍ଟେବଲ, ୪ କଏଦୀ ଏବଂ ସେମାନଙ୍କ ୪ ସମ୍ପର୍କୀୟଙ୍କୁ ଗିରଫ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଜେଲର ୪ କଏଦୀ ରଫିକ ବକ୍‌ରୀ, ଭଂଓର ଲାଲ୍, ଅଙ୍କିତ ବଂଶଲ ଏବଂ କରନ ଗୁପ୍ତା ନିୟମିତ ଭାବେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା ବାହାନା କରି ମେଡିକାଲ ଚେକ୍‌ଅପ୍ ପାଇଁ ସହରର ଏସ୍‌ଏମ୍‌ଏସ୍ ହସ୍ପିଟାଲକୁ ଯିବା ପାଇଁ ଅନୁମତି ମାଗୁଥିଲେ। ଅନୁମତି ମିଳିବା ପରେ ସେମାନେ ଜେଲର କେତେଜଣ କନ୍‌ଷ୍ଟେବଲଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ବୁଲାବୁଲି କରିବା ସହ ହୋଟେଲରେ ନିଜ ନିଜ ପ୍ରେମିକା କିମ୍ବା ସ୍ତ୍ରୀଙ୍କ ସହ ମଉଜ କରୁଥିଲେ। ପୋଲିସର ସୂଚନା ଅନୁଯାୟୀ, ଶନିବାର ଜେଲର ୫ କଏଦୀ ଏସ୍‌ଏମ୍‌ଏସ୍ ହସ୍ପିଟାଲରେ ମେଡିକାଲ ଚେକ୍‌ଅପ୍ ପାଇଁ ଅନୁମତି ନେଇଥିଲେ। ତେବେ ସେମାନଙ୍କ ମଧ୍ୟରୁ କେବଳ ଜଣେ କଏଦୀ ହସ୍ପିଟାଲରେ ପହଞ୍ଚିଥିଲେ। ସନ୍ଧ୍ୟା ୫ଟା ୩୦ ସୁଦ୍ଧା ଅନ୍ୟ ୪ କଏଦୀ ଜେଲ ନ ଫେରିବାରୁ ସେମାନଙ୍କୁ ଖୋଜାଯାଇଥିଲା। ଜୟପୁରର ଜାଲପୁରାସ୍ଥିତ ଏକ ହୋଟେଲରେ ପ୍ରେମିକାଙ୍କ ସହ ମଉଜ କରୁଥିବାବେଳେ ଭଂଓର ଲାଲ ଧରାପଡ଼ିଥିଲେ। ରଫିକ ମଧ୍ୟ ନିଜ ସ୍ତ୍ରୀଙ୍କ ସହ ଅନ୍ୟ ଏକ ହୋଟେଲରେ ଥିଲେ। ରଫିକ ଏବଂ ତାଙ୍କ ସ୍ତ୍ରୀଙ୍କଠାରୁ ପୋଲିସ ଡ୍ରଗ୍ସ ଜବତ କରିଛି। ସେହିପରି ଜୟପୁର ଏୟାରପୋର୍ଟ ନିକଟସ୍ଥ ଏକ ହୋଟେଲରୁ ଅଙ୍କିତ ଏବଂ କରନ୍ ଧରାପଡ଼ିଥିଲେ। ସେଠାରେ ଉଭୟେ ଜଳଖିଆରେ ପୋହା ଖାଉଥିଲେ ବୋଲି ପୋଲିସ କହିଛି। ଉକ୍ତ ହୋଟେଲ ରୁମ୍‌କୁ ଅଙ୍କିତଙ୍କ ପ୍ରେମିକା ବୁକ୍ କରିଥିବା ଜଣାପଡ଼ିଛି। ୨୫ ହଜାର ଟଙ୍କା ବ୍ୟୟରେ ଜଣେ ମଧ୍ୟସ୍ଥଙ୍କ ଦ୍ୱାରା ୪ କଏଦୀଙ୍କ ମଉଜ ପାଇଁ ଆୟୋଜନ କରାଯାଉଥିଲା। ସେହିପରି କଏଦୀଙ୍କ ସହ ଥିବା କନ୍‌ଷ୍ଟେବଲଙ୍କୁ ଲାଞ୍ଚରେ ୫ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଘଟଣାକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

**୫ କନ୍‌ଷ୍ଟେବଲଙ୍କୁ ମିଶାଇ ୧୩ ଗିରଫ**



ଗିରଫ ଅଭିଯୁକ୍ତମାନଙ୍କ ସହ ପୋଲିସ।




## ସଂକ୍ଷେପରେ

### ୮ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ୧୯ରେ

ନୂଆଦିଲ୍ଲୀ,୨୬।୫

ରାଜ୍ୟ ସଭାର ୮ ସଦସ୍ୟଙ୍କ କାର୍ଯ୍ୟକାଳ ଆଗାମୀ ୨ ମାସରେ ଶେଷ ହେବାକୁ ଯାଉଥିବାରୁ ଜୁନ୍ ୧୯ରେ ଉକ୍ତ ଆସନ ପାଇଁ ନିର୍ବାଚନ କରାଯିବ ବୋଲି ସୋମବାର ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ଇସିଙ୍କ ସୂଚନା ଅନୁଯାୟୀ, ଜୁନ୍ ୧୪ରେ ଆସାମର ଭାଜପା ନେତା ବୀରେନ୍ଦ୍ର ପ୍ରସାଦ ବୈଶ୍ୟ ଏବଂ ମିଶନ ରଞ୍ଜନ ଦାସଙ୍କ ରାଜ୍ୟ ସଭା ସଦସ୍ୟତା ଶେଷ ହେବ। ସେହିପରି ଜୁଲାଇ ୨୪ରେ ତାମିଲନାଡୁର ପିଏମ୍‌କେ ନେତା ଅମ୍ବୁମଣି ରାମଦୋସ, ଏଆଇଏଡିଏମ୍‌କେର ଏନ୍. ଚନ୍ଦ୍ରଶେଖରନ୍, ଡିଏମ୍‌କେର ଏମ୍. ଶନମୁଗମ୍, ପି. ୱିଲ୍‌ସନ ଏବଂ ଏମ୍‌ଡିଏମ୍‌କେର ଭାଇକୋଙ୍କ କାର୍ଯ୍ୟକାଳ ଶେଷ ହେବ। ନିର୍ବାଚନ ପାଇଁ ଜୁନ୍ ୨ରେ ବିଜ୍ଞପ୍ତିପ୍ରକାଶ ପାଇବ ବୋଲି ଇସି କହିଛନ୍ତି।

### ପୁଟିନ୍ ପାଗଳ ହୋଇଗଲେଣି: ଟ୍ରମ୍ପ୍

କିଭ୍/ୱାଶିଂଟନ୍, ୨୬।୫

ରୁଷିଆ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ୟୁକ୍ରେନ୍ ସହ ଯୁଦ୍ଧ ଚଳାଇଥିବାବେଳେ ଦିନକ ପୂର୍ବରୁ ସବୁଠୁ ବଡ଼ ଆକ୍ରମଣ କରିଥିଲା।


ଭ୍ଲାଡିମିର ପୁଟିନ୍

ଯୁଦ୍ଧବିରତି ପାଇଁ ଆମେରିକା ଉଦ୍ୟମ ଚଳାଇଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ବଢ଼ାଇ ଚାଲିଛନ୍ତି। ତେଣୁ ପୁଟିନ୍ 'ପାଗଳ' ହୋଇଗଲେଣି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ମସ୍କୋ ବିରୋଧରେ ଅଧିକ କଟକଣା ଲଗାଇବାକୁ ବିଚାର କରୁଥିବା ଟ୍ରମ୍ପ୍ ସୂଚନା ଦେଇଛନ୍ତି। ରବିବାର ରାତିରେ ମସ୍କୋ କିଭ୍ ଉପରେ ୩୫୫ଟି ଡ୍ରୋନ୍ ଆକ୍ରମଣ କରିଥିବା ୟୁକ୍ରେନ୍ ସେନା ପକ୍ଷରୁ କୁହାଯାଇଛି। ଏଥିସହିତ ରୁଷିଆ ୯ଟି କ୍ରୁଜ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଶନିବାର ରାତିରେ ମଧ୍ୟ କିଭ୍ ସମେତ ଅନ୍ୟ ଅଞ୍ଚଳରେ ରୁଷିଆ ଡ୍ରୋନ୍ ଓ ମିଶାଇଲ ଆକ୍ରମଣ କରିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା।

# ୧୦୭ ବର୍ଷର ରେକର୍ଡ ଭାଙ୍ଗିଲା ମୁମ୍ବାଇ ବର୍ଷା


ମୁମ୍ବାଇ ସ୍ଥିତି ବେହାଲ: ବର୍ଷାରେ ରାସ୍ତା ଜଳମଗ୍ନ।


ଯାତ୍ରୀମାନେ ଜଳଭର୍ତ୍ତି ରାସ୍ତା ପାର୍ ହେଉଛନ୍ତି।

## ଟ୍ରେନ୍ ସେବା ବାଧାପ୍ରାପ୍ତ, ୨୫୦ ବିମାନ ଉଡ଼ାଣ ପ୍ରଭାବିତ

ମୁମ୍ବାଇ, ୨୬।୫

ସଅଳ ମୌସୁମୀ ସହ ଲଗାଣ ବର୍ଷା ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ଜନଜୀବନକୁ ପ୍ରଭାବିତ କରିଛି। ଚଳିତ ମାସରେ ମୁମ୍ବାଇରେ ହୋଇଥିବା ବର୍ଷା ୧୦୭ ବର୍ଷର ରେକର୍ଡ ଭାଙ୍ଗିଛି। ଲଗାଣ ବର୍ଷା ଯୋଗୁ ସୋମବାର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଫଳରେ ସହରରେ ଦୈନନ୍ଦିନ ଜୀବନଯାତ୍ରାରେ ବାଧା ଉପୁଜିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସୂଚନା ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ମୌସୁମୀ ମୁମ୍ବାଇରେ ପହଞ୍ଚିଛି। ଗତ ୬୯ ବର୍ଷ ମଧ୍ୟରେ ମୁମ୍ବାଇରେ ମୌସୁମୀର ଆଗମନ ସବୁଠାରୁ ଶୀଘ୍ର ହୋଇଥିବା ଆଇଏମ୍‌ଡି କହିଛି। ମହାରାଷ୍ଟ୍ର ରାଜ୍ୟ ପାଣିପାଗ ବିଭାଗ ଅନୁଯାୟୀ, ସାଧାରଣତଃ ମୁମ୍ବାଇରେ ଜୁନ୍ ୧୧ରେ ମୌସୁମୀ ପହଞ୍ଚିଥାଏ। ତେବେ ଚଳିତ ଥର ୧୬ ଦିନ ପୂର୍ବରୁ ମୌସୁମୀ ପହଞ୍ଚିଛି। ପୂର୍ବରୁ ୧୯୫୬, ୧୯୬୨ ଏବଂ ୧୯୭୧ରେ ମେ' ୨୯ରେ ମୌସୁମୀ ମୁମ୍ବାଇ ଛୁଇଁଥିଲା। ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତ ହେବାର ଆକଳନ କରି ଆଇଏମ୍‌ଡି ପକ୍ଷରୁ ମୁମ୍ବାଇ ଏବଂ ଏହାର ନିକଟବର୍ତ୍ତୀ ଜିଲା ଠାଣେ, ରାୟଗଡ଼ ଏବଂ ରତ୍ନଗିରି ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି।

ଲଗାଣ ବର୍ଷା ଯୋଗୁ ସହରର ପରିବହନ ଏବଂ ବିମାନ ଚଳାଚଳ ସେବା ବାଧାପ୍ରାପ୍ତ ହୋଇଛି। ମୁମ୍ବାଇରେ ୨୫୦ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ସ୍ପାଇସ୍‌ଜେଟ ଏବଂ ଏୟାରଇଣ୍ଡିଆ ଏୟାରଲାଇନ୍ସ ପକ୍ଷରୁ ନିଜ ପାସେଞ୍ଜରଙ୍କ ପାଇଁ ଆଡ୍‌ଭାଇଜରି ଜାରି କରାଯାଇଛି। ମୁମ୍ବାଇକୁ ଯାଉଥିବା କିମ୍ବା ମୁମ୍ବାଇରୁ ଆସୁଥିବା ଯାତ୍ରୀମାନେ ନିଜ ନିଜ ଫ୍ଲାଇଟ ଷ୍ଟାଟସ୍ ଉପରେ ନଜର ରଖିବାକୁ ଏୟାରଲାଇନ୍ସ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ସହରର ଟ୍ରେନ୍ ସେବା ମଧ୍ୟ ପ୍ରଭାବିତ ହୋଇଛି। ନବନିର୍ମିତ ୱର୍ଲି ଭୂତଳ ମେଟ୍ରୋ ଷ୍ଟେଶନରେ ପାଣି ପଶି କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ମୁମ୍ବାଇର ବିଭିନ୍ନ ସ୍ଥାନରେ ଥିବା ରେଳ ଟ୍ରାକ୍‌ରେ ପାଣି ଜମିଥିବାରୁ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଛି। ଅନେକ ଟ୍ରେନ୍ ବିଳମ୍ବରେ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରିଛି। ସହରର କୁର୍ଲା, ସିଓନ, ଦାଦର, ପାରେଲ ଆଦି ତଳି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ମଧ୍ୟରେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସପାଲ କର୍ପୋରେଶନ (ବିଏମ୍‌ସି) ଏବଂ ମହାରାଷ୍ଟ୍ର ହାଉସିଂ ଆଣ୍ଡ୍ ଏରିଆ ଡେଭଲପ୍‌ମେଣ୍ଟ ଅଥରିଟି (ଏମ୍‌ଏଚ୍‌ଏଡିଏ) ପକ୍ଷରୁ ସହରରେ ଥିବା ୯୬ଟି କୋଠାକୁ ବର୍ଷାଋତୁ ପାଇଁ ବିପଜ୍ଜନକ ଚିହ୍ନଟ କରାଯାଇ, ସେଠାରେ ରହୁଥିବା ୩,୧୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ମୁମ୍ବାଇରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

### କାର୍ଯ୍ୟକାରୀ ହେଲା ଭାରତ ଫୋର୍‌କାଷ୍ଟ ସିଷ୍ଟମ

#### ପାଣିପାଗ ପୂର୍ବାନୁମାନ ସାମର୍ଥ୍ୟ ବଢ଼ାଇବ

ନୂଆଦିଲ୍ଲୀ,୨୬।୫

ଦେଶର ପାଣିପାଗ ପୂର୍ବାନୁମାନ ସାମର୍ଥ୍ୟ ବୃଦ୍ଧି ପାଇଁ କେନ୍ଦ୍ର ସରକାର ସୋମବାର ବିଶ୍ୱର ସର୍ବାଧିକ ରିଜଲ୍ୟୁଶନ ବିଶିଷ୍ଟ ପାଣିପାଗ ମଡେଲ୍ ଭାରତ ଫୋର୍‌କାଷ୍ଟିଂ ସିଷ୍ଟମ୍ (ବିଏଫ୍‌ଏସ୍) ଉନ୍ମୋଚନ କରିଛନ୍ତି। ସୀମିତ ଅଞ୍ଚଳ ମଧ୍ୟରେ ପାଣିପାଗର ସଠିକ୍ ଆକଳନ କରିବା ଲକ୍ଷ୍ୟରେ ପାର୍ଥସାରଥି ମୁଖୋପାଧ୍ୟାୟ ଓ ଅନ୍ୟ ଗବେଷକମାନେ ଏହି ମଡେଲକୁ ବିକଶିତ କରିଛନ୍ତି। ପାଣିପାଗ ବିଜ୍ଞାନରେ ଭାରତକୁ ଆତ୍ମନିର୍ଭର କରାଇବା ଦିଗରେ ଏହା ଏକ ଉଲ୍ଲେଖନୀୟ ସଫଳତା। ଏହାଦ୍ୱାରା ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପାଣିପାଗର ଠିକ୍ ଆକଳନ କରାଯାଇପାରିବା ଫଳରେ ବିପର୍ଯ୍ୟୟ ଆଶଙ୍କାକୁ କମ୍ କରାଯିବା ସହ କୃଷି, ଜଳସମ୍ପଦ ପରିଚାଳନା ଏବଂ ଜନସୁରକ୍ଷାରେ ସହାୟକ ହେବ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତବର୍ଷ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟେରୋଲୋଜି (ଆଇଆଇଏମ୍‌ଟି) କ୍ୟାମ୍ପସରେ ଆର୍କା ନାମରେ ନୂଆ ସୁପରକମ୍ପ୍ୟୁଟର ସଂଯୋଗ ବଳରେ ବିଏଫ୍‌ଏସ୍ ସମ୍ଭବ ହୋଇପାରିଛି। ଆର୍କା କମ୍ପ୍ୟୁଟର ସାମର୍ଥ୍ୟକୁ ୧୧.୭୭ ପେଟାଫ୍ଲପ୍ ଏବଂ ଷ୍ଟୋରେଜ୍ କ୍ଷମତାକୁ ୩୩ ପେଟାବାଇଟ୍ ପର୍ଯ୍ୟନ୍ତ ବଢ଼ାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂ ଭାରତ ଫୋର୍‌କାଷ୍ଟିଂ ସିଷ୍ଟମକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।


ଗୁଜରାଟର ବଡ଼ୋଦରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଡ୍ ଶୋ କରୁଛନ୍ତି।

### ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି: ସିଆର୍‌ପିଏଫ୍ ଯବାନ ଗିରଫ

ନୂଆଦିଲ୍ଲୀ,୨୬।୫(ପି.ଟି.)

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି କରୁଥିବା ଅଭିଯୋଗରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ର ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟରଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗିରଫ କରିଛି। ମୋତିରାମ ଜାଟ୍ ନାମକ ଅଭିଯୁକ୍ତ ଗୁପ୍ତଚର ବୃତ୍ତିରେ ସକ୍ରିୟ ଭାବେ ସମ୍ପୃକ୍ତ ଥିଲେ। ୨୦୨୩ରୁ ସେ ପାକିସ୍ତାନର ଗୋଇନ୍ଦା ଅଧିକାରୀମାନଙ୍କୁ ଜାତୀୟ ସୁରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଆସୁଥିଲେ ବୋଲି ଏନ୍‌ଆଇଏର ଜଣେ ଅଫିସର କହିଛନ୍ତି। ସିଆର୍‌ପିଏଫ୍‌ର ଏହି ଅଫିସର ଜଣଙ୍କ ବିଭିନ୍ନ ମାଧ୍ୟମ ଦେଇ ପାକିସ୍ତାନୀ ଗୋଇନ୍ଦା ଅଫିସରଙ୍କଠାରୁ ଟଙ୍କା ପାଉଥିଲେ। ଦିଲ୍ଲୀରୁ ଜାଟ୍‌ଙ୍କୁ ଗିରଫ କରିବା ପରେ ଏନ୍‌ଆଇଏ ତାଙ୍କୁ ଜେରା କରୁଛି। ଇତିମଧ୍ୟରେ ସିଆର୍‌ପିଏଫ୍ ତାଙ୍କୁ ଚାକିରିରୁ ବରଖାସ୍ତ କରିଛି।

ଜାଟ୍‌ଙ୍କ ସୋସିଆଲ ମିଡିଆ କାର୍ଯ୍ୟକୁ ନେଇ ସନ୍ଦେହ ହେବାରୁ କେନ୍ଦ୍ରୀୟ ଏଜେନ୍ସି ସହ ସମନ୍ୱୟ ରଖି ସିଆର୍‌ପିଏଫ୍ ତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ସେ ଅର୍ଦ୍ଧସାମରିକ ବାହିନୀର ନିୟମାବଳୀ ଓ ପ୍ରୋଟୋକଲ ବିରୋଧରେ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ଏନ୍‌ଆଇଏକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ସ୍ୱତନ୍ତ୍ର ଅଦାଲତରେ ଜାଟ୍‌ଙ୍କୁ ହାଜର କରାଯିବା ପରେ ଏନ୍‌ଆଇଏ ତାଙ୍କୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଛି।

### ଇସ୍ରାଏଲ ଆକ୍ରମଣରେ ଗାଜାରେ ୫୨ ମୃତ

ଡେର୍ ଅଲ୍ ବଲାହ, ୨୬।୫

ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ସୋମବାର ଗାଜାଷ୍ଟ୍ରିପ୍‌ର ୫୨ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ଡେଲ୍ ଅଲ୍ ବଲାହ ସହରର ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଏକ ସ୍କୁଲକୁ ଟାର୍ଗେଟ କରାଯାଇ ଇସ୍ରାଏଲ ପକ୍ଷରୁ କରାଯାଇଥିବା ମିଶାଇଲ ମାଡ଼ରେ ୩୬ ଜଣଙ୍କର ମୃତ୍ୟୁ ଘଟିଛି। ରବିବାର ରାତିରେ ଉକ୍ତ ସ୍କୁଲରେ ବିସ୍ଥାପିତମାନେ ଶୋଇଥିବା ସମୟରେ ଇସ୍ରାଏଲ ପକ୍ଷରୁ ଆକ୍ରମଣ କରାଯାଇଥିବା ନେଇ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## ପାକିସ୍ତାନରେ ଜ୍ୟୋତିଙ୍କୁ ୬ ବନ୍ଧୁକଧାରୀ ସୁରକ୍ଷା ଦେଉଥିଲେ


ଜ୍ୟୋତି ମାଲହୋତ୍ରା

ନୂଆଦିଲ୍ଲୀ,୨୬।୫

ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ଲାହୋରର ଅନାରକଲି ବଜାରରେ ୬ ଜଣ ବନ୍ଧୁକଧାରୀ ସୁରକ୍ଷା ଦେଉଥିଲେ। ସେମାନଙ୍କ ହାତରେ ଏକେ-୪୭ ରାଇଫଲ ରହିଥିଲା। ଗତ ମାର୍ଚ୍ଚରେ ପାକିସ୍ତାନ ଗସ୍ତରେ ଯାଇଥିବା ସ୍କଟ୍‌ଲାଣ୍ଡ ୟୁଟ୍ୟୁବର କଲମ୍ ମିଲ୍ ଜ୍ୟୋତିଙ୍କ ସମ୍ପର୍କରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଜ୍ୟୋତିଙ୍କୁ ମିଳୁଥିବା ସୁରକ୍ଷା ବ୍ୟବସ୍ଥା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ବୋଲି କହିଛନ୍ତି। ସେ ଏହାର ଭିଡିଓ ଶୁଟ୍ କରିଥିଲେ। ମିଲ୍ ନିଜକୁ ସ୍କଟ୍‌ଲାଣ୍ଡର ୟୁଟ୍ୟୁବର ବୋଲି ପରିଚୟ ଦେବାରୁ ଏହା ତାଙ୍କର ପ୍ରଥମ ପାକିସ୍ତାନ ଗସ୍ତ କି ବୋଲି ଜ୍ୟୋତି ପଚାରିଥିଲେ। ମିଲ୍ ୫ ଥର ପାକିସ୍ତାନ ଆସିଥିବା କହିଥିଲେ। ଜ୍ୟୋତି ନିଜକୁ ଭାରତର ବୋଲି କହିବା ସହ ସେଠାକୁ ସେ ଯାଇଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ପାକିସ୍ତାନର ଆତିଥେୟତା ମହାନ ବୋଲି ଜ୍ୟୋତି ସ୍କଟିସ୍ ୟୁଟ୍ୟୁବରଙ୍କୁ କହିଥିଲେ।

### ଜେଲ୍ ଗଲେ ୟୁଟ୍ୟୁବର

ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ହରିୟାଣା ହିସାର ଏକ ଅଦାଲତ ସୋମବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପୂର୍ବରୁ ତାଙ୍କୁ ଦୁଇ ଥରରେ ୯ ଦିନ ପାଇଁ ପୋଲିସ ରିମାଣ୍ଡରେ ପଠାଯାଇଥିଲା। ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଚଳିତ ମାସରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରୁ ଜ୍ୟୋତିଙ୍କ ସମେତ ୧୨ ଜଣଙ୍କୁ ଗିରଫ କରାଗଲାଣି। ହିସାର ପୋଲିସର ସୂଚନା ଅନୁଯାୟୀ ଜ୍ୟୋତି କୌଣସି ସମ୍ବେଦନଶୀଳ ସାମରିକ ତଥ୍ୟ ହସ୍ତଗତ କରିଥିବାର ପ୍ରମାଣ ମିଳି ନ ଥିବାବେଳେ ସେ ପାକିସ୍ତାନୀ ଗୋଇନ୍ଦା ଅଧିକାରୀମାନଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ଜଣାପଡ଼ିଛି।

## ପାକିସ୍ତାନର ମିଛ ଧରାପଡ଼ିଲା

ନୂଆଦିଲ୍ଲୀ,୨୬।୫

### ଚାଇନା ଯୁଦ୍ଧାଭ୍ୟାସକୁ ଅପରେଶନ ବୁନ୍ୟାନ ଦାବିକରି ଟ୍ରୋଲ୍ ହେଲେ ପାକ୍ ସେନାମୁଖ୍ୟ

ଭାରତ ସହ ଲଢ଼େଇରେ ପାକିସ୍ତାନ ଜିତିଥିବା ଦାବିକରି ଚଳାଇଥିବା ମିଛ ପ୍ରଚାର ଧରାପଡ଼ିଯିବା ସହ ଏହାକୁ ଲଜ୍ଜିତ କରିଛି। ଏକ ହାଇପ୍ରୋଫାଇଲ ନୈଶ ଭୋଜିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ ମୁନିର ଚାଇନାର ୪ ବର୍ଷ ତଳର ଯୁଦ୍ଧାଭ୍ୟାସର ଫ୍ରେମ୍‌ଯୁକ୍ତ ପେଣ୍ଟିଂ ଉପହାର ଦେଇ ଏହାକୁ ଭାରତ ବିରୋଧରେ ପାକିସ୍ତାନର ସାମରିକ ଅଭିଯାନ 'ଅପରେଶନ ବୁନ୍ୟାନ' ବୋଲି ଦାବି କରିଛନ୍ତି। ଏହା ଜଣାପଡ଼ିଯିବା ପରେ ଇସ୍‌ଲମାବାଦ ସମେତ ସାରା ବିଶ୍ୱରୁ ସୋସିଆଲ ମିଡିଆ ୟୁଜରମାନେ ମୁନିରଙ୍କୁ ଟ୍ରୋଲ୍ କରିବାରେ ଲାଗିଛନ୍ତି।

ଭାରତ ବିରୋଧରେ ତଥାକଥିତ ସାମରିକ ଅଭିଯାନ କହି ମୁନିର ପ୍ରଧାନମନ୍ତ୍ରୀ ଶେହବାଜଙ୍କୁ ଦେଉଥିବା ପେଣ୍ଟିଂର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସୋସିଆଲ ମିଡିଆ ୟୁଜରମାନଙ୍କ ଆଖିରେ ପାକିସ୍ତାନର ମିଛ ଧରାପଡ଼ିଯାଇଛି। ଏହା ୪ ବର୍ଷ ତଳର ଚାଇନା ସମରାଭ୍ୟାସର ଦୃଶ୍ୟ ବୋଲି ଏକ୍ସ'ରେ ୟୁଜରମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି ସମରାଭ୍ୟାସର ସର୍ବସାଧାରଣରେ ଉପଲବ୍ଧ ଦୃଶ୍ୟକୁ ସିଧାସଳଖ ନିଆଯାଇଥିବା ଅନେକ ୟୁଜର ଦାବି କରିଛନ୍ତି। ଫଳରେ ପାକିସ୍ତାନର ଅପରେଶନ ବୁନ୍ୟାନ-ଅନ୍-ମାର୍ସୁସ୍ ବର୍ଣ୍ଣନାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠିଛି। ପାକିସ୍ତାନ କେବଳ ବିଜୟର ମିଛ ପ୍ରଚାର କରୁନାହିଁ, ମିଛ ଫଟୋ ମଧ୍ୟ ଦେଖାଉଛି। ଏହା କି ପ୍ରକାର ପରିହାସ ବୋଲି ଜଣେ ୟୁଜର ଏକ୍ସ'ରେ ଲେଖିଛନ୍ତି। ସେମାନେ ନିଜ ସାମରିକ ଅଭିଯାନର ପ୍ରକୃତ ଦୃଶ୍ୟ ଉତ୍ତୋଳନ କରିପାରି ନ ଥିବା ଅନ୍ୟ ଜଣେ ଲେଖିଛନ୍ତି। ଗୁଗଲ ଇମେଜ୍‌ରୁ ଚାଇନାର ପିଏଚ୍‌ଏଲ୍-୦୩ ରକେଟ ଲଞ୍ଚରକୁ ମୁନିର ଡାଉନ୍‌ଲୋଡ୍ କରି ଏହାର ଜାଲିଆତି ପେଣ୍ଟିଂକୁ ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେବା ଆଉ ଏକ ଲଜ୍ଜାଜନକ ମୁହୂର୍ତ୍ତ ବୋଲି ଅନ୍ୟ ଜଣେ ପୋଷ୍ଟ କରିଛନ୍ତି।


ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ସେନା ମୁଖ୍ୟ ଅସିମ ମୁନିର ଏକ ପେଣ୍ଟିଂ ଉପହାର ଦେଉଛନ୍ତି।

## ଫୁରସତ୍

# ନିର୍ମାଣ ହେଉଛି ୧୫୪ ମହଲା ଆପାର୍ଟମେଣ୍ଟ

### ନ୍ୟୁୟର୍କର ସେଣ୍ଟ୍ରାଲ ପାର୍କ ଟାୱାରକୁ ଟପିବ ବ୍ରାଜିଲର ସେନା ଟାୱାର

ବ୍ରାସିଲିଆ

ସମ୍ପ୍ରତି ବ୍ରାଜିଲର ବାଲ୍‌ନେରିଓ କାମ୍ବୋରିଓ ସହରରେ ବିଶ୍ୱର ସବୁଠାରୁ ଉଚ୍ଚ ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାର ନାମ ସେନା ଟାୱାର ରଖାଯିବ ବୋଲି ଜଣାପଡ଼ିଛି। ୧୫୪ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟର ଉଚ୍ଚତା ୧,୮୦୦ ଫୁଟ ରହିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ସମ୍ପ୍ରତି ଆମେରିକାର ନ୍ୟୁୟର୍କରେ ଥିବା ସେଣ୍ଟ୍ରାଲ ପାର୍କ ଟାୱାର ବିଶ୍ୱର ସବୁଠାରୁ ଉଚ୍ଚ ଆପାର୍ଟମେଣ୍ଟ ଭାବେ ସ୍ଥାନିତ ରହିଛି। ୧୩୧ ମହଲା ବିଶିଷ୍ଟ ସେଣ୍ଟ୍ରାଲ ପାର୍କ ଟାୱାର ୧,୫୫୦ ଫୁଟ୍ ଉଚ୍ଚ ରହିଛି। ତେବେ ସେନା ଟାୱାରର ଉଚ୍ଚତା ସେଣ୍ଟ୍ରାଲ ପାର୍କ ଟାୱାରକୁ ମଧ୍ୟ ଟପିବ ବୋଲି ଜଣାପଡ଼ିଛି।



ବ୍ରାଜିଲରେ ନିର୍ମାଣାଧୀନ ସେନା ଟାୱାରକୁ ଫର୍ମୁଲା ୧ ରେସିଂ କିମ୍ବଦନ୍ତୀ ଆୟର୍ଟନ ସେନାଙ୍କ ଜୀବନୀକୁ ନେଇ ଡିଜାଇନ୍ କରାଯାଉଛି। ଆୟର୍ଟନ ୩ ଥର ବିଶ୍ୱ ଚାମ୍ପିୟନ ଟାଇଟଲ ଜିତିଥିଲେ ଏବଂ ୧୯୯୪ରେ ସାନ୍ ମାରିନୋ ଗ୍ରାଣ୍ଡପିକ୍ସରେ ମାତ୍ର ୩୪ ବର୍ଷ ବୟସରେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେନା ଟାୱାରର ଡିଜାଇନ୍ ତାଙ୍କ ଯାତ୍ରାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଥିବା ପରି ପ୍ରସ୍ତୁତ ହେଉଛି। ଆୟର୍ଟନଙ୍କ ଝିଆରୀ ତଥା କଳାକାର ଲାଲଲି ସେନା ଏହି ଆପାର୍ଟମେଣ୍ଟ ଡିଜାଇନ୍‌ରେ ସାହାଯ୍ୟ କରୁଛନ୍ତି।

ସେନା ଟାୱାରରେ ମୋଟ ୨୨୭ ୟୁନିଟ୍ ରହିବ, ଯେଉଁଥିରୁ ୨୦୪ଟି ୟୁନିଟରେ କେବଳ ଆପାର୍ଟମେଣ୍ଟ କରାଯିବ ବୋଲି ଜଣାପଡ଼ିଛି। ଏହି ଟାୱାରର ସବୁଠାରୁ ଛୋଟ ଆପାର୍ଟମେଣ୍ଟର ମୂଲ୍ୟ ୫ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ୪୨ କୋଟି ଟଙ୍କା) ପର୍ଯ୍ୟନ୍ତ ରହିବ। ସେହିପରି ସର୍ବୋଚ୍ଚ ମହଲାରେ ଥିବା ଟ୍ରିପ୍ଲେକ୍ସ ପେଣ୍ଟହାଉସର ମୂଲ୍ୟ ୫୩ ମିଲିୟନ ଡଲାର (ପ୍ରାୟ ୪୫୩ କୋଟି ଟଙ୍କା) ପର୍ଯ୍ୟନ୍ତ ଯାଇପାରେ ବୋଲି ବିଭିନ୍ନ ରିପୋର୍ଟରେ କୁହାଯାଇଛି।


### 'ଡକାୟତ' : ଅଦିଭିଙ୍କ ବିପକ୍ଷରେ ମୃଣାଳ

#### ଟିଜର ଆଉଟ

ହାଇଦ୍ରାବାଦ

ଅଭିନେତା ଅଦିଭି ଶେଷ ଏବଂ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଆଗାମୀ ଫିଲ୍ମ 'ଡକାୟତ: ଏକ ପ୍ରେମ କଥା'ର ଟିଜରକୁ ସୋମବାର ଜାରି କରାଯାଇଛି। ଟିଜର ସାମ୍ନାକୁ ଆସିବା ପରେ ଫିଲ୍ମକୁ ନେଇ ଅଦିଭି ଏବଂ ମୃଣାଳଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୧ ମିନିଟ୍ ୧ ସେକେଣ୍ଡ ଲମ୍ବା ଏହି ଟିଜରର ଏକ ଦୃଶ୍ୟରେ ଫିଲ୍ମ ନିର୍ମାତା ତଥା ଅଭିନେତା ଅନୁରାଗ କଶ୍ୟପଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟିଜରରେ ଅଦିଭିଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଥିବାବେଳେ ଏଥିରେ ଅଦିଭି ଏବଂ ମୃଣାଳଙ୍କର ରୋମାନ୍ସକୁ ମଧ୍ୟ ଦେଖିବାକୁ ମିଳିଛି। ଫିଲ୍ମର କାହାଣୀ ପ୍ରେମ ଏବଂ ବିଶ୍ୱାସଘାତକତାକୁ ନେଇ ଆଧାରିତ ରହିଥିବା ନେଇ ଟିଜରରୁ ଜଣାପଡୁଛି। ଆସନ୍ତା ଡିସେମ୍ବର ୨୫ରେ କ୍ରିସ୍‌ମାସ୍ ଅବସରରେ ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ଏହି ଫିଲ୍ମକୁ ରିଲିଜ୍ କରାଯିବ। ଶାନାଲୀ ଦେଓଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଥମେ ଅଭିନେତ୍ରୀ ଶ୍ରୁତି ହାସନ ଅଦିଭିଙ୍କ ବିପକ୍ଷରେ ନଜରକୁ ଆସିବେ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପରେ ଶ୍ରୁତି କୌଣସି କାରଣବଶତଃ ଫିଲ୍ମରୁ ଓହରି ଯିବାରୁ ମୃଣାଳଙ୍କୁ ଏହି ଫିଲ୍ମରେ ସୁଯୋଗ ମିଳିଛି। 'ଡକାୟତ' ଫିଲ୍ମରେ ଅଭିନେତା ପ୍ରକାଶ ରାଜ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ।






# ରଥଯାତ୍ରା, ବର୍ଷପୂର୍ତ୍ତି ଉତ୍ସବରେ ଯୋଗଦେଇପାରନ୍ତି ପ୍ରଧାନମନ୍ତ୍ରୀ

## ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି

ଭୁବନେଶ୍ୱର,୨୬।୫ (ସୁନିତ୍ ମିଶ୍ର)

ଆସନ୍ତା ଜୁନ୍ ୧୨ରେ ରାଜ୍ୟର ଭାଜପା ସରକାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟ ପାଳନ କରିବାକୁ ଯାଉଛନ୍ତି। ସେହିପରି ଆସନ୍ତା ଜୁନ୍ ୨୭ରେ ହେବ ରଥଯାତ୍ରା। ଉଭୟ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ରଥଯାତ୍ରାରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣ କରିଛନ୍ତି। ଅନ୍ୟ ଭାଜପା ଶାସିତ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ସାକ୍ଷାତ କରିବା ସହ ନିମନ୍ତ୍ରଣ କରିଥିବା ଜଣେ ବରିଷ୍ଠ ଭାଜପା ନେତା କହିଛନ୍ତି।

ନିକଟରେ ଦିଲ୍ଲୀରେ ଆୟୋଜିତ ନୀତି ଆୟୋଗ ବୈଠକ ଓ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଅବସରରେ ସେ ଓଡ଼ିଶାରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଏବଂ ସରକାର ଗଠନ ହେବାର ବର୍ଷକ ମଧ୍ୟରେ ସରକାର କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ମୋଦିଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ତେଣୁ ଜୁନ୍ ୧୨ ବର୍ଷ ପୂର୍ତ୍ତି ଉତ୍ସବ ଓ ରଥଯାତ୍ରାରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୃଥ୍ୱୀରାଜ କହିଛନ୍ତି, ଭାଜପା ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ଅନେକ କାର୍ଯ୍ୟକ୍ରମ ହେବ। ଜୁନ୍ ୪ରୁ ୧୪ ମଧ୍ୟରେ ଏହି ସବୁ କାର୍ଯ୍ୟକ୍ରମର ଆୟୋଜନ କରିବା ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ନିମନ୍ତ୍ରଣ କରିଛନ୍ତି। ତେଣୁ ମୋଦି ଆସିବେ ବୋଲି ଆଶା କରୁଥିବା ପୃଥ୍ୱୀରାଜ କହିଛନ୍ତି।

ସୂଚନାଯୋଗ୍ୟ, ଭାଜପା ସରକାର ବର୍ଷ ପୂର୍ତ୍ତି ଉତ୍ସବକୁ ବଡ଼ ଆକାରରେ ପାଳନ କରିବାକୁ ଯାଉଛନ୍ତି। ଏଥିପାଇଁ ସରକାରୀ ସ୍ତରରେ ଘନ ଘନ ବୈଠକ ଚାଲିଛି। ଜନତା ମଇଦାନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଳନ କରାଯିବ। ସରକାରଙ୍କ ବିଭିନ୍ନ ସଫଳତାର ରିପୋର୍ଟ କାର୍ଡ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମାନେ ସାଧାରଣ ଲୋକଙ୍କ ନିକଟରେ ଉପସ୍ଥାପନ କରିବେ। ଏହାସହ ଏହି ଅବସରରେ ବଡ଼ଧରଣର ଘୋଷଣା କରାଯାଇପାରେ ବୋଲି ମଧ୍ୟ ଜଣାପଡ଼ିଛି।

# ଭୁଶୁଡ଼ିଲା ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଟନେଲ

ବୌଦ୍ଧ/ହରଭଙ୍ଗା,୨୬।୫ (ଅଜିତ ବାରିକ/ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ନିକଟ କଖାରୁଫାଳଠାରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ୪ ନଂ. ଟନେଲ ସୋମବାର ଭୁଶୁଡ଼ି ପଡ଼ିଛି। ଟନେଲର ଲମ୍ବ ୫ କି.ମି ଥିବାବେଳେ ସେଥିରେ ୩୦ ଫୁଟ୍‌ର ଗର୍ତ୍ତ ସୃଷ୍ଟି ହୋଇଛି। ଗିଲ୍ ଠିକାସଂସ୍ଥା ଉକ୍ତ କାମ କରୁଥିବା ବେଳେ ବର୍ଷା ଯୋଗୁ ଟନେଲ ଭୁଶୁଡ଼ି ପଡ଼ିଥିବା କୁହାଯାଇଛି। ରେଳ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏଥିରେ କୌଣସି ଶ୍ରମିକ ମୃତାହତ ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ରେଳୱେ ଡେପୁଟି ଚିଫ୍ ଇଞ୍ଜିନିୟର ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାରୁ ଟନେଲର ସେମିତି କିଛି ବଡ଼ଧରଣର କ୍ଷତି ହୋଇନାହିଁ। କୌଣସି ଶ୍ରମିକ ମୃତାହତ କିମ୍ବା ମେଶିନ କ୍ଷତି ହୋଇ ନ ଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଫମ୍ପ୍‌ସା ମାଟି ଏବଂ ଏହି ଅଞ୍ଚଳରେ ନିରନ୍ତର ବର୍ଷା ଯୋଗୁ ହାଲୁକା ମାଟି ଧସିଛି। ଏହି ଘଟଣା ପ୍ରକଳ୍ପର ସାମଗ୍ରିକ ଅଗ୍ରଗତିକୁ ପ୍ରଭାବିତ କରିବ ନାହିଁ। ସମସ୍ତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଯୋଜନା ଅନୁଯାୟୀ କାମ ଜାରି ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ମହାପ୍ରଭୁଙ୍କର ବଡ଼ମହାସ୍ନାନ

ପୁରୀ,୨୬।୫(ଅଜିତ୍ କୁମାର ମହାନ୍ତି)

ସାବିତ୍ରୀ ଅମାବାସ୍ୟା ଅବସରରେ ସୋମବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ତେବେ ଧ୍ୱଜୁଡ଼ି ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବାରୁ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ହୋଇଛି। ଫଳରେ ଅନ୍ୟ ନୀତିରେ ବିଳମ୍ବ ହୋଇଥିବାବେଳେ ମହାପ୍ରସାଦ ପାଇଁ ଭକ୍ତଙ୍କୁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡ଼ିଥିଲା।

ସୂଚନା ଅନୁଯାୟୀ, ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ସରି ଅନ୍ୟ ନୀତି ପାଇଁ ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ଧ୍ୱଜୁଡ଼ି ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ନୀତି ଓ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ପ୍ରାୟ ୨ଗଣ୍ଟା ପରେ ବଡ଼ମହାସ୍ନାନ ନୀତି ଶେଷ ହୋଇଥିଲା। ଏହାପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

# ବିଦ୍ୟୁତ୍ ଆଘାତ: ମା'ପୁଅ ମୃତ

## ବଞ୍ଚିବାର ରାହା ଖୋଜୁଛି ମା'ବାପା ଛେଉଣ୍ଡ ନାବାଳକ

ଲାଞ୍ଜିଗଡ଼, ୨୬।୫(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପୋଇଗୁଡ଼ା ଗାଁରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଫୁଲମତି ନାଏକ (୨୯) ଓ ୭ମାସର ପୁଅ ସବୀର ନାଏକ। ସୂଚନାନୁସାରେ ଫୁଲମତି ସାନପୁଅ ସବୀରଙ୍କୁ କାଖେଇ ଘରକାମ କରୁଥିବା ସମୟରେ ତାଙ୍କ ଅଜାଣତରେ ଘରେ ଛିଣ୍ଡି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ୮ମାସ ତଳେ ଘର ମୁଖିଆ ତଥା ଫୁଲମତିଙ୍କ ସ୍ୱାମୀ ସନ୍ତୋଷ ନାଏକଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ୮ବର୍ଷର ବଡପୁଅ ଜଗଦୀଶ ବେସାହାରା ହୋଇ ବଞ୍ଚିବାର ରାହା ଖୋଜୁଛି। ଖବର ପାଇ ବିଶ୍ୱନାଥପୁର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସନ୍ଦୀପ ଠାକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏ ନେଇ ମୃତକଙ୍କ ସମ୍ପର୍କୀୟ ଲୋକେ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଏଏସ୍‌ଆଇ ଶ୍ୟାମ କୁଲସିକା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ପଠାଇଥିଲେ। ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେରଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ ହୋଇଛି। ଶୋକାକୁଳ ପରିବେଶରେ ଗାଁ ମଶାଣିରେ ମା'ପୁଅଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ଦୁଃଖ ଖବର ପାଇ ଲାଞ୍ଜିଗଡ ଜୋନ୍-୨ ଜିଲାପରିଷଦ ପରୀକ୍ଷିତ ନାଏକ, ବିଜେପୁର ସରପଞ୍ଚ ପ୍ରତିନିଧି ଟିକୋ ମାଝୀ, ଅମର ନାଏକ ପ୍ରମୁଖ ଗାଁରେ ପହଞ୍ଚି ଶୋକସନ୍ତପ୍ତ ମା'ବାପା ଛେଉଣ୍ଡ ଜଗଦୀଶଙ୍କୁ ସମବେଦନା ଜଣାଇଛନ୍ତି।

# ଭୁବନେଶ୍ୱରରେ ହେବ ରାଜ୍ୟ ସାଇବର କମାଣ୍ଡ ସେଣ୍ଟର

## ସାଇବର ଅପରାଧ ତଦନ୍ତ ଓ ସାଇବର ବୁଦ୍ଧିମତ୍ତା ସମ୍ପର୍କିତ କର୍ମଶାଳା

- ସାଇବର ବିଶେଷଜ୍ଞଙ୍କଠାରୁ ତାଲିମ ନେଲେ ଅଧିକାରୀ
- ଆଗକୁ ସବୁ ରେଞ୍ଜ୍, ଜିଲା ସ୍ତରରେ ହେବ କର୍ମଶାଳା

ଭୁବନେଶ୍ୱର,୨୬।୫ (ସତ୍ୟଜିତ୍ ରାଉତ)



କର୍ମଶାଳାରେ ପୋଲିସ ଡିଜି ୱାଇ. ବି. ଖୁରାନିଆଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱରସ୍ଥିତ ସାଇବର କମ୍ପ୍ଲେକ୍ସରେ ସୋମବାର କ୍ରାଇମବ୍ରାଞ୍ଚ ପକ୍ଷରୁ ସାଇବର ଅପରାଧର ତଦନ୍ତ ଏବଂ ସାଇବର ବୁଦ୍ଧିମତ୍ତା ସମ୍ପର୍କିତ ଏକ କର୍ମଶାଳା ଆରମ୍ଭ ହୋଇଛି। ପୋଲିସ ଡିଜି ୱାଇ. ବି. ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନ୍‌ଲାଇନରେ ପୁଞ୍ଜି ନିବେଶ, ଆର୍ଥିକ ଠକେଇ, ସାଧାରଣ ଲୋକଙ୍କ ପରିଚୟ ଚୋରି, ଡିଜିଟାଲ ଗିରଫ, ଶିଶୁ ତଥା ବୟସ୍କ ବ୍ୟକ୍ତିଙ୍କୁ ଶୋଷଣ ଭଳି ସାଇବର ଅପରାଧ ବଢ଼ିବାରେ ଲାଗିଛି। ଏଭଳି ଅପରାଧକୁ ରୋକିବାକୁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଜ୍ୟ ସରକାର ୨୦ଟି ନୂଆ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ଖୋଲିବାକୁ ଅନୁମୋଦନ କରିଛନ୍ତି। ଭୁବନେଶ୍ୱରଠାରେ ଓଡିଶା ସାଇବର କମାଣ୍ଡ ସେଣ୍ଟର ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସାଇବର ଅପରାଧ ନିୟନ୍ତ୍ରଣ, ଚିହ୍ନଟ ଏବଂ ପୀଡିତ ବ୍ୟକ୍ତିଙ୍କୁ ଶୀଘ୍ର ସହାୟତା ପ୍ରଦାନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏହି ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ଡିଜିପି କହିଛନ୍ତି। ସେ କହିଲେ, ଆଗାମୀ ଦିନରେ ରାଜ୍ୟର ସବୁ ରେଞ୍ଜ ଏବଂ ଜିଲା ସ୍ତରରେ ସାଇବର ଅପରାଧ ତଦନ୍ତ ସମ୍ପର୍କିତ କର୍ମଶାଳା ଆୟୋଜନ କରାଯିବ। ଏଥିରେ କନ୍‌ଷ୍ଟେବଲଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଅଧିକାରୀମାନେ ଅଂଶଗ୍ରହଣ କରିବେ। ଅଳ୍ପ ସମୟରେ ସାଇବର ଅପରାଧର ଠିକ୍ ତଦନ୍ତ ଏବଂ ଦକ୍ଷତା ପ୍ରତିପାଦିନ କରିବାରେ ଏହି କର୍ମଶାଳା ବିଶେଷ ସହାୟକ ହେବ। ସାଇବର ଅପରାଧକୁ ମୁକାବିଲା କରିବାକୁ ହେଲେ ଜ୍ଞାନ, ଦକ୍ଷତା ଏବଂ ତଦନ୍ତ କୌଶଳକୁ ସଶକ୍ତ କରିବାର ଆବଶ୍ୟକତା ରହିଛି ଏବଂ ଏହାକୁ କାର୍ଯ୍ୟ କ୍ଷେତ୍ରରେ ଠିକ୍ ବିନିଯୋଗ କରିବାକୁ କର୍ମଶାଳାରେ ଯୋଗଦେଇଥିବା ବିଭିନ୍ନ ଜିଲାର ଅଧିକାରୀଙ୍କୁ ଡିଜିପି ଉପଦେଶ ଦେଇଥିଲେ। ସାଇବର ବିଶେଷଜ୍ଞ ରକ୍ଷିତ ଟଣ୍ଡନ ଅଧିକାରୀମାନଙ୍କୁ ତାଲିମ ଦେଇଥିଲେ। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ କର୍ମଶାଳା ପରିଚାଳନା କରିଥିଲେ। ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓପିସିସି ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସଫେଇ କାର୍ଯ୍ୟକ୍ରମ ଓ ପୁଷ୍ପମାଲ୍ୟ ପ୍ରଦାନ, ସ୍ଥାନ: ନେହେରୁ ପାର୍କ ଓ କଂଗ୍ରେସ ଭବନ, ସମୟ: ସକାଳ ୭ଟା।
- ପୁସ୍ତକ ଉନ୍ମୋଚନ, ସ୍ଥାନ: ବିଧାନସଭାର ୫୪ ନଂ. ପ୍ରକୋଷ୍ଠ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଏଆଇଏଫ୍‌ୟୁସିଟିଓ ପକ୍ଷରୁ ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ଓ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କରିମ୍‌, ମାଷ୍ଟର କ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା ୩୦।
- ଦେବଦାସୀର ୨୦ତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସୌମ୍ୟାଞ୍ଜଳି ନୃତ୍ୟକଳା ପକ୍ଷରୁ ସୌମ୍ୟାଞ୍ଜଳି ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜିଲା ମୁନି ସମାଜ ପକ୍ଷରୁ ଯୋଗ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା,ସମୟ:ଦିବସବ୍ୟାପୀ।
- ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ବାହାନଗା,ସମୟ:ସକାଳ ୭ଟା।
- ମହାପ୍ରଭୁଙ୍କ ୩୨ ବେଶ ଉତ୍ସବର ଯଜ୍ଞାହୁତି, ପୂଜାର୍ଚ୍ଚନା, ମହାଆଳତି ଓ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ:ନିଶନପୁର ଶଙ୍କରନାଥ ଜୀଉ ମନ୍ଦିର, ଭୋଗରାଇ, ସମୟ:ସକାଳ ୭ରୁ ରାତ୍ରୀ ପର୍ଯ୍ୟନ୍ତ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅଷ୍ଟମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍‌, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁରେ ଇଷ୍ଟର୍ଣ୍ଣ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍‌, ନୂଆପାଢ଼ୀ କ୍ୟାମ୍ପସ୍‌, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ମାଗୁଣି ଚରଣ ବାଳାଶ୍ରମର ୪୯ତମ ବାର୍ଷିକ ଉତ୍ସବ,ସ୍ଥାନ:ମଥାନୀ, ବସ୍ତା, ସମୟ:ପୂର୍ବାହ୍ନ ୧୧ଟା।

## ଭଦ୍ରକ

- କ୍ରିକେଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଚରମ୍ପା ରେଲୱେ ଗ୍ରାଉଣ୍ଡ, ଭଦ୍ରକ, ସମୟ: ସକାଳ ୭ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ସକାଳ ୭ଟା।
- ଅମାବାସ୍ୟା ପାଳନ, ସ୍ଥାନ: କୁଣ୍ଡିକାଳୀ ପୀଠ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଯୁଗ୍ମ ଜନ ଶୁଣାଣି ଶିବିର, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ:ସକାଳ ୭ଟା ୩୦।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ,ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ତ୍ରୀରଙ୍ଗା ଶୋଭାଯାତ୍ରା,ସ୍ଥାନ:ଉଦଳା ଡାକବଙ୍ଗଳା,ସମୟ:ସକାଳ ୯ଟା।

## ବ୍ରହ୍ମପୁର

- ସମର କୋଚିଂ କ୍ୟାମ୍ପ, ସ୍ଥାନ: ଏସପି ଅଫିସ ସ୍ପୋର୍ଟସ ଏରିନା, ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ

- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## ଜଗତସିଂହପୁର

- ପାରାଦୀପ ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ସମୀକ୍ଷା ବୈଠକ, ସ୍ଥାନ: ସ୍ପେଶାଲ ସର୍କିଟ ହାଉସ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜକନିକା, ସମୟ: ସକାଳ ସାଢ଼େ ୮ଟା।
- କଳାକାରଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

## ନୟାଗଡ଼

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ରାମଲୀଳା ଆରମ୍ଭ, ସ୍ଥାନ: ରଘୁନାଥ ଜୀଉ ରାମଲୀଳା ସ୍ଥଳ କଣ୍ଟିଲୋ, ସମୟ: ରାତି ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ୍‌ କାର୍ଯ୍ୟାଳୟ, ମୁନିଗୁଡା, ସମୟ: ସକାଳ ୮ଟା।

## ନବରଙ୍ଗପୁର

- ଗୁରୁ କୃପା ପବ୍ଲିକ ସ୍କୁଲର ଖବରଦାତା ସମ୍ମିଳନୀ, ସ୍ଥାନ: ସ୍କୁଲ ପରିସର, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସେମିଳିଗୁଡା, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ:ବିଲାପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଲିଟିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜନଶୁଣାଣି ଶିବିର, ସ୍ଥାନ: ପେଦାଲଡା ପଞ୍ଚାୟତ, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପରିଚାଳନା କମିଟି ଚୟନ ନେଇ ବୈଠକ, ସ୍ଥାନ: ମା ମଙ୍ଗଳା ମନ୍ଦିର ପରିସର, ଗାନ୍ଧୀ ନଗର, ସେମିଳିଗୁଡା, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡି କାର୍ଯ୍ୟକ୍ରମ, ସ୍ଥାନ : ନାରୀ ସେବା ସଦନ, ସମୟ : ରାତି ୭ଟା।

## ରାଉରକେଲା

- ସ୍ୱେରେଜ ସିଷ୍ଟମ ଅବ୍ୟବସ୍ଥା ନେଇ ଏଡିଏମ୍‌ଙ୍କୁ ଦାବିପତ୍ର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା
- ନାରଦ ଜୟନ୍ତୀ ଓ ନାରଦ ସମ୍ମାନ ସମାରୋହ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ଶ୍ରୀମଦ୍‌ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ,ସମୟ: ସକାଳ ୭ଟା।
- ଆସ୍ଥା ଗୃହର ଦଶମ ପ୍ରତିଷ୍ଠା ଦିବସ, ସ୍ଥାନ: ଉଦ୍ୟାନ ବିଭାଗ ବଗିଚା ପାଖ ଆସ୍ଥା ଗୃହ, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ଗ୍ରୀଷ୍ମ ଶିବିର, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ:ସକାଳ ୬ଟା ୩୦।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭେଡେନ,ସମୟ:ସକାଳ ୭ଟା।
- ଚେସ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍‌ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।
- ବରଗଡ଼ ସାମ୍ବାଦିକ ସଂଘର ବୈଠକ, ସ୍ଥାନ:ସାମ୍ବାଦିକ ଭବନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀରେ ଶିବ, ପାର୍ବତୀଙ୍କ ଆନୟନ ଶୋଭାଯାତ୍ରା, ସ୍ଥାନ:ବରପାଲି,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବଘିଆପଡା, ବୌଦ୍ଧ ବ୍ଲକ, ସମୟ: ସକାଳ ୭ଟା।

## ଦେବଗଡ଼

- ପ୍ରଚାର ବିଭାଗ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଦେବଗଡ଼ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ପାଳନ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼ ସହର, ସମୟ: ଅପରାହ୍ନ ୫ଟା ୪୫।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ସକାଳ ୭ଟା।
- ସୋନପୁର ପ୍ରିମିୟର ଲିଗ୍‌-୩ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କେନଝିରିଆପାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା୩୦।
- ଡୁଙ୍ଗୁରିପାଲିରେ ଶୀତଳଷଷ୍ଠୀ ମହୋତ୍ସବର ପତରପେଣ୍ଡି, କପିଳେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁ, ସମୟ: ଅପରାହ୍ନ ୨ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସିନାପାଲି, ସମୟ: ସକାଳ ୭ଟା।

# ଯୁକ୍ତ ୨ ନାମଲେଖା: ୩ ଦିନରେ ୭୦ ହଜାରରୁ ଅଧିକ ଆବେଦନ

**ଭୁବନେଶ୍ୱର,୨୬।୫(ସୁଚିସ୍ମିତା ସାହୁ)**

ରାଜ୍ୟରେ ଯୁକ୍ତ୨ ନାମ ଲେଖା ପାଇଁ ଗତ ଶନିବାରଠାରୁ ଆବେଦନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଜୁନ ୩୦ ପର୍ଯ୍ୟନ୍ତ ଚାଲିବ। ତେବେ ତିନିଦିନରେ ୭୦ହଜାରରୁ ଅଧିକ ଛାତ୍ରୀଛାତ୍ର ନାମଲେଖା ପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିଥିବା ସାମ୍ସ ପୋର୍ଟାଲରୁ ଜଣାପଡିଛି। ସୋମବାର ସୁଦ୍ଧା ୯୪ହଜାର ୬୯୩ଜଣ ଯୁକ୍ତ ୨ ନାମଲେଖା ପାଇଁ ପଞ୍ଜୀକୃତ କରିଥିବା ବେଳେ ଅନ୍‌ଲାଇନ୍‌ରେ ୭୨ ହଜାର ୯୨୫ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୭୨ହଜାର ୩୪୪ ଟଙ୍କା ଜମା କରିଛନ୍ତି। ତେବେ ସାମ୍ସ ପୋର୍ଟାଲ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଆବେଦନ କରୁଥିବାବେଳେ ଜୁଲାଇ ୭ରେ ପ୍ରଥମ ମେରିଟ୍‌ ଲିଷ୍ଟ ପ୍ରକାଶ ପାଇବ। ଜୁଲାଇ ୮ରୁ ୧୪ ଯାଏ ଏହି ପର୍ଯ୍ୟାୟ ନାମଲେଖା ଚାଲିବ। ଜୁଲାଇ ୨୩ରୁ ୨୮ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଓ ଅଗଷ୍ଟ ୮ରୁ ୧୩ ମଧ୍ୟରେ ସ୍ପଷ୍ଟ ନାମଲେଖା ସରିବ। ତେବେ ଏହା ପୂର୍ବରୁ ଅର୍ଥାତ୍‌ ଜୁଲାଇ ୨୪ରୁ ଯୁକ୍ତ ୨ ପିଲାଙ୍କ ପାଠପଢ଼ା ଆରମ୍ଭ କରାଯିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ରାଜ୍ୟରେ ୨୩୭୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୬୦ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରହିଥିବାବେଳେ ବାଲେଶ୍ୱର ଓ ଗଞ୍ଜାମରେ ୧୫୩ଟି ଲେଖାଏ, ମୟୂରଭଞ୍ଜରେ ୧୩୬, କଟକରେ ୧୩୩, ଯାଜପୁର ୧୧୪, ବଲାଙ୍ଗୀର ଓ ସୁନ୍ଦରଗଡରେ ୧୧୧ଟି ଲେଖାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏସବୁ ଶିକ୍ଷାନୁଷ୍ଠାନରେ ଯୁକ୍ତ୨ କଳା ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୩ଲକ୍ଷ ୧୬ହଜାର ୯୧୪ଟି ସିଟ ରହିଥିବା ବେଳେ ବିଜ୍ଞାନରେ ୧ଲକ୍ଷ ୭୫ ହଜାର ୧୨୯ଟି ସିଟ୍‌ ରହିଛି। ସେହିପରି ବାଣିଜ୍ୟରେ ପାଠପଢ଼ିବା ପାଇଁ ୪୦ ହଜାର ୫୪୪ ସିଟ୍‌, ସଂସ୍କୃତରେ ୧୩ହଜାର ୩୬୦ ସିଟ୍‌ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ୧୦ ହଜାରରୁ ଅଧିକ ସିଟ୍‌ ରହିଛି।

# ଯୁବତୀଙ୍କୁ ବ୍ଲାକମେଲିଂ, ଅଭିଯୁକ୍ତ ଗିରଫ

**ବଉଁରପାଳ,୨୬।୫(ସୁବାସ ସାହୁ)**

ପ୍ରେମ ଜାଲରେ ଫସାଇବା ସହ ଶାରୀରିକ ସମ୍ପର୍କ ସ୍ଥାପନ ଓ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ଯୁବତୀଙ୍କୁ ବ୍ଲାକମେଲିଂ କରିବା ଅଭିଯୋଗରେ ମହମ୍ମଦ ଅଖତର ସୁହାନି (୨୧) ନାମକ ଅଭିଯୁକ୍ତଙ୍କୁ ଅନୁଗୋଳ ଜିଲା ନାଲ୍‌କୋ ଥାନା ପୋଲିସ ରବିବାର ରାତିରେ ସମ୍ବଲପୁରରୁ ଗିରଫ କରିଛି। ପୋଲିସ କହିଛି, ସୋସିଆଲ ମିଡିଆ ମାଧ୍ୟମରେ ଅଭିଯୁକ୍ତ ମହମ୍ମଦ ଅଖତରଙ୍କ ସହ ସମ୍ପୃକ୍ତା ଯୁବତୀଙ୍କ ବନ୍ଧୁତା ସ୍ଥାପନ ହୋଇଥିଲା। ଏହାପରେ ଅଭିଯୁକ୍ତ ମହମ୍ମଦ ଅଖତର ଯୁବତୀଙ୍କୁ ପ୍ରେମରେ ଫସାଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏପରି କି ଉକ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଅତି ଚତୁରତାର ସହ ଅଭିଯୁକ୍ତ ତାଙ୍କ ମୋବାଇଲରେ ଉତ୍ତୋଳନ କରିନେଇଥିଲେ। ୪ରୁ ୬ ମାସର ପ୍ରେମ ସମ୍ପର୍କ ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ମନୋମାଳିନ୍ୟ ଘଟିଥିଲା। ଏହାପରେ ମହମ୍ମଦ ପାଖରେ ରଖିଥିବା ଅନ୍ତରଙ୍ଗ ଭିଡିଓକୁ ଭାଇରାଲ କରିଦେବାକୁ ଧମକ ଦେଇ ଯୁବତୀଙ୍କୁ ବ୍ଲାକମେଲିଂ କରିଥିଲେ। ଏପରି କି ଯୁବତୀଙ୍କ ଠାରୁ ୩ ଥରରେ ଫୋନ ପେ ମାଧ୍ୟମରେ ୮ହଜାର ଟଙ୍କା ନେଇଯାଇଥିଲେ। ଏଭଳି ବାରମ୍ବାର ଟଙ୍କା ମାଗିବାରୁ ଯୁବତୀ ଜଣଙ୍କ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ନାଲ୍‌କୋ ଥାନାରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ମହମ୍ମଦ ଅଖତର ଫେରାର୍‌ ହୋଇଯାଇଥିଲେ। ନାଲ୍‌କୋ ପୋଲିସ ଅଭିଯୁକ୍ତଙ୍କ ଫୋନ୍‌ ଟ୍ରାକିଂ କରି ସମ୍ବଲପୁରସ୍ଥିତ ତାଙ୍କ ଘରୁ ବିଳମ୍ବିତ ରାତିରେ ଉଠାଇ ଆଣିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାସିଲା ପଥର ବୁଡ଼ିଲା ସୋଲ,**
**ହରିବୋଲ ଭାଇ ଗୋବିନ୍ଦ ବୋଲ।**

ଯେଉଁଠି ବିପର୍ଯ୍ୟୟ ଦେଖା ନ ଯିବା କଥା ସେଠି ଯଦି ସେହିଭଳି ଅବସ୍ଥା ସୃଷ୍ଟି ହୁଏ, ତେବେ ସେଥିରୁ ବର୍ତ୍ତିବା ମଣିଷଙ୍କ ପକ୍ଷେ ଦୁରୂହବ୍ୟାପାର ହୋଇଯାଏ। ଏପରିସ୍ଥଳେ ସେଥିରୁ ରକ୍ଷା ପାଇବାଲାଗି କେବଳ ହରି ହିଁ ଭରସା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭାତକୁ ଅଡୁଆ ଖଡ଼ା,**
**ବାଟକୁ ଅଡୁଆ ବୁଢ଼ା।**

ଗରମ ଭାତ ସହ ଖଡ଼ା ପାଚିକୁ ଆଦୌ ରୁଚିକର ଲାଗି ନ ଥାଏ। ବୟସ ବଢ଼ିଗଲେ ଶରୀରରେ ଶିଥିଳତା ଆସି ଯାଇଥାଏ। ଏପରି ସ୍ଥିତିରେ ବୟସ୍କ ବ୍ୟକ୍ତିଙ୍କ ସହ ପାଦରେ ପାଦ ମିଶେଇ ବାଟ ଚାଲିବା କଷ୍ଟକର ହୋଇ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨୯ରୁ ବିକଶିତ କୃଷି ସଂକଳ୍ପ ଅଭିଯାନ, ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଶିବରାଜ

**ଭୁବନେଶ୍ୱର,୨୬।୫(ସୁନିତ୍‌ ମିଶ୍ର)**



ପ୍ରସ୍ତୁତି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ଅନ୍ୟ ଅଧିକାରୀମାନେ।

କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ କୃଷି ପଦକ୍ଷେପଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇ କୃଷିରେ ନବସୃଜନ ସୃଷ୍ଟିକରିବା ଲକ୍ଷ୍ୟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୨୯ ତାରିଖରୁ ଜୁନ୍‌ ୧୨ ପର୍ଯ୍ୟନ୍ତ ଏହି ଅଭିଯାନ ସାରା ଦେଶରେ ଚାଲିବ। ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ ଓଡ଼ିଶାର ଐତିହ୍ୟ ସହର ପୁରୀରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଅଭିଯାନର ଶୁଭାରମ୍ଭ କରିବେ। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିବେ। ଏହାକୁ ନେଇ କୃଷି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର କୃଷିମନ୍ତ୍ରୀଙ୍କ ସମେତ ଅତିଥିବୃନ୍ଦ ପ୍ରଥମେ ପୁରୀରେ ମହାପ୍ରଭୁଙ୍କ ଦର୍ଶନ ପରେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ। ସାକ୍ଷୀଗୋପାଳସ୍ଥିତ ବୀରଗୋବିନ୍ଦପୁର କୃଷି ବିଜ୍ଞାନ କେନ୍ଦ୍ରରେ ଅଭିଯାନର ଶୁଭାରମ୍ଭ କରାଯିବ। ଏହି ସମୟରେ କୃଷିରଥର ଶୁଭାରମ୍ଭ ମଧ୍ୟ ହେବ। ପରେ ସିଫା କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଏଥିସହ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ କେନ୍ଦ୍ର କୃଷିମନ୍ତ୍ରୀ ମ୍ୟାଙ୍ଗୋ ଫେଷ୍ଟିଭାଲ୍‌ରେ ଯୋଗଦେବେ ଏବଂ ପରବର୍ତ୍ତୀ ସମୟରେ ଓୟୁଏଟିର କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି।

## ଶ୍ରୀକ୍ଷେତ୍ର ଶବ୍ଦାବଳୀ...

ପ୍ରଥମ ପୃଷ୍ଠାରୁ...

ଜଗନ୍ନାଥ ଧାମ ନାମକରଣ ଜଗନ୍ନାଥ ସଂସ୍କୃତିକୁ ଅପମାନ। ନୀଳାଚଳ, ପୁରୁଷୋତ୍ତମ, ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ଜଗନ୍ନାଥ ଧାମ ଆଦି ପୁରୀକୁ କେବଳ ବୁଝାଇଥାଏ। ବିଶ୍ୱର ଅନେକ ସ୍ଥାନରେ ମନ୍ଦିର ନିର୍ମାଣ କରାଯାଇଛି, କିନ୍ତୁ କେଉଁଠାରେ ଶ୍ରୀଜଗନ୍ନାଥ ଧାମ ବୋଲି ଉଲ୍ଲେଖ କରାଯାଇନାହିଁ। କାରଣ ସମସ୍ତେ ଜାଣିଛନ୍ତି ଜଗନ୍ନାଥ ଧାମ ହେଉଛି ପୁରୀ। ତୁରନ୍ତ ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ ପ୍ରତ୍ୟାହାର କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ବେଳେ ପଶ୍ଚିମବଙ୍ଗ ସରକାରଙ୍କ ସହିତ ଓଡ଼ିଶା ସରକାର ଆଲୋଚନା କରି ଏହି ପଦକ୍ଷେପ ନେବାକୁ ଆମେ ରାଜ୍ୟ ସରକାରଙ୍କୁ ଅବଗତ କରାଇବୁ। ସେହିପରି ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ମଧ୍ୟ ଗ୍ରହଣ କରାଯିବ ନାହିଁ। ଭାରତରେ ଅଦିନିଆ ରଥଯାତ୍ରା ଇସ୍କନ୍‌ ବନ୍ଦ କରିଥିବାବେଳେ ଭାରତ ବାହାରେ ମଧ୍ୟ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଇସ୍କନ ସହିତ ଆଲୋଚନା ହୋଇଛି। ଇସ୍କନ ସହିତ ଆପୋସ ଆଲୋଚନା କରି ଏ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି। ଇସ୍କନ ଯଦି ଅଦିନିଆ ରଥଯାତ୍ରା ବନ୍ଦ ନ କରେ ତେବେ ବିକଳ୍ପ ବ୍ୟବସ୍ଥା କରାଯିବା ନେଇ ତର୍ଜମା କରାଯିବ ବୋଲି ଗଜପତି ମହାରାଜା ପ୍ରକାଶ କରିଛନ୍ତି।

ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି, ନାଟମଣ୍ଡପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ଆଲୋଚନା କରାଯାଇଛି। ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର ପାଇଁ ପରିଚାଳନା କମିଟିର ସହମତି ଆବଶ୍ୟକ ରହିଛି। ପରେ ରାଜ୍ୟ ସରକାରଙ୍କ ଅନୁମତି ପରେ ହୁଣ୍ଡି ସ୍ଥାନାନ୍ତର ହୋଇପାରିବ। ତେଣୁ ବୈଠକରେ ଏନେଇ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଛି। ଶ୍ରୀମନ୍ଦିରର ସମସ୍ତ ଭୂସମ୍ପତ୍ତିର ସୁରକ୍ଷା ସମେତ ଆର୍ଥିକ ବର୍ଷର ବଜେଟ୍‌ ସହ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ନେଇ ଆଲୋଚନା ହୋଇଛି। ଚଳିତ ବର୍ଷ ଚାରମାଳ ଲମ୍ବ ବୃଦ୍ଧି କରାଯିବ। ଏଥିପାଇଁ ତାଳଗଛ ପହଞ୍ଚି ସାରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବ୍ୟୟାଧିପ ଧର୍ମସ୍ଥାନକୁ ଦେଖୁଥିବାରୁ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି। ଦୂରସ୍ଥ ସନ୍ତାନଙ୍କ ପାଇଁ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ମନରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସୂଚନା ରହିଛି। କଳା, ସାହିତ୍ୟ, ସଂସ୍କୃତି ଓ ଗବେଷଣା କ୍ଷେତ୍ରରୁ ପ୍ରଶଂସିତ କିମ୍ବା ସମ୍ବର୍ଦ୍ଧିତ ହୋଇପାରନ୍ତି।

**ବୃଷ** ଶୁକ୍ରଙ୍କ ସୁପ୍ରଭାବରୁ ହସଖୁସିର ବାତାବରଣରେ ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରର ଜଣେ ପଦସ୍ଥ ବ୍ୟକ୍ତିଙ୍କୁ ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ପରିବହନ, ପ୍ରଶାସନ ଓ ଯୋଗାଯୋଗ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ** ବହୁତ ଦିନରୁ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। କିନ୍ତୁ ସାଧାରଣ ଯୁକ୍ତି ତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାମ୍ବାଦିକତା, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି। ରାଜନୈତିକ ତତ୍ପରତା ପରିବେଶକୁ ସରଗରମ କରିବାର ସୂଚନା ରହିଛି।

**କର୍କଟ** ଆପଣଙ୍କ ଉଦାର ଭାବନାଯୁକ୍ତ ସୁଚିନ୍ତିତ କାର୍ଯ୍ୟାବଳୀ ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କରିବ। ଭାଇଙ୍କ ପାରିବାରିକ ସମସ୍ୟା କିମ୍ବା ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ଶୋଷଣ କରିବାର ଅପଚେଷ୍ଟା କରିବେ। କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଭୃତିରେ ପ୍ରତିଯୋଗିତା ମନୋଭାବ ଉପୁଜିବ।

**ସିଂହ** ଆଜି ଅଭାବନୀୟ ଓ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭାଇ, ଭଉଣୀ କିମ୍ବା ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍‌ କରିପାରନ୍ତି। ବନ୍ଧୁଙ୍କୁ ମନ କଥା କହିବାରେ ପଛେଇ ଯିବା ହେତୁ ପଶ୍ଚାତ୍ତେ ମନସ୍ତାପ କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନଜନିତ ଟେନସନ୍‌ ଦୂର ହେବ।

**କନ୍ୟା** ପାରିବାରିକ କ୍ଷେତ୍ରରେ ବ୍ୟୟବୃଦ୍ଧି, ସନ୍ତାନଙ୍କ ସମସ୍ୟା, ଶତ୍ରୁତା, ବନ୍ଧୁଙ୍କ ବିରୋଧର ସାମନା ଯୋଗୁ ଚିନ୍ତିତ ରହିବେ। ବନ୍ଧୁଙ୍କ ସାହାଯ୍ୟରେ ସ୍ଥଗିତ କାମ ସହଜ ଓ ସୁବିଧାରେ ସମ୍ପନ୍ନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବନି। ସହକର୍ମୀଙ୍କ ସହ କଳହରୁ ଦୂରେଇ ରୁହନ୍ତୁ।

**ତୁଳା** ଶୁଭଗ୍ରହ ପ୍ରଭାବରୁ ଆଜିର ଦିନଟି ସବୁ ଦିନ ପାଇଁ ମନେରହିବ। ଯାହା ଆଜି ପର୍ଯ୍ୟନ୍ତ ଖୋଜି ପାଉ ନ ଥିଲେ ତାହା ଆକସ୍ମିକ ଭାବରେ ପାଇ ମନ ଖୁସି ହୋଇଯିବ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ,ଏଣୁ ସତର୍କତାର ସହ କିଛି ମନ୍ତବ୍ୟ ଦେବା ଭଲ। ଅଫିସରେ ଆଲୋଚନା କ୍ଷେତ୍ରରେ ଭୁଲ୍‌ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଗୋଳମାଳିଆ କରିଦେଇପାରେ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି ।

**ଧନୁ** ଆତ୍ମୀୟଙ୍କ ତରଫରୁ କୌଣସି ସମସ୍ୟା କିମ୍ବା ବିରୋଧ ଆପଣଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। ଆଧ୍ୟାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ ଅତିବାହିତ ହୋଇପାରେ। ସଭାସମିତିରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର** ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧାଭାସର ଆଭାସ ମାନସିକ ଅଶାନ୍ତିର କାରଣ ହେବ। ସବୁ କଥାରେ ଟିକିଏ ପଛକୁ ରହି କାମ କରିବା ଭଲ ହେବ, ଅନ୍ୟଥା ସାଧାରଣ କଥାରୁ କଳହର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ହଠାତ୍‌ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜିର ଯାତ୍ରା ଯଦିଓ ପ୍ରୀତିପ୍ରଦ ରହି ଲକ୍ଷ୍ୟ ହାସଲରେ ସାହାଯ୍ୟ କରିବ ତଥାପି ସମସ୍ୟା ଲାଗି ରହିବ। ବାକ୍‌ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ପର୍ଯ୍ୟଟନ, ପରିଭ୍ରମଣ, ସଙ୍ଗୀତ ଓ ସାହିତ୍ୟରେ ସମସ୍ୟା ସମାଧାନ ହେବ। ପରିବହନ, ଶିଳ୍ପ, ଅଳଙ୍କାର ଦୋକାନୀ, ବିଶେଷ ଭାବରେ ସଚେତନ ରହି କାମ କରିବା ଭଲ ହେବ।

**ମୀନ** ନିଜର କିଛି ଅସୁବିଧା ନ ଥିଲେ କ'ଣ ହେଲା, ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ଆନୁଷ୍ଠାନିକ କ୍ଷେତ୍ରର ପରିସ୍ଥିତି ଜଟିଳ ହେବନାହିଁ।

ଆଜି ମେ ୨୭ ତାରିଖ, ଜ୍ୟେଷ୍ଠ ଅମାବାସ୍ୟା ଯୁକ୍ତ ପ୍ରତିପଦା ମଙ୍ଗଳବାର। ରାଶିନକ୍ଷତ୍ର-ରୋହିଣୀ/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୧ମି. ଗତେ ଘ.୦୬.୪୯ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୧୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩.୦୦ମି. ଗତେ ଘ.୦୪.୩୧ମି. ମଧ୍ୟେ ରାହୁକାଳ।

# ଭାରତ ରେଳ ଉପକରଣର ପ୍ରମୁଖ ରପ୍ତାନିକାରୀ ଦେଶ: ମୋଦି


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନେ ଦାହୋଦଠାରେ ପତାକା ଦେଖାଇ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

- ■ ଦାହୋଦ ଇଲେକ୍ଟ୍ରିକ ଲୋକୋମୋଟିଭ୍ କାରଖାନା ଉଦ୍‌ଘାଟିତ
- ■ ୨୪ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ଭୁବନେଶ୍ୱର,୨୬।୫
(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗୁଜରାଟର ଦାହୋଦଠାରେ ୨୪,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବେ ସ୍ମାର୍ଟଫୋନ, ଅଟୋମୋବାଇଲ, ଖେଳଣା, ପ୍ରତିରକ୍ଷା ଉପକରଣ ଏବଂ ଔଷଧ ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ରପ୍ତାନି କରୁଛି। ସେହିପରି ଭାରତ ରେଳ ଏବଂ ମେଟ୍ରୋ ପ୍ରଯୁକ୍ତିବିଦ୍ୟା ନିର୍ମାଣ ସହ ଏହାକୁ ବିଶ୍ୱସ୍ତରରେ ରପ୍ତାନି ମଧ୍ୟ କରୁଛି। ଏହି ପ୍ରଗତିର ଏକ ପ୍ରମୁଖ ଉଦାହରଣ ଭାବରେ ମୋଦି ଦାହୋଦ ଇଲେକ୍ଟ୍ରିକ ଲୋକୋମୋଟିଭ୍ କାରଖାନାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବରେ ଉଲ୍ଲେଖ କରିଥିଲେ। ସେ ଲୋକୋମୋଟିଭକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଗୁଜରାଟ ତା'ର ରେଳ ନେଟୱର୍କର ୧୦୦% ବିଦ୍ୟୁତୀକରଣ ହାସଲ କରିଥିବା ସୂଚନା ଦେଇଥିଲେ। ଭାରତର ରେଳ କ୍ଷେତ୍ରର ବିକାଶ ଉପରେ ଆଲୋକପାତ କରି ମୋଦି ମେଟ୍ରୋ ସେବାର ବିସ୍ତାର ଏବଂ ସେମି-ହାଇ-ସ୍ପିଡ୍ ଟ୍ରେନ ଚଳାଚଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ଅହମଦାବାଦ ଏବଂ ଭେରାଭାଲ ମଧ୍ୟରେ ଏକ ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଆରମ୍ଭ ପାଇଁ ଘୋଷଣା କରିଥିଲେ। ମୋଦି କହିଲେ, ଭାରତ ରେଳ ଉପକରଣର ଏକ ପ୍ରମୁଖ ରପ୍ତାନିକାରୀ ଭାବରେ ଉଭା ହୋଇଛି। ଭାରତ ଅଷ୍ଟ୍ରେଲିଆକୁ ମେଟ୍ରୋ କୋଚ୍ ଏବଂ ଇଂଲଣ୍ଡ, ସାଉଦି ଆରବ ଏବଂ ଫ୍ରାନ୍ସକୁ ଟ୍ରେନ୍ କୋଚ ରପ୍ତାନି କରିଥାଏ। ମେକ୍ସିକୋ, ସ୍ପେନ, ଜର୍ମାନୀ ଏବଂ ଇଟାଲୀ ମଧ୍ୟ ଭାରତରୁ ରେଳ ସମ୍ପର୍କିତ ଉପାଦାନ ଆମଦାନୀ କରନ୍ତି। ମୋଜାମ୍ବିକ ଏବଂ ଶ୍ରୀଲଙ୍କାରେ ଭାରତୀୟ ଯାତ୍ରୀବାହୀ କୋଚ୍ ବ୍ୟବହୃତ ହେଉଛି। ଭାରତରେ ନିର୍ମିତ ଲୋକୋମୋଟିଭ ମଧ୍ୟ ବିଭିନ୍ନ ଦେଶକୁ ରପ୍ତାନି କରାଯାଉଛି।

# ବୁଲେଟ-ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

ଭଞ୍ଜନଗର/ସୋରଡ଼ା,୨୬।୫
(ବାବୁଲା ପ୍ରଧାନ/ରଜନୀ ମହାପାତ୍ର)

**ଅଧୁରା ରହିଲା ସାବିତ୍ରୀ ବ୍ରତ**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସୋରଡ଼ା ମୁଖ୍ୟ ରାସ୍ତାର ଲାଠିପଡ଼ା କୁଲାଙ୍ଗ ରାସ୍ତା ମଝିରେ ସୋମବାର ପୂର୍ବାହ୍ନରେ ଗୋଟିଏ ବୁଲେଟ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ସିଂହମଦନୀ ଗ୍ରାମର ବୁଲେଟ୍ ଚାଳକ ବିରଞ୍ଚ ଭୂୟାଁ (୩୦) ଓ ବାଇକ୍ ଚାଳକ ନୟାଗଡ଼ ଜିଲ୍ଲା ଡିହପଡ଼ାଇ ଗ୍ରାମର ପ୍ରଭାତ ପ୍ରଧାନ (୪୫)। ଖବର ପାଇ ସୋରଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏହି ଦୁର୍ଘଟଣାରେ ଆଉ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାଇକ୍ ପଛରେ ବସିଥିବା କାହ୍ନୁ ଚରଣ ପ୍ରଧାନ ଓ ବୁଲେଟ୍ ପଛରେ ବସିଥିବା ରୋହିତ ସ୍ୱାଇଁ ଓ ସାଗର ବିଷୋୟୀ। ଖବରରୁ ଜଣାପଡ଼ିଛି, ପ୍ରଭାତ ଏବଂ ତାଙ୍କ ସାଙ୍ଗ କାହ୍ନୁ ବାରିଙ୍ଗବାଡିରେ ମିସ୍ତ୍ରି ଭାବେ କାମ କରନ୍ତି। ସୋମବାର ସାବିତ୍ରୀ ବ୍ରତ ଥିବାରୁ ଗୋଟିଏ ବାଇକ୍‌ରେ ମିଶି ସେମାନେ ନୟାଗଡ଼ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ବିରଞ୍ଚ ତାଙ୍କ ସାଥିରେ ରୋହିତ ଓ ସାଗର ମିଶି ବୁଲେଟ୍ ଯୋଗେ ଶ୍ୱଶୁର ଘର ଗୁଡ଼ିପଲି ଯାଉଥିଲେ। ବାଟରେ କୁଲାଙ୍ଗ ଲାଠିପଡ଼ା ରାସ୍ତା ମଝିରେ ବୁଲେଟ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବିରଞ୍ଚ ସାଗର ଓ ରୋହିତଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ସୋରଡ଼ା ମେଡ଼ିକାଲ ନିଆଯାଇଥିଲା। ସେଠାରେ ବିରଞ୍ଚଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତଙ୍କୁ ସେଠାରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ପ୍ରଭାତ ଓ କାହ୍ନୁଙ୍କୁ ଭଞ୍ଜନଗର ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଏଠାରେ ପ୍ରଭାତଙ୍କ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। କାହ୍ନୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ସୋରଡ଼ା ପୋଲିସ ଏବଂ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଗତ ୧୩ ତାରିଖରେ ଆଜିର ଦୁର୍ଘଟଣା ସ୍ଥଳଠାରୁ କିଛି ଦୂରରେ ଏକ ପିକ ଅପ ଭ୍ୟାନ ଓଲଟି ଜଣେ ନାବାଳକଙ୍କ ସହ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଦ୍ରୁତ ଗାଡ଼ି ଚାଳନା ଯୋଗୁ ଏପରି ଦୁର୍ଘଟଣାମାନ ଘଟୁଥିବା ଜଣାପଡ଼ିଛି।


ଦୁର୍ଘଟଣାଗ୍ରସ୍ତ ବୁଲେଟ୍।


ଭଞ୍ଜନଗର ମେଡ଼ିକାଲରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

# ସାବିତ୍ରୀ ବ୍ରତରେ ସତ୍ୟବାନ୍‌ଙ୍କ ଆତ୍ମହତ୍ୟା

ବାହାନଗା,୨୬।୫ (ଅରୂପ୍ କୁମାର ଦାସ)


ପଦ୍ମଲୋଚନ ବେହେରା।

ସାବିତ୍ରୀ ବ୍ରତରେ ପୂଜା କରିବା ପାଇଁ ସ୍ତ୍ରୀ ମନ୍ଦିର ଯାଇଥିବା ବେଳେ ସ୍ୱାମୀ ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ପଣପଣା ପଞ୍ଚାୟତର ମାଲଦାପଡ଼ା ଗ୍ରାମରେ। ପାରିବାରିକ କଷ୍ଟ ସହି ନ ପାରି ସାବିତ୍ରୀ ଦିନ ସତ୍ୟବାନ୍ ଆତ୍ମହତ୍ୟା କରିବା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ ପଦ୍ମଲୋଚନ ବେହେରା(୪୫)। ପ୍ରକାଶ ଯେ, ରାଜମିସ୍ତ୍ରି ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିବା ପଦ୍ମଲୋଚନ ୪ ମାସ ତଳେ ଏକ ବାଇକ୍ ଦୁର୍ଘଟଣାରେ ଆହତ ହୋଇଥିଲେ। ଚଲାବୁଲା କରିବାରେ ସେ ଅକ୍ଷମ ହୋଇପାରୁ ନ ଥିଲେ। ଚିକିତ୍ସା ପାଇଁ ତାଙ୍କ ସ୍ତ୍ରୀ ଧାର କରଜ କରି ଖର୍ଚ୍ଚ କରୁଥିଲେ। ଏଭଳି ଅବସ୍ଥାରେ ପରିବାର ଚଳାଇବା କଷ୍ଟକର ହେଉଥିବା ଦେଖି ପଦ୍ମଲୋଚନ ଭାଙ୍ଗିପଡ଼ିଥିଲେ। ତାଙ୍କର ଦୁଇ ପିଲା ପାଠ ପଢୁଥିବା ବେଳେ ସ୍ତ୍ରୀଙ୍କ ଲାଗି ପରିବାର ଚଳାଇବା କଷ୍ଟକର ହୋଇପଡୁଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ପଦ୍ମଲୋଚନ ଘରେ କେହି ନ ଥିବା ଓ ସ୍ତ୍ରୀ ମନ୍ଦିରକୁ ଯାଇଥିବା ସମୟରେ ଛାତ ଉପରକୁ ଯାଇ ବେକରେ ଦଉଡ଼ି ବାନ୍ଧି ତଳକୁ ଓହ୍ଲାଇ ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ଖଇରାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଖଇରାପଡ଼ା ଥାନା ପୋଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୪/୨୫) ରୁଜୁ ହୋଇଛି।

# ଖଳାଶୁଣୀ ସଂରକ୍ଷିତ ଜଙ୍ଗଲରେ ଅସୁସ୍ଥ ହାତୀର ମୃତ୍ୟୁ

ନାକଟିଦେଉଳ, ୨୬।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲ୍ଲା ବାମରା ଖଳାଶୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଏକ ମାଈହାତୀର ମୃତ୍ୟୁ ଘଟିଛି। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ମାଈହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ସ୍ପଷ୍ଟ କରିଛି। ପ୍ରାପ୍ତ ଖବର ଅନୁସାରେ ଖଳାଶୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ନମ୍ବର ୧୨ରେ ବୟସାଧିକ୍ୟ କାରଣରୁ ଏକ ମାଈହାତୀ ଚଲାବୁଲା କରିପାରୁ ନ ଥିଲା। ଗତ ମାର୍ଚ୍ଚରୁ କିସିଣ୍ଡା ରେଞ୍ଜ ପକ୍ଷରୁ ଉକ୍ତ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା। ତେବେ ଗତ ୨୪ତାରିଖ ଉକ୍ତ ହାତିଟି ଚଲାବୁଲା କରୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇ ଆଉ ଉଠି ପାରି ନ ଥିଲା। ଖବର ପାଇ ନାକଟିଦେଉଳ ପ୍ରାଣୀଧନ ଚିକିତ୍ସକ ଏବଂ ଟିମ୍ ପକ୍ଷରୁ ଅସୁସ୍ଥ ହାତୀର ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ବାମରା ଡିଏଫ୍‌ଓ ସମୀର କୁମାର ସାହୁ, ସହକାରୀ ବନ ସଂରକ୍ଷକ ଆଲୋକ କୁମାର ଷଡ଼ଙ୍ଗୀ ଏବଂ କିସିଣ୍ଡା ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ନାକଟିଦେଉଳ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଅଜିତ କୁମାର ସାହୁ, ରେଢ଼ାଖୋଲ ବିଭିଓ ଡା. ଶୁଭ ପ୍ରକାଶ ସୋରେନ, ଜମନକିରା ବ୍ଲକ ଭେଟେରିନାରୀ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଭୁବନେଶ୍ୱର ସାହୁଙ୍କୁ ନେଇ ଗଠିତ ତିନି ଜଣିଆ ଟିମ୍ ବାମରା ବନ୍ୟପ୍ରାଣୀ ଅଭୟାରଣ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୃତହାତୀର ବ୍ୟବଚ୍ଛେଦ କରିଥିଲେ। ଏହା ପରେ ସେଠାରେ ଗାତ ଖୋଳି ହାତୀକୁ ପୋତି ଦିଆଯାଇଥିଲା। ତେବେ ପ୍ରାୟ ୭୦ ବର୍ଷର ଏହି ମାଈହାତୀର ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଥିବା ଖଳାଶୁଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।


ଜବତ ହୋଇଥିବା ହାତୀ ମୃତଦେହ।

# ଜାପାନ ଯିବେ ସତ୍ୟବାଦୀର ଛାତ୍ର ସାଇ ସୋହମ

## ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମ 'ସାକୁରା'ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ

ସାକ୍ଷୀଗୋପାଳ,୨୬।୫ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)


ସାଇ ସୋହମ।

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ମେଧାବୀ ଛାତ୍ର ସାଇ ସୋହମ ପ୍ରଧାନ ଜାପାନ ଯିବେ। ସେ ବର୍ତ୍ତମାନ ଭୁବନେଶ୍ୱର ଆଇକନିକ ଓଡ଼ିଶା ଆବାସିକ ବିଦ୍ୟାଳୟ, +୨ ବିଜ୍ଞାନରେ ଦ୍ୱିତୀୟ ବର୍ଷର ଛାତ୍ର। ଓସେପା ଚିଠି ନଂ. ୫୫୪୪ ତା. ୧୬. ୦୪. ୨୦୨୫ ରିଖ ଅନୁଯାୟୀ ଜାପାନରେ ଅଗଷ୍ଟ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ହାଇସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମ 'ସାକୁରା'ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ସେ ମନୋନୀତ ହୋଇଛନ୍ତି। ଏଥିପୂର୍ବରୁ ସେ ୨୦୨୨ ମସିହାରେ ଆସାମର ଗୁଆହାଟୀଠାରେ ଜାତୀୟସ୍ତରୀୟ ବିଜ୍ଞାନମେଳାରେ ସଫଳତାର ସହ କୃତିତ୍ୱ ହାସଲ କରିଥିଲେ। ମାତା ସ୍ୱର୍ଣ୍ଣଲତା ବିଶ୍ୱାଳ, ପିତା ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ପୁତ୍ର ସାଇ ସୋହମ ୨୦୨୪ ମସିହା ସି.ବି.ଏସ.ଇ ୧୦ମ ବୋର୍ଡ ପରୀକ୍ଷାରେ ଶତକଡ଼ା ୯୯% ରଖି ଉତ୍ତୀର୍ଣ୍ଣ ହେବା ସହିତ ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ। ଜାପାନର ବିଶିଷ୍ଟ ବୈଜ୍ଞାନିକମାନେ ବିଭିନ୍ନ ଦେଶରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଜାପାନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ନୂତନ ଜ୍ଞାନକୌଶଳ ଉପରେ ଆଲୋକପାତ କରିବେ। ସାଇ ସୋହମଙ୍କ ଜାପାନ ଯିବା ଖବରଶୁଣି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଞ୍ଚଳବାସୀ ତାଙ୍କର ଶୁଭକାମନା କରିଛନ୍ତି। ଜାପାନ ଯିବା ପାଇଁ ମନୋନୀତ ହୋଇଥିବା ୪ ବିଦ୍ୟାର୍ଥୀଙ୍କ ମଧ୍ୟରୁ ସାଇ ସୋହମ ପ୍ରଥମ ସ୍ଥାନରେ ରହିଥିବାରୁ ସତ୍ୟବାଦୀ ପାଇଁ ଗୌରବ ଆଣିଦେଇଛନ୍ତି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ମହୁମାଛି ଆକ୍ରମଣରେ ୪ ଗୁରୁତର

ଆନନ୍ଦପୁର/ଘସିପୁରା,୨୬/୫
(ସୁଶାନ୍ତ କୁମାର ସାହୁ/ନିରଞ୍ଜନ ସାହୁ)

**ସାବିତ୍ରୀ ପୂଜା ସମୟରେ ଅଘଟଣ**

କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ପୁରୁଣିଆ ଓ ମଙ୍ଗଳପୁର ଗ୍ରାମରେ ସୋମବାର ସାବିତ୍ରୀ ପୂଜା ସମୟରେ ଅଘଟଣ ଘଟିଛି। ପୃଥକ ସ୍ଥାନରେ ମହୁମାଛି ଆକ୍ରମଣରେ ୪ ମହିଳା ଗୁରୁତର ହୋଇଥିବା ବେଳେ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ଅନସୂୟା ସାହୁ, ରିତା ମହାରଣା, ସୁଲୋଚନା ସାହୁ, ସୁକାନ୍ତି ସାହୁ। ପୂଜକ ପବନ ପଣ୍ଡା ଆହତ ହୋଇଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ, ଘସିପୁରା ଥାନା ପୁରୁଣିଆ ଗ୍ରାମରେ ସୋମବାର ସାବିତ୍ରୀ ଓଷା ଅବସରରେ ମହିଳାମାନେ ଗ୍ରାମର ଜଣଙ୍କ ଚଉରା ମୂଳେ ପୂଜା କରୁଥିଲେ। ଏହି ସମୟରେ ଅଚାନକ ମହୁମାଛି ଆକ୍ରମଣ କରିଥିଲେ। ଫଳରେ ୨ ମହିଳା ଗୁରୁତର ହେବା ସହିତ ୪ ଜଣ ଆହତ ହୋଇଛନ୍ତି। ସେହିଭଳି ମଙ୍ଗଳପୁର ଗାଁରେ ଗାଁ ରାସ୍ତା ଉପରେ ପୂଜା ଚାଲିଥିବା ବେଳେ ମହୁମାଛି ଆକ୍ରମଣ କରିଥିଲେ। ଏଥିରେ ୨ ମହିଳା ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଥିଲେ। ଆହତ, ଗୁରୁତରଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଘରକୁ ପଠାଇ ଦିଆଯାଇଛି। ଚିକିତ୍ସା ପରେ ଗୁରୁତରଙ୍କ ଅବସ୍ଥା ସ୍ୱାଭାବିକ ଥିବା ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ କହିଛନ୍ତି।

# ଦାଦନ ଖଟିବାକୁ ଯାଇଥିବା ମହିଳାଙ୍କ ତାମିଲନାଡୁରେ ମୃତ୍ୟୁ

ଆର.ଉଦୟଗିରି/ ପାରଳାଖେମୁଣ୍ଡି, ୨୬।୫(ମନୋଜ କୁମାର ପାତ୍ର/ଗିରିଧାରୀ ପରିଡ଼ା)

ଗଜପତି ଜିଲ୍ଲାରୁ ନିଜର ଭିଟାମାଟି ଛାଡ଼ି ତାମିଲନାଡୁକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଜଣେ ମହିଳା ଶ୍ରମିକଙ୍କ ସେଠାରେ ମୃତ୍ୟୁ ହୋଇଛି। ସେ ହେଲେ ପ୍ରତିଲିତା ମହାପାତ୍ର। ତାଙ୍କ ଘର ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ରଣାଲାଇ ଗ୍ରାମରେ। ସେ ଗତ କିଛି ମାସ ହେଲା ତାମିଲନାଡୁର ତ୍ରିପୁରାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରବିବାର କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତା ମହିଳାଙ୍କ ପରିବାର ଅତି ଗରିବ ଶ୍ରେଣୀର। ତାଙ୍କ ମରଶରୀର ତାଙ୍କ ନିଜ ଗ୍ରାମ ରଣାଲାଇକୁ ଆଣିବା ପାଇଁ ପ୍ରଶାସନ ସହାୟତା କରିବା ଲାଗି ପରିବାର ଓ ଗ୍ରାମବାସୀ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିଲିତା ନିଜ ପରିବାରର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ବାପା, ମାଆ ଓ ନିଜ ଭଉଣୀ ସହ ସପରିବାର ଦାଦନ ଖଟିବା ପାଇଁ ତାମିଲନାଡୁର ତ୍ରିପୁର ଯାଇ ଏକ ରେଡିମେଡ଼ ବସ୍ତ୍ର କମ୍ପାନୀରେ କାମକରି ନିଜ ଗୁଜୁରାଣ ମେଣ୍ଟାଉ ଥିଲେ। ଗତ କିଛି ଦିନ ତଳେ ସେ ନିଜ ଗ୍ରାମକୁ ଆସିଥିଲେ। ୨୦ ଦିନ ତଳେ ତ୍ରିପୁରରୁ ମାଆ ଗ୍ରାମକୁ ଆସିବା ପରେ ପୁଣି ଥରେ ପ୍ରତିଲିତା କାର୍ଯ୍ୟରେ ଯୋଗଦେବାକୁ ତ୍ରିପୁରୁ ଯାଇଥିଲେ। ସେଠାରେ କାମ କରିବାର କିଛି ଦିନ ପରେ ତାଙ୍କ ଦେହ ହଠାତ ଖରାପ ହୋଇଥିଲା ସେଠାରେ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ପ୍ରତିଲିତାଙ୍କ ମୃତ୍ୟୁ ଘଟିଛି। ତେବେ ପରିବାରର ଆର୍ଥିକ ସ୍ଥିତି ଅତି ଖରାପ ହେତୁ ତାଙ୍କ ମୃତଦେହ ନିଜ ଗ୍ରାମ ରଣାଲାଇକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ସକ୍ଷମ ନୁହନ୍ତି। ଏହି ଖବର ପାଇ ଗ୍ରାମବାସୀ ଏବଂ ସହଯୋଗୀ ପ୍ରଶାସନକୁ ଯୋଗାଯୋଗ କରିଥିଲେ। ଏନେଇ ଜିଲ୍ଲାପାଳ ବିଜୟ କୁମାର ଦାସ ଶ୍ରମ ବିଭାଗ ନିକଟରେ କୌଣସି ସୂଚନା ନ ଥିବା କହିଛନ୍ତି। ମଙ୍ଗଳବାର ଜିଲ୍ଲା ଶ୍ରମ ଅଧିକାରୀ ପ୍ରତିଲିତାଙ୍କ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହୋଇ ତାଙ୍କ ମୃତଦେହ ଗ୍ରାମକୁ ଆଣିବା ଏବଂ ଶେଷକୃତ୍ୟ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ପରିବାରର ଆର୍ଥିକ ସ୍ଥିତିକୁ ଦେଖି ନିଜ ଗାଁ ଓ ପାଖଆଖ ଅଞ୍ଚଳର ଦାଦନ ଶ୍ରମିକମାନେ ଏକାଠି ହୋଇଛନ୍ତି। ସେମାନେ ପ୍ରତିଲିତାଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇ ମୃତଦେହ ଗ୍ରାମକୁ ପଠାଇବା ବ୍ୟବସ୍ଥା କରୁଥିବା ଖବର ମିଳିଛି।

# ୪ ରେଳ କର୍ମଚାରୀ ସମ୍ବର୍ଦ୍ଧିତ


୪ ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୨୬।୫ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନା ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ତଥା ସତର୍କତା ପାଇଁ ୪ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଟିଟିଲାଗଡ଼ରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ପୂଜକ କୁମାର, ମଡଗଜପୁର ଷ୍ଟେସନରେ କାର୍ଯ୍ୟରତ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଦୀନେଶ କୁମାର, କେନ୍ଦୁଝରଗଡ଼ରେ କାର୍ଯ୍ୟରତ ଲୋକୋ ପାଇଲଟ ଜଗଦୀଶ ସାମଲ ଏବଂ ବିଶାଖାପାଟଣାରେ କାର୍ଯ୍ୟରତ ଟ୍ରେନ ପ୍ରବନ୍ଧକ ବୋଡାନି ଶ୍ରୀନିବାସ ରାଓ। ସମ୍ବର୍ଦ୍ଧିତ କରିବା ସମୟରେ ମହାପ୍ରବନ୍ଧକ ଫୁଙ୍କୱାଲ କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ପରିଶ୍ରମକୁ ପ୍ରଶଂସା କରିଥିଲେ। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ, ଟ୍ରେନ ମ୍ୟାନେଜର ଏବଂ ଷ୍ଟେସନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ସମୁଦ୍ରରେ ବୁଡ଼ି ଛାତ୍ର ନିଖୋଜ

ଭଣ୍ଡାରିପୋଖରୀ,୨୬।୫
(ରାଜେନ୍ଦ୍ର ଶତପଥୀ)


ପ୍ରଦ୍ୟୁଷ ସ୍ୱାଇଁ

ପୁରୀ ସମୁଦ୍ରରେ ଗାଧୋଇବା ବେଳେ ବୁଡ଼ି ଯାଇ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଅଞ୍ଚଳର ଜଣେ ଛାତ୍ର ରବିବାରଠାରୁ ନିଖୋଜ ଅଛନ୍ତି। ସେ ହେଲେ ଭଣ୍ଡାରିପୋଖରୀ ବ୍ଲକ ଅଧୀନ ସରସବା ଗ୍ରାମର ପ୍ରଭାତ ସ୍ୱାଇଁଙ୍କ ପୁଅ ପ୍ରଦ୍ୟୁଷ(୧୭)। ସୂଚନା ଅନୁଯାୟୀ, ପ୍ରଦ୍ୟୁଷ ସାଙ୍ଗମାନଙ୍କ ସହ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲେ। ଦର୍ଶନ ସାରିବା ପରେ ପୁର୍ଣ୍ଣୀହୁରେ ହୋଟେଲ ତାରା ପ୍ୟାଲେସ ସମ୍ମୁଖ ସମୁଦ୍ରକୂଳରେ ଗାଧୋଇବା ବେଳେ ସେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ନିକଟରେ ଥିବା ଲାଇଫ୍ ଗାର୍ଡ ଖୋଜାଖୋଜି କରି ମଧ୍ୟ ତାଙ୍କୁ ପାଇ ନ ଥିଲେ। ତାଙ୍କ ସମ୍ପର୍କୀୟ ଭାଇ ମାନସ ରଞ୍ଜନ ମଲ୍ଲିକ ଏନେଇ ପୁରୀ ବଳିପଣ୍ଡା ଥାନାରେ ନିଖୋଜ ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା (ନଂ. ୮/୨୫) ରୁଜୁ ହୋଇଛି। ପ୍ରଦ୍ୟୁଷ ଚଳିତବର୍ଷ ଭଦ୍ରକ କଲେଜରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ବାଲ୍‌କୋନିରୁ ଶ୍ରମିକଙ୍କ ମୃତଦେହ ଜବତ

ଯୋଡ଼ା,୨୬।୫(ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଫିସ୍ ହତା ମଧ୍ୟରେ ଥିବା ଏକ କ୍ୱାର୍ଟର ବାଲ୍‌କୋନିରୁ ଜଣେ ଶ୍ରମିକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କଟକ ଅଞ୍ଚଳର ବାପିନା ସେଠୀ (୨୫)। ସେ ଯୋଡ଼ା ପୌରପାଳିକାର ଜଣେ ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ପୋଲିସର ସୂଚନା ଅନୁଯାୟୀ, ରବିବାର ରାତି ୧୦ଟା ୪୦ରେ ମୃତଦେହ ପଡ଼ିଥିବା ସମ୍ପର୍କିତ ଖବର ସ୍ଥାନୀୟ ଲୋକେ ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏକ ମାମଲା(ନଂ. ୧୬/୨୫) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ମୃତ୍ୟୁର କାରଣ ବାଲକୋନିରୁ ପଡ଼ିଯିବା ହେତୁ ହୋଇଥିବା କୁହାଯାଉଛି। ମାତ୍ର ରାତିରେ ଭୋଜି ହୋଇଥିବାରୁ ସେଠାରେ କିଛି ଘଟିଥିବା ସନ୍ଦେହ କରାଯାଉଛି।

# ଆର୍ଯ୍ୟପଲ୍ଲୀରେ ଡେଙ୍ଗୁ ବ୍ୟାପିଲା: ନାବାଳକ ମୃତ, ୮ ଆକ୍ରାନ୍ତ

ଛତ୍ରପୁର,୨୬।୫ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ବଡ଼ ଆର୍ଯ୍ୟପଲ୍ଲୀ ଗାଁରେ ଡେଙ୍ଗୁ ଜ୍ୱର ବ୍ୟାପିଛି। ଡେଙ୍ଗୁରେ ଆକ୍ରାନ୍ତ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ମୃତକ ହେଲେ ବଡ଼ ଆର୍ଯ୍ୟପଲ୍ଲୀ ଗାଁ ଗୋଲାସାହିର ମିନତି କୁମାରୀ ସାହୁଙ୍କ ୧୩ ବର୍ଷର ପୁଅ ମୋହିତ କୁମାର ସାହୁ। ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ରାତି ୧୦ଟାରେ ତାଙ୍କର ମୃତ୍ୟୁ ହୋଇଛି। ମୋହିତଙ୍କ ସାନ ଭାଇ ରୋହିତ ମଧ୍ୟ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲ ଆଇସିୟୁରେ ଅଛନ୍ତି। ସେହିପରି ଗ୍ରାମର ବି. ବାଲୁ ବ୍ରହ୍ମପୁରର ଏକ ଘରୋଇ ହସ୍ପିଟାଲରେ ଓ ପ୍ରଦ୍ୟୁମ୍ନ ସାହୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗତ ୬ ଦିନରେ ସମସ୍ତ ୮ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ଖବରପାଇ ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସ୍ୱାଧୀନ ପାତ୍ର ମେଡିକାଲ ଟିମ୍‌କୁ ଆଲର୍ଟ କରି ତଥ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ପ୍ରଭାବିତଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରିଥିଲା। ନୋଡ଼ିଆ ନୁଆଗାଁ ସେକ୍ଟରର ମେଡିକାଲ ଅଫିସର, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ବିପିଏମ ଓ ସୁପରଭାଇଜର, ବଡ଼ ଆର୍ଯ୍ୟପଲ୍ଲୀ ଗାଁ ଆଶାକର୍ମୀ ଓ ଏଏନ୍‌ଏମ,ଅଙ୍ଗନୱାଡ଼ି କର୍ମୀ ଗାଁରେ ପହଞ୍ଚି ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଗାଁରେ ଡେଙ୍ଗୁ ବ୍ୟାପୁଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ ଏକ ଟିମ ଗଠନ କରାଯାଇଛି। ମଙ୍ଗଳବାର ଗାଁରେ ସର୍ଭେ ହେବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଡା. ପାତ୍ର ସୂଚନା ଦେଇଛନ୍ତି।


ମେଡିକାଲ ଟିମ୍ ଅନୁଧ୍ୟାନ କରୁଛନ୍ତି।

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଜ୍ୟେଷ୍ଠା ଅମାବାସ୍ୟା, ଗୋସହସ୍ରୀ ସ୍ନାନ



# ରଣନୀତିକ ବିପଦ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ୱାଭାବିକ ସ୍ଥିତି ଲାଗିରହିଛି। ପାକିସ୍ତାନକୁ ଭାରତୀୟମାନେ ପରମ ଶତ୍ରୁ ଭାବେ ଦେଖୁଛନ୍ତି। କିନ୍ତୁ କୂଟନୈତିକ ଓ ରଣନୀତିକ ସ୍ତରରେ ଚାଇନା ଯେଭଳି ବ୍ୟବହାର ପ୍ରଦର୍ଶନ କରୁଛି, ସେ ଭାରତର ପ୍ରଧାନ ଶତ୍ରୁ ଭାବେ ଠିଆ ହୋଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଏବର ତିକ୍ତତା ଦେଖାଦେବା ପୂର୍ବରୁ ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ମ୍ୟାନ୍‌ମାର, ମାଲଦ୍ୱୀପ ଆଦି ରାଷ୍ଟ୍ର ସହ ଚାଇନା କୂଟନୈତିକ ସମ୍ପର୍କ ବଢ଼ାଇବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ସ୍ଥିତିରେ ଭାରତ ସହ ଉତ୍ତମ ସମ୍ପର୍କ ରଖିଆସିଥିବା ଆଫଗାନିସ୍ତାନକୁ ମଧ୍ୟ ଚାଇନା କଳେବଳେ କୌଶଳେ ନିଜ ଆଡ଼କୁ ନେଇଯାଇଛି। ସଦ୍ୟ ଦୃଷ୍ଟାନ୍ତ ଦେଖିଲେ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପ୍ରକଳ୍ପରେ ଆଫଗାନିସ୍ତାନ ଯୋଗ ଦେବାକୁ ନିଷ୍ପତ୍ତି ନେଇଛି। ଉଲ୍ଲେଖଯୋଗ୍ୟ, ୨୦୧୫ ଏପ୍ରିଲରେ ସିପିଇସି ଆରମ୍ଭ ହୋଇଥିଲା। ୬୨ ବିଲିୟନ ଆମେରିକୀୟ ଡଲାରର ଏହି ପ୍ରକଳ୍ପ ପାକ୍ ଅଧିକୃତ କଶ୍ମୀର (ପିଓକେ) ଦେଇ ଯାଉଥିବାରୁ ଦେଶର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତା ବିପନ୍ନ ହେଉଥିବା ଦର୍ଶାଇ ଭାରତ ତାହାକୁ ବିରୋଧ କରିଆସୁଛି। ଦୀର୍ଘ ୩,୦୦୦ କିଲୋମିଟର ବ୍ୟାପୀ ଚାଇନାର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଜିନ୍‌ଜିଆଙ୍ଗ ପ୍ରଦେଶରୁ ଆରମ୍ଭ ହୋଇ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଥିବା ଗ୍ୱାଦାର ବନ୍ଦରକୁ ସଡ଼କ, ରେଳପଥ ଏବଂ ଶକ୍ତି ପ୍ରକଳ୍ପ ମାଧ୍ୟମରେ ଯୋଡ଼ି ହେବାକୁ ଯାଉଛି। ପାକିସ୍ତାନର ଦୁର୍ବଳ ଅର୍ଥନୀତିକୁ ସୁଦୃଢ଼ କରାଇବାର ଆଶା ଦେଖାଇ ଚାଇନା ଆରବ ସାଗରରେ ନିଜର ପ୍ରଭୁତ୍ୱ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଦେଖିବାକୁ ଗଲେ ପିଓକେ ଓ ବେଲୁଚିସ୍ତାନରେ ଭିତ୍ତିଭୂମି ବିକାଶ ଦିଗରେ ଚାଇନାର ନିବେଶ ଭାରତ ପାଇଁ ଚିନ୍ତା ବଢ଼ାଇ ଦେଇଛି। କାରଣ ସେହିସବୁ ଅଞ୍ଚଳରୁ ଚାଇନା ଓ ପାକିସ୍ତାନର ସାମରିକ କାର୍ଯ୍ୟକଳାପ ଭାରତ ପାଇଁ ବିପଦ ଆଣିବା ଥୟ। ଏଥିସହିତ ଇରାନ୍‌ର ଚାବାହାର ବନ୍ଦର ସହ ସଂଯୋଗ ନେଇ ଭାରତ ବିଭିନ୍ନ ପଦକ୍ଷେପ ନେଉଛି। ଏଭଳି ସ୍ଥଳେ ସିପିଇସି ଯୋଗୁ ସୃଷ୍ଟି ହୋଇଥିବା ବାଣିଜ୍ୟ ପଥ ଭାରତକୁ ସମ୍ପୃକ୍ତ ଅଞ୍ଚଳରୁ ତଡ଼ିଦେବ ବୋଲି ଆଶଙ୍କା ସୃଷ୍ଟି ହେଲାଣି।

ଏହି ପ୍ରଚ୍ଛଦପଟରେ ଦେଖିଲେ ପାକିସ୍ତାନ ଯୋଜନା କରି ଆଫଗାନିସ୍ତାନ ମାଟିକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ବ୍ୟବହାର କରିପାରେ, ଯାହା ନୂଆଦିଲ୍ଲୀର ଚିନ୍ତା ବଢ଼ାଇ ଦେଇଛି। କାରଣ ଅତୀତକୁ ଅନିଶା କଲେ ଜୈଶ-ଇ-ମହମ୍ମଦ ଓ ଲଶ୍କର-ଇ-ତୋଇବା ଭଳି ଆତଙ୍କବାଦୀ ଗୋଷ୍ଠୀଙ୍କୁ ଆଫଗାନିସ୍ତାନ ନିଜ ମାଟିରେ ଆଶ୍ରୟ ଦେଇଆସିଛି। କେବଳ ସେତିକି ନୁହେଁ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ କରିଥିବା ସାମରିକ ଅଭିଯାନକୁ ଦେଖି ଆଫଗାନିସ୍ତାନରେ ଥିବା ଅଲ୍-କାଏଦା ଭଳି ଉଗ୍ରପନ୍ଥୀ ସଙ୍ଗଠନ ଭାରତ ବିରୋଧରେ ଜେହାଦୀ ଘୋଷଣା କରିଛନ୍ତି। ଏବେ ବିଚଳିତ କଲା ଭଳି ଘଟଣା ହେଲା ଚାଇନାର ସିପିଇସି ଭିତ୍ତିଭୂମି ବିସ୍ତାରବାଦୀ କାର୍ଯ୍ୟରେ ଅଫଗାନିସ୍ତାନ ଯୋଗଦେବାକୁ ସମ୍ମତି ପ୍ରଦାନ କରି ଭାରତ ପାଇଁ ଗମ୍ଭୀର ଭୂରାଜନୈତିକ ପରିଣାମ ଆଣିବାର ଆଶଙ୍କା ସୃଷ୍ଟି ହୋଇଛି।

ଅତୀତକୁ ଦେଖିଲେ ଆଫଗାନିସ୍ତାନର ଅନ୍ତରୀଣ ତାଲିବାନ ସରକାର ସେଠାକାର ଆତଙ୍କବାଦୀ ସଙ୍ଗଠନ ତେହେରିକ୍-ଇ-ତାଲିବାନ ପାକିସ୍ତାନ ଓ ବେଲୁଚିସ୍ତାନ ଲିବରେଶନ ଆର୍ମି (ବିଏଲ୍ଏ) ପାକିସ୍ତାନ ବିରୋଧୀ କାର୍ଯ୍ୟକଳାପକୁ ବନ୍ଦ କରିବାରେ ବିଫଳ ହେଉଥିବାରୁ ଇସ୍‌ଲାମାବାଦ ଲଗାତର କାବୁଲକୁ ସମାଲୋଚନା କରିଆସୁଥିଲା। ସୂଚନା ଦିଆଯାଇପାରେ ଯେ, ଆଫଗାନିସ୍ତାନ ଶରଣାର୍ଥୀଙ୍କୁ ପାକିସ୍ତାନ ନିଜ ଦେଶରୁ ବଳପୂର୍ବକ ତଡ଼ିଦେବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ତିକ୍ତତାକୁ ଚାଇନା ସମ୍ଭବତଃ କମାଇବାରେ ସଫଳ ହୋଇଛି। ନିକଟରେ ବେଜିଂଠାରେ ଚାଇନା, ପାକିସ୍ତାନ ଓ ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀମାନେ ଏକ ତ୍ରିପାକ୍ଷିକ ବୈଠକରେ ଯୋଗ ଦେଇ ସିପିଇସି ଉପରେ ଆଲୋଚନା କରିବା ସାମ୍ପ୍ରତିକ ସ୍ଥିତିରେ ଅଧିକ ଗୁରୁତ୍ୱ ବହନ କରୁଛି। ଆଫଗାନିସ୍ତାନର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମରେ ଭାରତ ୩ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଏହା ସତ୍ତ୍ୱେ ଆଫଗାନିସ୍ତାନକୁ ଚାଇନା ନିଜ ଆଡ଼କୁ ଟାଣିନେବା ଭାରତର ବୈଦେଶିକ ନୀତିର ଆଉ ଏକ ବିଫଳତାକୁ ଦର୍ଶାଉଛି ବୋଲି କୁହାଗଲାଣି।

> ନିକଟରେ ବେଜିଂଠାରେ ଚାଇନା, ପାକିସ୍ତାନ ଓ ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀମାନେ ଏକ ତ୍ରିପାକ୍ଷିକ ବୈଠକରେ ଯୋଗ ଦେଇ ସିପିଇସି ଉପରେ ଆଲୋଚନା କରିବା ସାମ୍ପ୍ରତିକ ସ୍ଥିତିରେ ଅଧିକ ଗୁରୁତ୍ୱ ବହନ କରୁଛି। ଆଫଗାନିସ୍ତାନର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମରେ ଭାରତ ୩ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଏହା ସତ୍ତ୍ୱେ ଆଫଗାନିସ୍ତାନକୁ ଚାଇନା ନିଜ ଆଡ଼କୁ ଟାଣିନେବା ଭାରତର ବୈଦେଶିକ ନୀତିର ଆଉ ଏକ ବିଫଳତାକୁ ଦର୍ଶାଉଛି ବୋଲି କୁହାଗଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 1 | | |
| | | 7 | | 3 | | | | 4 |
| | | | 6 | | | | 5 | |
| 4 | | | | 7 | 6 | | | 9 |
| | | | | | | 8 | 7 | |
| 2 | | | 3 | | 9 | | | |
| | | 4 | | | 2 | | | 5 |
| | | | | | | | 4 | 6 |
| | 2 | | | 6 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 7 | 6 | 9 | 8 | 3 | 1 | 4 |
| 9 | 1 | 6 | 3 | 2 | 4 | 7 | 5 | 8 |
| 3 | 8 | 4 | 7 | 5 | 1 | 6 | 2 | 9 |
| 6 | 4 | 9 | 5 | 1 | 7 | 8 | 3 | 2 |
| 1 | 3 | 8 | 9 | 6 | 2 | 5 | 4 | 7 |
| 5 | 7 | 2 | 4 | 8 | 3 | 9 | 6 | 1 |
| 7 | 9 | 1 | 2 | 3 | 5 | 4 | 8 | 6 |
| 4 | 2 | 3 | 8 | 7 | 6 | 1 | 9 | 5 |
| 8 | 6 | 5 | 1 | 4 | 9 | 2 | 7 | 3 |

ଗତକାଲିର ଉତ୍ତର

# ଲକ୍ଷ୍ମଣରେଖା



ହରିଶଙ୍କର ମିଶ୍ର

ଲକ୍ଷ୍ମଣରେଖା ଏକ ବହୁପ୍ରଚଳିତ ପୁରାଣ ବର୍ଣ୍ଣିତ ଶବ୍ଦ। ରାମାୟଣରେ ରାବଣର ନିର୍ଦ୍ଦେଶରେ ମାରିଚ ମାୟା ସୁବର୍ଣ୍ଣ ମୃଗ ହୋଇ ଶ୍ରୀରାମଙ୍କୁ ଭ୍ରମିତ କରାଇ ଘନ ଅରଣ୍ୟକୁ ନେଇଗଲା। ଶ୍ରୀରାମଙ୍କ ଦ୍ୱାରା ଶରବିଦ୍ଧ ହୋଇ ମୃତ୍ୟୁ ପୂର୍ବରୁ ତ୍ରାହି ଲକ୍ଷ୍ମଣ ବୋଲି ଉଚ୍ଚ ସ୍ୱରରେ ଡାକ ଦେଇଥିଲା। ଶ୍ରୀରାମ ବିପଦଗ୍ରସ୍ତ କହି ସୀତା ଶୀଘ୍ର ଯିବାକୁ କହିବାରେ ଲକ୍ଷ୍ମଣ ଏହା ଆସୁରିକ ସ୍ୱର ବୋଲି ଯେତେ କହିଲେ ବି ସୀତା ତାଙ୍କର ଉଦ୍ଦେଶ୍ୟ ମନ୍ଦ କହି ଭର୍ତ୍ସନା କରିଥିଲେ। ଲକ୍ଷ୍ମଣ ନିରୁପାୟ ହୋଇ ଶର ମୁନରେ ଆଶ୍ରମ ସାମ୍ନାରେ ତିନି ଗୋଟି ଗାର ଟାଣି ସୀତାଙ୍କୁ କୌଣସି ପରିସ୍ଥିତିରେ ତାକୁ ଅତିକ୍ରମ ନ କରିବାକୁ ଅନୁରୋଧ କରି ଜଙ୍ଗଲ ମଧ୍ୟକୁ ଗଲେ। ତା'ପରେ ରାବଣ ତପସ୍ୱୀ ବେଶରେ ଆସି ଭିକ୍ଷା ମାଗିବା ଏବଂ ଲକ୍ଷ୍ମଣଙ୍କ ଅଙ୍କିତ ତିନି ଗାର ଅତିକ୍ରମ କରି ସୀତା ଭିକ୍ଷା ଦେବାବେଳେ ତାଙ୍କୁ ଅପହରଣ କରିବା ସମସ୍ତେ ଜାଣନ୍ତି। ସେବେଠାରୁ ଲକ୍ଷ୍ମଣରେଖା ଗୋଟିଏ ଆଭିଧାନିକ ଶବ୍ଦ ହୋଇଗଲା। ଏହାର ପ୍ରୟୋଗ ମଧ୍ୟ ବିଭିନ୍ନ ସ୍ଥାନ କାଳ ପାତ୍ର ଅନୁଯାୟୀ ଭିନ୍ନ ଭାବେ ଦେଖିବାକୁ ମିଳିଲେ ମଧ୍ୟ ଏହା ଗୋଷ୍ଠୀ, ସମ୍ପ୍ରଦାୟ ଓ ନାଗରିକଙ୍କ ପାଇଁ ଅନୁଶାସନର ଏକ ଫର୍ଦ୍ଦ, ଏଥିରେ ଦ୍ୱିରୁକ୍ତି ନାହିଁ। କେଉଁଠି ସାମାଜିକ ଚଳଣିରେ ଅଲିଖିତ ପରମ୍ପରାକୁ ଲକ୍ଷ୍ମଣରେଖା ଭାବରେ ବିବେଚିତ ହୁଏ। କେଉଁଠି ଜାତି, ସମ୍ପ୍ରଦାୟ ବା ଗୋଷ୍ଠୀ ପାଇଁ ଅଲଗା ଅଲଗା ସାମାଜିକ ବିଧିବିଧାନ ସେମାନଙ୍କ ପାଇଁ ଲକ୍ଷ୍ମଣରେଖା, ଯାହାର ଉଲ୍ଲଂଘନ ସମାଜ ବା ସମ୍ପ୍ରଦାୟ ସହଜରେ ଗ୍ରହଣ କରିପାରେ ନାହିଁ।

ସରକାରୀ କର୍ମଚାରୀଙ୍କ ପାଇଁ ସେବା ସଂହିତା ଓ ଆଚରଣ ସଂହିତାକୁ ଲକ୍ଷ୍ମଣରେଖା ଭାବରେ ବିବେଚିତ କରାଯାଏ। ଧାର୍ମିକ ବ୍ୟବସ୍ଥାରେ ମଧ୍ୟ କିଛି କଟକଣା ଲକ୍ଷ୍ମଣରେଖା ଭାବରେ ବିବେଚିତ ହୁଏ। ଦେଶର ସୀମା, ପଡ଼ୋଶୀ ଦେଶର ଲୋକଙ୍କ ପାଇଁ ଲକ୍ଷ୍ମଣରେଖା ଯାହା ବିନାନୁମତିରେ ଅଲଙ୍ଘନୀୟ। ଠିକ୍ ସେପରି ଦେଶବାସୀଙ୍କ ପାଇଁ ଲକ୍ଷ୍ମଣରେଖା ହେଉଛି ଦେଶର ସମ୍ବିଧାନ। ସମ୍ବିଧାନର ଅବମାନନା ବା ଉଲ୍ଲଂଘନକାରୀଙ୍କୁ ଦେଶଦ୍ରୋହୀ କୁହାଯାଏ। ସେଥିପାଇଁ ଏହା ସ୍ୱୀକାର କରିବାକୁ ହେବ ଯେ ଲିଖିତ ବା ଅଲିଖିତ ହେଲେ ବି ପ୍ରତ୍ୟେକଙ୍କ ପାଇଁ ରହିଥିବା ସାମାଜିକ, ଧାର୍ମିକ, ଆଇନଗତ ବିଧି ବ୍ୟବସ୍ଥାର ସୀମା ପରିସୀମା ଲକ୍ଷ୍ମଣରେଖା ଭାବରେ ସ୍ୱୀକୃତ। ଆମର ଗଣତାନ୍ତ୍ରିକ ରାଷ୍ଟ୍ରରେ ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ସାମ୍ବିଧାନିକ ପଦବୀରେ ଥିବା ସମସ୍ତ ବର୍ଗ ଓ ସବୁ ସ୍ତରରେ ଥିବା ନାଗରିକଙ୍କ ପାଇଁ ଲକ୍ଷ୍ମଣରେଖା ନିର୍ଣ୍ଣିତ ହୋଇଛି। ସେପରି ଧାର୍ମିକ ଗୁରୁଙ୍କ ପାଇଁ ମଧ୍ୟ ଲକ୍ଷ୍ମଣରେଖା ରହିଛି। ଉଦାହରଣ ସ୍ୱରୂପ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସାଗର ଅତିକ୍ରମ କରି ବିଦେଶ ନ ଯିବାକୁ ଅଲିଖିତ



ଲକ୍ଷ୍ମଣରେଖା ରହିଛି। ଯେଉଁଠାରେ ବିଶ୍ୱାସ ଓ ସଦ୍‌ଭାବନା ଓ ଧାର୍ମିକ ଆଧାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଆଚରଣ ପାଇଁ କୌଣସି ସୀମା ପରିସୀମା ଲିଖିତ ହୋଇନାହିଁ ସେଠାରେ ଲକ୍ଷ୍ମଣରେଖା ଭାବରେ ସେମାନଙ୍କ ଉପରେ ନ୍ୟସ୍ତ କର୍ତ୍ତବ୍ୟ ଆଧାରରେ ବିବେକ ବା ଅନ୍ତରାତ୍ମାର ନିର୍ଦ୍ଦେଶ ବା ପରମ୍ପରା ହିଁ ଲକ୍ଷ୍ମଣରେଖା ବୋଲି ବିବେଚିତ ହୋଇଥାଏ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକେ ପାଇଥିବା ଅଧିକାର କେବେ ବି ଅପରିସୀମ, ଚିରସ୍ଥାୟୀ ବା ସ୍ୱେଚ୍ଛାଚାର ହୋଇ ନ ପାରେ। କିନ୍ତୁ ଏବେ ସମାଜରେ ଲକ୍ଷ୍ମଣରେଖା ଉଲ୍ଲଂଘନ ସବୁଠାରେ ଦେଖିବାକୁ ମିଳୁଛି। କେହି ଅବଶ୍ୟ ଏଥିପାଇଁ ଆଇନ ପରିସରଭୁକ୍ତ ହେଉଛନ୍ତି ବା କେହି ସାମାଜିକ ସ୍ତରରେ ସାମୂହିକ ନିଷ୍ପତ୍ତିର ସାମ୍ନା କରୁଛନ୍ତି। କିନ୍ତୁ ଯେଉଁଠାରେ ଏ ସମ୍ପର୍କରେ କୌଣସି ଲିଖିତ ଦସ୍ତାବିଜ ନାହିଁ ସେଠାରେ ପରମ୍ପରାର ସ୍ୱାଭିମାନ ବଜାୟ ରଖିବା ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନୈତିକ କର୍ତ୍ତବ୍ୟ। କିନ୍ତୁ ଆମର ମାନସିକତା ଏତେ ରୁଗ୍ଣ ତଥା ସ୍ୱାର୍ଥାନ୍ୱେଷୀ ଯେ ଆମେ ପାଇଥିବା ଦାୟିତ୍ୱ ବା ନ୍ୟସ୍ତ କର୍ତ୍ତବ୍ୟର ସୁଯୋଗରେ ନିଜକୁ ସର୍ବେସର୍ବା ଭାବିଥାଉ। ଏଥିପାଇଁ ଆମେ ସବୁକିଛି ଜଳାଞ୍ଜଳି ଦେଇ ସ୍ୱାର୍ଥ ଓ ଆତ୍ମପ୍ରଚାରକୁ ଏତେ ମାତ୍ରାରେ ଗ୍ରହଣ କରୁ ଯେ ଏହା ଦ୍ୱାରା ବ୍ୟକ୍ତି, ସମାଜ ବା ଧାର୍ମିକ ଭାବନା କିଭଳି ପ୍ରଭାବିତ ହେଉଛି ତା' ପ୍ରତି ନଜର ଦେଇ ନ ଥାଉ। ଯାହାର ସଦ୍ୟ ଉଦାହରଣ ହେଉଛି ଶ୍ରୀଜଗନ୍ନାଥ ମନ୍ଦିରରେ ସେବା ପାଇଁ ନିୟୋଜିତ ଆଦ୍ୟଠାରୁ ପ୍ରାନ୍ତ କିଛି ସେବକଙ୍କର ଆଚରଣ। ସେମାନେ ଭୁଲି ଯାଉଛନ୍ତି ଯେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିଯୁକ୍ତ ଛତିଶା ନିଯୋଗ କେବଳ ଶ୍ରୀମନ୍ଦିର ଓ ଶ୍ରୀଜୀଉମାନଙ୍କ ସେବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା ସତ୍ୟ ଏବଂ ଇତିହାସ ସିଦ୍ଧ ଯେ ଶ୍ରୀମନ୍ଦିର ପରିଚାଳନା ଯେ ପର୍ଯ୍ୟନ୍ତ ରାଜତନ୍ତ୍ର ଆଧାରିତ ଥିଲା ସେତେବେଳେ ରାଜଗୁରୁ ହାତରେ ସୁନାବେତ ଧରି ସେବାରେ ବିଶୃଙ୍ଖଳା ଅବହେଳା କରୁଥିବା ସେବକଙ୍କୁ ଆକଟ କରୁଥିଲେ। ସେତେବେଳେ ସେବକମାନଙ୍କର ନିତ୍ୟ ଚଳଣି ପାଇଁ କ୍ଷେୟୀ ଓ ବାର୍ଷିକ ଚଳଣି ପାଇଁ ଯାତ୍ରୀ ପରିଚର୍ଯ୍ୟା ବ୍ୟବସ୍ଥା ଥିଲା। ସମଗ୍ର ଦେଶର ବିଭିନ୍ନ ଅଞ୍ଚଳକୁ ସେବକଙ୍କ ମଧ୍ୟରେ ବିଭକ୍ତୀକରଣ ହୋଇଥିଲା। ସେ ଅଞ୍ଚଳର ଯାତ୍ରୀଙ୍କ ଦର୍ଶନ ଏବଂ ମହାପ୍ରସାଦ ସେବନ ସମ୍ପୃକ୍ତ କୌଳିକ ପଣ୍ଡାଙ୍କ ଦ୍ୱାରା କରାଯାଉଥିଲା। ସେଥିପାଇଁ ଯାତ୍ରୀମାନେ କିଛି ଦକ୍ଷିଣା ଦେଉଥିଲେ। ଏଥିରେ ଆୟ ଯାହା ହେଉଥିଲେ ମଧ୍ୟ ସେମାନେ ନିଶ୍ଚିତ ଅତ୍ୟନ୍ତ ନିଷ୍ଠାର ସହ ଶ୍ରୀଜୀଉମାନଙ୍କ ସେବା କରୁଥିଲେ। ଦେଶ ସ୍ୱାଧୀନ ହେବା ପରେ ଶ୍ରୀମନ୍ଦିର ପରିଚାଳନା ଭାର ସରକାର ହାତକୁ ନେଲେ। ତତ୍କାଳିକ ପରିସ୍ଥିତିରେ ସେବା ସମର୍ପିତ ସେବକମାନଙ୍କ ପାଇଁ କୌଣସି ଲକ୍ଷ୍ମଣରେଖା ନିର୍ଦ୍ଧାରଣ ବୋଧହୁଏ ଆବଶ୍ୟକ ନ ଥିଲା। କିନ୍ତୁ ସମୟକ୍ରମେ ପରିସ୍ଥିତିର ଅବକ୍ଷୟ ହୋଇଛି।

ଏବେ ସେବାକୁ ସମର୍ପଣ ବଦଳରେ କ୍ଷମତା ଓ ଧନର ମୋହ ଏପରି କବଳିତ କରିଛି ଯେ ଧାମର ମହାତ୍ମ୍ୟ ଅପହୃତ ହେଉଛି। ଶ୍ରୀଜଗନ୍ନାଥ ଆଦିଙ୍କ ବିଗ୍ରହ ନିର୍ମାଣର ଧାର୍ମିକ ବିଧି ମଧ୍ୟ ଗୌଣ କରାଯାଉଛି। ଯଦି ଜଣେ ସରକାରୀ କର୍ମଚାରୀ ଅନ୍ୟତ୍ର ବା କୌଣସି ଅର୍ଥକରୀ ବ୍ୟବସାୟିକ କର୍ମରେ ନିୟୋଜିତ ହୋଇପାରିବେ ନାହିଁ ତେବେ ରାଜନୈତିକ ପୃଷ୍ଠପୋଷକତାରେ ପଦବୀପ୍ରାପ୍ତ ହେବା ବା ଅର୍ଥକରୀ ବ୍ୟବସାୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଯୋଗୁ ସେବା ସମର୍ପଣକୁ ଗୌଣ କରାଯାଉନାହିଁ କି? ସେଥିପାଇଁ ପରିବର୍ତ୍ତିତ ସମୟକୁ ଦୃଷ୍ଟି ଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ମଣରେଖା ନିର୍ଣ୍ଣୟ ଜରୁରୀ ମନେହୁଏ। ଏହି ଲକ୍ଷ୍ମଣରେଖା ନିର୍ଣ୍ଣୟକୁ ନିଶ୍ଚିତ ସଂଖ୍ୟାଧିକ ସେବକଙ୍କ ସମ୍ମତି ମିଳିବ, କାରଣ ଏବେ ନିଷ୍ଠା ଓ ସମର୍ପଣ ଭାବନା ଅନେକ ସେବକଙ୍କ ସ୍ୱାଭିମାନ ହୋଇ ରହିଛି। ପ୍ରଶାସନର ବିନା ଅନୁମୋଦନରେ ସେବା ଓ ଶ୍ରୀମନ୍ଦିର ସମ୍ପର୍କିତ ତଥ୍ୟ ଗଣମାଧ୍ୟମରେ ପ୍ରକାଶ କରିବା ସେବା ବିରୋଧୀ ବୋଲି ବିବେଚିତ ହେବା ଜରୁରୀ। 'ସେବା ସମର୍ପିତ' ଓ 'ସେବା ଅଧିକାର' ମଧ୍ୟରେ ଅନେକ ତଫାତ ରହିଛି। କିନ୍ତୁ ସ୍ୱାର୍ଥ ପାଇଁ ସମର୍ପଣକୁ ଜଳାଞ୍ଜଳି ଦେଇ ଅଧିକାରକୁ ଗୁରୁତ୍ୱ ଦେବାର ନଜିର ରହିଛି। ଶ୍ରୀମନ୍ଦିର ପରିଚାଳନାରେ ସ୍ୱଚ୍ଛତା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କିଛି ନିର୍ଦ୍ଦେଶ ଦେଇଥିଲେ। ତନ୍ମଧ୍ୟରୁ ବଂଶାନୁକ୍ରମିକ ସେବା ଉଚ୍ଛେଦ ଅନ୍ୟତମ ଥିଲା। ଆଶ୍ଚର୍ଯ୍ୟର କଥା ଯେ ପରିଚାଳନା କମିଟିର ଯେଉଁମାନେ ଏହାକୁ ତର୍ଜମା କରିଥିଲେ ପ୍ରାୟ ସମସ୍ତେ ବଂଶାନୁକ୍ରମିକ ସେବକ ଥିଲେ। ତେଣୁ ତାହା ବଜାୟ ରଖି ସଂଖ୍ୟା ହ୍ରାସ ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହା ମାତ୍ର ଗୋଟିଏ ଉଦାହରଣ। ଏବେ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଜରୁରୀ ମନେହେଉଛି। ତାହାକୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖି ଏବଂ ଧାର୍ମିକ ଭାବନା ଆଧାରରେ ସେବା ସମର୍ପଣ ପାଇଁ ନିର୍ଦ୍ଦିଷ୍ଟ ଆଚରଣ ସଂହିତା ପ୍ରଣୟନ ହେଉ। ସେଇ ଲକ୍ଷ୍ମଣରେଖା ନିର୍ଦ୍ଧାରଣ ନ ହେଲେ ଦିନ ଆସିବ ଶ୍ରୀମନ୍ଦିର ପରିଚାଳନା ନିୟନ୍ତ୍ରଣ ବାହାରକୁ ଚାଲିଯିବ ଓ ଭବିଷ୍ୟତ ନିଶ୍ଚିତ ସରକାରଙ୍କ ଅପାରଗତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବ।

**୧୧୩-ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

# ବୃତ୍ତି ପାଇଁ କୃତଜ୍ଞତା ନାହିଁ




ଶ୍ରୀଧର ପଟ୍ଟନାୟକ

'ପୁଅ ଏବେ କ'ଣ କରୁଛି ?' ଢେର୍ ଦିନ ପରେ ଦେଖା ହୋଇଥିବା ନିରାକାର ମାଷ୍ଟ୍ରେଙ୍କୁ ପଚାରିଲି। ସେ ଉତ୍ତର ଦେଲେ, 'ୟୁନିଅନ ବ୍ୟାଙ୍କରେ କିରାଣି। ଗତ ଜୁଲାଇ ମାସରେ ଜଏନ୍ କଲା ଜୟପୁରରେ।' 'ଯାହା ହେଉ ଭଲ ହେଲା, ଆପଣଙ୍କ ଚିନ୍ତା ଗଲା' ; ଉତ୍ତର ଦେଲି। ନିରାକାର ବାବୁ କହୁଥିଲେ, ହଁ ବାପ, ତା'ର ଗୋଟାଏ ଜିଦି ଥିଲା ମାଷ୍ଟର ହେବନି। ଯେଉଁ ଦହଗଞ୍ଜ ଏଇ ଚାକିରିରେ ତମେ ନିଶ୍ଚେ ଜାଣିଛ।' ତାଙ୍କ ସହ ବିଶେଷ କଥାବାର୍ତ୍ତା ହେବା ଲାଗି ମୋ ପାଖରେ ସମୟ ନ ଥିଲା। 'ହଁ, ଭଲ କଲେ, କୂଳରେ ଲାଗିଗଲା।' ଏତକ କହି ମୁହଁ ଘୂରାଇଲି ଅଫିସ ଆଡ଼କୁ।

ସତରେ ନିରାକାର ବାବୁ ଏମିତି କ'ଣ ତିକ୍ତ ଅନୁଭୂତି ସାଉଁଟିଥିଲେ ଯେ, ପୁଅ ମାଷ୍ଟର ହେବାରୁ ବର୍ତ୍ତିଗଲା ବୋଲି ଆତ୍ମହରା ହୋଇଯାଉଥିଲେ। ମାଷ୍ଟର ହେବା କ'ଣ ପାପ ? ଶିକ୍ଷକତା କରିବା ଏକ ମହାନ କାର୍ଯ୍ୟ ବୋଲି ଆମ ପରମ୍ପରା କହେ। ଅଥଚ ଆଜିର ଏ ପରିସ୍ଥିତି ! ଅବଶ୍ୟ ଏ ପ୍ରଶ୍ନ ମୋତେ ଆନ୍ଦୋଳିତ କଲା।

ଆଜିର ଯୁଗରେ ମୋଟା ଅଙ୍କର ଦରମା, ସାମାଜିକ ପ୍ରତିପତ୍ତି, ପ୍ରତିଷ୍ଠା ଗୌରବ ବଢ଼ାଇ ପାରୁଥିବା ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ସରକାରୀ ଅଧିକାରୀ, ବ୍ୟାଙ୍କର ହେବା ଅପେକ୍ଷା କିଏ ପଚାରେ ଏ ମାଷ୍ଟର ଚାକିରିକୁ। ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ଥାଇ ତାଲିମପ୍ରାପ୍ତ ଜଣେ ଆଶାୟୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବିଚରା ଏମିତି ଗୋଟିଏ ଚାକିରି ପାଏ ଯେ, ଛଅ ବର୍ଷ ଗୋତି ଶ୍ରମିକ ଭଳି ଖଟିବାକୁ ହୁଏ। ଜୀବନର ମୂଲ୍ୟବାନ ଛଅ ବର୍ଷ ଜାଳି ପୋଡ଼ି ପାଉଁଶ ହୋଇଗଲା ପରେ ଆଉ କ'ଣ ବଳକା ଥାଏ ଯେ ? ଅବଶ୍ୟ ସମସ୍ତଙ୍କ ଭାଗ୍ୟରେ ଉଚ୍ଚ ପଦପଦବୀ ନ ଥାଏ। ତେବେ କିଛି ସଂଘର୍ଷ ଭିତରେ ଅନାସକ୍ତ ଭାବରେ ଶିକ୍ଷକତା ବୃତ୍ତିରେ ସାମିଲ ହେବାକୁ ହୁଏ। ସେ ଯାହା ହେଉ, କିଛି ବର୍ଷ ପରେ ଏଇ ଶିକ୍ଷକତା ନିଶାରେ ପରିଣତ ହୁଏ। ଆଗାମୀ ସମାଜର ଉତ୍ତମ ନାଗରିକ ଗଢିବାରେ ଶିକ୍ଷକ ଦିନରାତି ଏକ କରିଦିଏ। ସକାଳୁ ଉଠି ନିତ୍ୟକର୍ମ ସାରି ସେଇ ଏକା କାମରେ ବର୍ଷ ବର୍ଷ ଧରି ମଜ୍ଜିଯିବା ବାଲ୍ମୀକିଙ୍କ କଠୋର ସାଧନା ଭଳି ମନେହୁଏ। ଋଣଗ୍ରସ୍ତ ଜୀବନ, ଭଡାଘରର ଦୁଶ୍ଚିନ୍ତା, ପରିବାର ପ୍ରତିପୋଷଣ ଓ ଅଯଥା କାର୍ଯ୍ୟଚାପ ତା'କୁ ବୟସ ଅନୁପାତ ଅପେକ୍ଷା ଆହୁରି ଅଧିକ ବୟସ୍କ କରିପକାଏ। ଏସବୁ ବାଦ୍ ତା' ଭାଗ୍ୟରେ କାହାରି କୃତଜ୍ଞତା ନ ଥାଏ। କାହା ମୁହଁରେ ଧନ୍ୟବାଦର ଭାଷା ନ ଥାଏ। ଛୋଟ ଛୋଟ କୋମଳମତି ଶିଶୁଙ୍କ ହାତରେ ସିଲଟ ଧରାଇ ଅକ୍ଷର ବ୍ରହ୍ମ ସାଥୀରେ ପରିଚୟ କରାଇ ଦେଉଥିବା ଶିକ୍ଷକଟିଏ ଯେମିତି ଅଲୋଡ଼ା ହୋଇଯାଏ।

ଭାଗ୍ୟର ବିଡ଼ମ୍ବନା, ଏ ପ୍ରସଙ୍ଗରେ ଲେଖକର ବି ଏଭଳି କିଛି ଆଖି ଦେଖା ଅନୁଭୂତିଟିଏ ଅଛି, ଯାହା ପାଠକଙ୍କୁ ଆଲୋଡିତ କରିବ। ଶୀତକାଳୀନ ଛୁଟି ଡିସେମ୍ବରରେ ଜଣେ ଶିକ୍ଷକ ତାଙ୍କ ଚାଳିଶ ବର୍ଷର ଦୀର୍ଘ ସାଧନାରୁ ସରକାରୀ ଭାବେ ଅବସର ନେଲେ। ଶିକ୍ଷକ ଜଣକ ଅପନ୍ତରା ଜଙ୍ଗଲୀ ଜନବସତିର ବିଦ୍ୟାଳୟଗୁଡ଼ିକରେ ପୂରା ଚାକିରି କାଳ କଟାଇଥିଲେ। ଜଣେ ଆଦର୍ଶ ସ୍ଥାନୀୟ ଶିକ୍ଷକ ଭାବରେ ତାଙ୍କ କଠୋର ସାଧନାରେ ଅନେକ ମଣିଷ ଗଢିଥିଲେ। ଆଜିକାର ପରିସ୍ଥିତିରେ ହୁଏତ ପ୍ରଶ୍ନ ଉଠିବ, କେତେ ଜଣ ଆଇଏଏସ୍ କେତେ ଜଣ ଆଇପିଏସ ପାଇଛନ୍ତି ! ତେବେ ସଂପୃକ୍ତ ଶିକ୍ଷକ ଯେତିକି ମଣିଷ ଗଢ଼ିଛନ୍ତି, ସେମାନେ ସମୟକ୍ରମେ ଭିନ୍ନ ଭିନ୍ନ କ୍ଷେତ୍ରରେ ବେଶ୍ ସ୍ୱତନ୍ତ୍ର ପରିଚୟ ସାଉଁଟିଛନ୍ତି। ଏହା କିଛି କମ୍ ନୁହେଁ। ଯେଉଁ ସମୟରେ ସେ ଅଞ୍ଚଳ ଅଶିକ୍ଷା ଓ କୁସଂସ୍କାରର ଅନ୍ଧକାର ମଧ୍ୟରେ ରହିଥିଲା, ସେତେବେଳେ ଶିକ୍ଷାର ପ୍ରଦୀପଟିଏ ଜାଳି ଲୋକଙ୍କୁ ସାମାଜିକ ସଂସ୍କାର ଆଡ଼କୁ ମୁହାଁଇ ସମାଜର ମୂଳସ୍ରୋତରେ ସାମିଲ କରାଇବା କେତେ ଦୁରୂହ ବ୍ୟାପାର, ସହଜରେ ଅନୁମେୟ। ତେବେ ଏଭଳି ଜଣେ ଶିକ୍ଷକଙ୍କ ଅବସର ବେଳକୁ ଶୀତଦିନିଆ ଛୁଟିର ଆଳ ଦେଖାଇ ବିଦ୍ୟାଳୟର କୌଣସି କର୍ମଚାରୀ, ଅଭିଭାବକ କିମ୍ବା ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ନ ଥିଲେ। ଜଣେ ଦୁଇଜଣ ଉପରିସ୍ଥ ଅଧିକାରୀ, ସହକର୍ମୀ ମୋବାଇଲ ଫୋନ ମାଧ୍ୟମରେ ଛୁଟି ପରେ ଦେଖା ହେବ କହି ଅବସରକାଳୀନ ଶୁଭେଚ୍ଛା ଜଣାଇଥିଲେ। ନିରାସକ୍ତ ଶିକ୍ଷକ ଆବେଗକୁ ସିନା ଚାପି ରଖିଥିଲେ, କିନ୍ତୁ ଶେଷ କାର୍ଯ୍ୟ ଦିବସରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ତାଙ୍କ ଘରେ ଭେଟି ବିଦ୍ୟାଳୟର ଚାବି ହସ୍ତାନ୍ତର ବେଳକୁ ନିଜ କୋହ ସମ୍ଭାଳି ପାରିନଥିଲେ। ଅବଶ୍ୟ ସଂପୃକ୍ତ ଶିକ୍ଷକଙ୍କ ପରିବାର ସେଦିନ ତାଙ୍କ ସହ ବିଦ୍ୟାଳୟରେ କଟାଇଥିବା ଜଣାଯାଏ। ସମାଜ ଜଣେ ଶିକ୍ଷକଙ୍କୁ ଅବସରକାଳୀନ କୃତଜ୍ଞତା ଜଣାଇବାକୁ ଭୁଲିଯିବା କି ପ୍ରକାର ସଂସ୍କାର; ତାହା ନିଶ୍ଚୟ ଉଦ୍‌ବେଗର ବିଷୟ।



ଏହି ଆଲୋଚନାରୁ ହିଁ ବୋଧହୁଏ ସ୍ପଷ୍ଟ ଜଣାପଡେ କାହିଁକି ନିରାକାର ମାଷ୍ଟ୍ରେ ଏଭଳି ଚାକିରିରୁ ପୁଅକୁ ଦୂରେଇ ବେଶ୍ ଖୁସି ଥିଲେ। ଶିକ୍ଷକ ପରିବର୍ତ୍ତେ ପୁଅକୁ ଅନ୍ୟ କୌଣସି ଚାକିରିରେ ଭର୍ତ୍ତି ହେବା ଲାଗି ପ୍ରେରିତ କରୁଥିଲେ। ତେବେ ଶେଷରେ ସେଇ ପ୍ରଶ୍ନ ଶିକ୍ଷକତାରେ କ'ଣ କୃତଜ୍ଞତା ନାହିଁ ? ସମାଜ ଲାଗି ନିଜକୁ ତିଳ ତିଳ କରି ଜାଳି ଦେଉଥିଲେ ହେଁ ଏ ବୃତ୍ତି ଲାଗି ଧନ୍ୟବାଦର ଭାଷା ହିଁ ନାହିଁ। ଅବଶ୍ୟ ପରେ ମନକୁ ବୁଝାଇଲି। ଆପଣା ସନ୍ତାନକୁ ମଣିଷଟିଏ ଭଳି ଗଢିବାରେ ଦିନକୁ କୋଡ଼ିଏ ଘଣ୍ଟାର ବାପାଙ୍କ ବିଶ୍ରାମହୀନ ପରିଶ୍ରମ ଲାଗି ସନ୍ତାନ ପାଖରେ କି କୃତଜ୍ଞତାର ଭାଷା ଥାଏ ? ଅଧା ପେଟରେ ନିଜକୁ ସବୁବେଳେ ସନ୍ତୁଷ୍ଟ ରଖୁଥିବା, ନିଜ ସୁଖ ସୁବିଧା ପ୍ରତି ଆଦୌ ଧ୍ୟାନ ଦେଉନଥିବା ମାଆର ସେବା ଯତ୍ନ ପ୍ରତିବଦଳରେ ସନ୍ତାନ କି କୃତଜ୍ଞ ରହେ ? ବରଂ ଏହା ହିଁ ନିଷ୍କର୍ଷ ହେଉ କି ଯେକୌଣସି ବୃତ୍ତି, ସାଧନା, ସେବା ମନୋବୃତ୍ତି, ତପସ୍ୟା ଲାଗି କୃତଜ୍ଞତା ନୁହେଁ; ଆତ୍ମତୃପ୍ତି ହିଁ ଈପ୍ସିତ ଲକ୍ଷ୍ୟ ହେଉ। ନା' କ'ଣ କହୁଛନ୍ତି, ବିଚାର ଆପଣଙ୍କର !

**କଲ୍ୟାଣସିଂହପୁର, ରାୟଗଡ଼ା**
**ମୋ:୮୨୪୯୧୨୧୦୬୦**

## ଏଇ ଭାରତରେ

ବୈଜ୍ଞାନିକ ଦୃଷ୍ଟିକୋଣ ସହ କୃଷିପ୍ରତି ସମର୍ପଣ ଭାବ କାମିନୀ ସିଂଙ୍କୁ ସଜନା ଚାଷରେ ସଫଳତା ଆଣିଦେଇଛି। ଉତ୍ତରପ୍ରଦେଶରେ ସେ ସଜନା ଚାଷ କରିବା ସହ ୧ ହଜାରରୁ ଉର୍ଦ୍ଧ୍ୱ କୃଷକଙ୍କୁ ଏହି ଚାଷରେ ସାହାଯ୍ୟ କରିଛନ୍ତି। କାମିନୀ ଜଣେ ବୈଜ୍ଞାନିକ ଭାବେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସବ୍‌ଟ୍ରପିକାଲ (ସିଆଇଏସ୍‌ଏଚ୍) ଏବଂ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିସିନାଲ ଆଣ୍ଡ ଆରୋମାଟିକ ପ୍ଲାଣ୍ଟସ(ସିଏସ୍‌ଆଇଆର)ରେ କାମ କରିବାର ୧୭ ବର୍ଷ ପରେ ୨୦୧୬ରେ ତାହାକୁ ଛାଡ଼ି ଜୈବିକ ଚାଷ ଆରମ୍ଭ କରିଥିଲେ। ପ୍ରଥମେ ୭ ଏକର ଫାର୍ମରେ ସଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ୯ ଲକ୍ଷ ଋଣ କରି ଚାଷ ଆରମ୍ଭ କରିବା ଲକ୍ଷ୍ନୌ ଆଖପାଖ ୧୫ଟି ଗାଁରେ ୧ ହଜାରରୁ ଅଧିକ ଚାଷୀଙ୍କୁ ସଜାନ ଚାଷ କରିବାକୁ ଉତ୍ସାହିତ କରିପାରିଛନ୍ତି। ପରେ ୨୦୧୯ରେ ସେ ଫାର୍ମର୍ସ ପ୍ରଡ୍ୟୁସର୍ସ ଅର୍ଗାନାଇଜେଶନ(ଏଫ୍‌ପିଓ) ଗଠନ କରିବା ସହ ଡକ୍ଟର ମର୍ନିଙ୍ଗା ପାଇଭେଟ ଲିମିଟେଡ୍ ଗଠନ କରିଥିଲେ। ଏହି କମ୍ପାନୀ ମାଧ୍ୟମରେ ଏବେ ସଜନା ପାଉଡର, ସାବୁନ, ତେଲ, କ୍ୟାପସୁଲ ଆଦି ୨୨ ପ୍ରକାର ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏଫ୍‌ପିଓ ସଦସ୍ୟମାନେ ବିନା ମଧ୍ୟସ୍ଥରେ ଉତ୍ପାଦକୁ ବିକ୍ରି କରିବାର ସୁଯୋଗ ପାଉଛନ୍ତି। ୯ ଲକ୍ଷ ଟଙ୍କାରେ ଆରମ୍ଭ କରାଯାଇଥିବା ସଜନା ଚାଷରୁ ଏବେ ୧.୭୫ କୋଟି ଟଙ୍କା କାରବାର ହେଉଛି ଓ ୩୦ ପ୍ରତିଶତ ଲାଭ ପାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ମେ ୧୯୭୬

- ବିହାରର କୋଲଗଙ୍ଗଠାରୁ କରଗୋଲା ମଧ୍ୟରେ ଗଙ୍ଗା ନଦୀରେ ପ୍ରଥମ ଥର ପାଇଁ କେନ୍ଦ୍ରୀୟ ଅନ୍ତଃରାଜ୍ୟ ଜଳପଥ ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି।
- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲି ଅହମ୍ମଦଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମେତ ୭୭ ଜଣ ଏମ୍‌ପିଙ୍କୁ ତାମ୍ରପତ୍ର ଅର୍ପଣ।

## ଚିରନ୍ତନୀ

କେତେ ଆଶା କେତେ ମୋର
ଆକାଙ୍‌କ୍ଷାର ଧନ
ଛାଡ଼ି ସବୁ ନ ଲୋଡ଼ଇ ସ୍ୱରଗ ଭୁବନ,
ଜନନୀର ଅମୃତ ସେନେହ
ଲାଳିତ କରଇ ଏ ଯେ ଦେହ,
ଆଶିଷ ପିତାର କଲ୍ୟାଣ ଆଧାର
ଏତେ ପ୍ରାଣ ଏତେ ଦାନ !
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶାଗୁଣା ବଂଶ ବୃଦ୍ଧି କରାଯାଉ

ମହାଶୟ,

ରାଜ୍ୟରେ ଶାଗୁଣା ବଂଶ ଲୋପ ପାଇବାକୁ ବସିଲାଣି। ସେହିପରି କାଉଙ୍କୁ ଦେଖିବା ବିରଳ ହୋଇଗଲାଣି। ଆଗେ ସକାଳ ହେଲେ କାଉ ରାବରେ ଲୋକେ ଉଠିଯାଉଥିଲେ। କିନ୍ତୁ ଏବେ ଆଉ କାଉ ରାବ ଶୁଣାଯାଉନାହିଁ। ଆଗେ ଶାଗୁଣାମାନେ ପଚାଶଢ଼ା ମୃତଦେହ ଖାଇ ସଫା କରୁଥିଲେ ଓ ପରିବେଶକୁ ପ୍ରଦୂଷଣମୁକ୍ତ କରିପାରୁଥିଲେ। ଏବେ କିନ୍ତୁ ବାହାରେ ମଲା ପଶୁ ପଡ଼ିଲେ ତାହାକୁ ଖାଇବାକୁ କାଁ ଭାଁ କେଉଁଠି ଶାଗୁଣା ଦେଖିବାକୁ ମିଳୁଛନ୍ତି। କହିବାକୁ ଗଲେ ସେମାନଙ୍କ ସଂଖ୍ୟା ପୂରା କମିଗଲାଣି। ରାଜ୍ୟ ସରକାର କୃତ୍ରିମ ଉପାୟରେ ଶାଗୁଣା ପ୍ରଜନନ ପ୍ରକ୍ରିୟା କରିବାକୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ନଚେତ୍ ଭବିଷ୍ୟତରେ ଶାଗୁଣା ବଂଶ ପୂରା ଲୋପ ପାଇଯିବ। ଏବେଠାରୁ ପ୍ରଚେଷ୍ଟା କରାଗଲେ ବଂଶବୃଦ୍ଧି ସମ୍ଭବ ହୋଇପାରିବ। ଶାଗୁଣା ପ୍ରକଳ୍ପ ପ୍ରତି ଦୃଷ୍ଟି ଦିଆଯାଉ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କେଶ ପ୍ରତିରୋପଣ ଅସ୍ତ୍ରୋପଚାର ପରେ ୨ଯନ୍ତ୍ରୀ ମୃତ

## କୋର୍ଟରେ ଆତ୍ମସମର୍ପଣ କଲେ ଦାନ୍ତ ମହିଳା ଡାକ୍ତର

**କାନ୍ପୁର(ଉତ୍ତରପ୍ରଦେଶ),୨୬।୫(ପି.ଟି.)**

ତ୍ରୁଟିପୂର୍ଣ୍ଣ କେଶ ପ୍ରତିରୋପଣ ଯୋଗୁ ୪୮ଘଣ୍ଟା ମଧ୍ୟରେ ୨ଜଣ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଦାନ୍ତ ବିଭାଗର ଜଣେ ମହିଳା ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଏଭଳି ଘଟଣା ଘଟିଲା ବୋଲି ମୃତକ ଭିନିତ୍ କୁମାର ଦୁବେଙ୍କ ସ୍ତ୍ରୀ ଜୟା ତ୍ରିପାଠୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ବିଳମ୍ବରେ ଅଭିଯୋଗ ହୋଇଥିବା ଦର୍ଶାଇ ପୋଲିସ ଏହାକୁ ପ୍ରଥମେ ଗ୍ରହଣ କରି ନ ଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ଅଭିଯୁକ୍ତ ମହିଳା ଡାକ୍ତର


ଡା. ଅନୁଷ୍କା ତିୱାରୀ

ଅନୁଷ୍କା ତିୱାରୀ ନିଜର ଭୁଲ୍ ସ୍ୱୀକାର କରିବା ସହ ସୋମବାର କୋର୍ଟରେ ଆତ୍ମ ସମର୍ପଣ କରିଥିଲେ। ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ୨ ଯନ୍ତ୍ରୀ ଭିନିତ୍ କୁମାର ଦୁବେ ଏବଂ ପ୍ରମୋଦ କଟିୟାରଙ୍କ ଗତ ମାର୍ଚ୍ଚ ୧୩ ତାରିଖରେ କେଶ ପ୍ରତିରୋପଣ କରାଯାଇଥିଲା। ଦାନ୍ତ ଡାକ୍ତର ଅନୁଷ୍କା ଏହି ପ୍ରତିରୋପଣ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେମାନଙ୍କୁ ଅନ୍ୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ମାର୍ଚ୍ଚ ୧୫ତାରିଖରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଭିନିତ୍ଙ୍କ ସ୍ତ୍ରୀ ଜୟା ଥାନାରେ ଅଭିଯୋଗ କରିଥିଲେ। ହେଲେ ବିଳମ୍ବ ଦର୍ଶାଇ ପୋଲିସ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ନ ଥିଲା। ପରେ ଜୟା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏନେଇ ପୋଲିସକୁ ନିର୍ଦ୍ଦେଶ ହେବା ପରେ ଏକ ମାମଲା ମେ ୯ତାରିଖରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ମହିଳା ଡାକ୍ତର ଅନୁଷ୍କା କୋର୍ଟରେ ଆତ୍ମସମର୍ପଣ କରିଥିଲେ। ହେଲେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ଦିଲୀପ ସିଂ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

**ପିପିଲି,୨୬।୫(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ସାତଶଙ୍ଖ ଫାଣ୍ଡି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଛି। ଏ ନେଇ ଥାନାରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୩୨୮/୨୫) ରୁଜୁ କରିଛି। ଏଥିସହ ସୋମବାର ଅଭିଯୁକ୍ତ ସୂର୍ଯ୍ୟନାରାୟଣ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ରବିବାର ମଧ୍ୟାହ୍ନରେ ସମ୍ପୃକ୍ତ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଜମିକୁ ଯାଇଥିଲେ। ପୀଡ଼ିତା ଘରେ ଏକାକୀ ଥିବା ସୁଯୋଗରେ ଅଭିଯୁକ୍ତ ସୂର୍ଯ୍ୟନାରାୟଣ ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ହତ୍ୟା ଧମକ ଦେବା ସହ ପୀଡ଼ିତାଙ୍କ ତଣ୍ଟି ଚିପି ମାରିଦେବାକୁ ସୂର୍ଯ୍ୟନାରାୟଣ ଉଦ୍ୟମ କରିଥିଲେ। ଏହି ସମୟରେ ପୀଡ଼ିତାଙ୍କ ପରିବାର ଲୋକେ ଘର ଦାଣ୍ଡରେ ପହଞ୍ଚିବା ବେଳକୁ ଝିଅର ଚିତ୍କାର ଶୁଣି ଥିଲେ। ସେମାନେ ପଡ଼ୋଶୀଙ୍କୁ ଡାକି ଘର ଭିତରେ ପହଞ୍ଚିବାବେଳକୁ ଅଭିଯୁକ୍ତ ସୂର୍ଯ୍ୟନାରାୟଣଙ୍କୁ ଦେଖିବାକୁ ପାଇଥିଲେ। ଗ୍ରାମର କେତେଜଣ ଲୋକ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଧକ୍କା ମାରି ଖସିଯାଇଥିଲେ। ଏପରିକି ପରିବାର ଲୋକେ ଏତଲା ଦେବାକୁ ଆସୁଥିବାବେଳେ ସୂର୍ଯ୍ୟନାରାୟଣ ସେମାନଙ୍କୁ କଟୁରି ଧରି ମାରିବାକୁ ଜଗି ବସିଥିଲେ। ତେଣୁ ଭୟରେ ପୀଡ଼ିତାଙ୍କ ପରିବାର ଲୋକ ରବିବାର ଥାନାକୁ ଆସିପାରି ନ ଥିଲେ। ସୋମବାର ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା ବୋଲି ଏତଲାରେ ଦର୍ଶାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପିପିଲି ଅଞ୍ଚଳରେ ଏହି ଘଟଣାକୁ ମିଶାଇ ଗତ ୩ ମାସ ମଧ୍ୟରେ ପ୍ରାୟ ୧୦ଟି ବଳାତ୍କାର ଘଟଣା ଘଟିଲାଣି। ଏହା ପୋଲିସ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବାବେଳେ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ପୋଲିସ ଗାଡ଼ିକୁ ଢେଲାମାଡ଼ : ଅଭିଯୁକ୍ତ କୋର୍ଟ ଚାଲାଣ


ଢେଲା ମାଡ଼ରେ ପାଟ୍ରୋଲିଂ ଭ୍ୟାନର କାଚ ଭାଙ୍ଗିଯାଇଛି।


ଅଭିଯୁକ୍ତ ଜନାର୍ଦ୍ଦନ ସାହୁ।

**ବାଙ୍କୀ, ୨୬।୫ (ଶୁଭେନ୍ଦୁ ମହାପାତ୍ର)**

ଗତ କିଛିଦିନ ହେବ କଟକ ଜିଲାର ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ରବିବାର ରାତିରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ପୋଲିସ ଭ୍ୟାନ ଉପରକୁ ଢେଲା ମାଡ଼ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ କାଳୀପୋଇ ପଞ୍ଚାୟତ ଚଢ଼େଇବନ୍ଧ ଗ୍ରାମର ଜନାର୍ଦ୍ଦନ ସାହୁ ( ୩୦)। ଏନେଇ ବୈଦେଶ୍ୱର ଥାନାରେ ମାମଲା (ନଂ.୯୫/୨୫) ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଏହି ଥାନା ଅନ୍ତର୍ଗତ ଚଢ଼େଇବନ୍ଧ ଗାଁରେ ରବିବାର ରାତିରେ ନାଟକ ପରିବେଷଣ କରାଯାଉଥିଲା। ସେଠାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୈଦେଶ୍ୱର ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ପାଟ୍ରୋଲିଂ ଟିମ୍ ଚଢ଼େଇବନ୍ଧ ଉପର ସାହି ସ୍କୁଲ ନିକଟରେ ଭ୍ୟାନ ରଖି ନାଟକ ସ୍ଥଳକୁ ଯାଇଥିଲା। ଫେରିବାବେଳକୁ ଭ୍ୟାନର ପଛ କାଚ ଭାଙ୍ଗିଥିବା ଟିମ୍ ଦେଖିଥିଲା। ପୂର୍ବରୁ ନାଟକ ପରିବେଷଣ ହେଉଥିବା ସ୍ଥାନରେ ବାଇକ୍ ରଖିବାକୁ ନେଇ ଜନାର୍ଦ୍ଦନଙ୍କ ସହ ପୋଲିସର ଯୁକ୍ତିତର୍କ ହୋଇଥିବାରୁ ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ଏନେଇ ଜନାର୍ଦ୍ଦନଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେ ସତ ମାନିଯାଇଥିଲେ ବୋଲି ଥାନା ଆଇଆଇସି ସଞ୍ଜୟ କୁମାର ଜେନା କହିଛନ୍ତି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏହି ଥାନାରେ ୩ ମାମଲା ରହିଛି ବୋଲି ଜେନା ପ୍ରକାଶ କରିଛନ୍ତି।

# ବଚସାରୁ ମା'ଙ୍କ ଜୀବନ ନେଲେ ପୁଅ

**ଛେଣ୍ଡିପଦା,୨୬।୫(ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା ପରା ଗାଁରେ ରବିବାର ବିଳମ୍ବିତ ରାତିରେ ଘଟିଛି ହତ୍ୟାକାଣ୍ଡ। ସାମାନ୍ୟ ବଚସାରୁ ମା'ଙ୍କ ଜୀବନ ନେଇଛନ୍ତି ପୁଅ। ମୃତ ମହିଳା ହେଲେ ପରା ଗାଁର ଦାମୋଦର ପେଣ୍ଟୁଇଙ୍କ ସ୍ତ୍ରୀ ଶାନ୍ତିଲତା ପେଣ୍ଟୁଇ। ପୋଲିସ ଅଭିଯୁକ୍ତ ସାନପୁଅ ରଥି ପେଣ୍ଟୁଇଙ୍କୁ ସୋମବାର ଗିରଫ କରିଛି।


ଶାନ୍ତିଲତା ପେଣ୍ଟୁଇ

ସୂଚନା ଅନୁଯାୟୀ, ଜରପଡ଼ା ଥାନା ପରା ଗାଁ ମୁଣ୍ଡିଆ ସାହିରେ ଶାନ୍ତିଲତାଙ୍କ ଘର। ତେବେ ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଶାନ୍ତିଲତା ଓ ସାନପୁଅ ରଥିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଥି ଏକ ବାଡ଼ିରେ ମା'ଙ୍କୁ ପିଟି ଦେଇଥିଲେ। ଏଥିରେ ଶାନ୍ତିଲତାଙ୍କ ମୁଣ୍ଡ ଫାଟିଯାଇଥିଲା। ସେ ବେହୋସ ହୋଇଯିବା ଦେଖି ରଥି ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଶାନ୍ତିଲତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସୋମବାର ମଧ୍ୟାହ୍ନରେ ମୃତକଙ୍କ ଭଉଣୀ ଜୟନ୍ତୀ ପଧାନ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୦୮/୨୫ରେ ଏକ ମାମଲା ରୁଜୁ କରି ପରିବାର ଲୋକଙ୍କ ଉପସ୍ଥିତିରେ ଶାନ୍ତିଲତାଙ୍କ ମୃତଦେହ ପଞ୍ଚନାମା କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଥିସହ ଅଭିଯୁକ୍ତ ପୁଅ ରଥିଙ୍କୁ ଗିରଫ କରିଥିଲା।

# ସ୍ତ୍ରୀଙ୍କୁ ପ୍ରତାରଣା କରି ଅନ୍ୟ ଯୁବତୀଙ୍କୁ ବିବାହ

**ଭୁବନେଶ୍ୱର,୨୬।୫(ସତ୍ୟଜିତ୍ ରାଉତ)**

ମନ୍ଦିରରେ ବିବାହ କରି ସ୍ତ୍ରୀର ଅଧିକାର ଦେଇଥିଲେ। ହେଲେ ପରେ ପ୍ରତାରଣା କଲେ। ସ୍ତ୍ରୀଙ୍କ ଅଜ୍ଞାତରେ ଅନ୍ୟ ଜଣଙ୍କୁ ବିବାହ କରି ଧୋକା ଦେଇଛନ୍ତି ଜଣେ ଯୁବକ। ସ୍ୱାମୀଙ୍କ ବିରୋଧରେ ପ୍ରତାରଣା ଅଭିଯୋଗ ଆଣି ପୀଡ଼ିତା ମହିଳା ସୋମବାର ଭୁବନେଶ୍ୱର ଏୟାରପୋର୍ଟ ଥାନାରେ ଏତଲା ଦେଇଛନ୍ତି। ପୀଡ଼ିତା ମହିଳା ସତ୍ୟନଗର ଅଞ୍ଚଳର ହୋଇଥିବାବେଳେ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ସ୍ୱାମୀ ଏକ ମେଡିସିନ୍ କମ୍ପାନୀରେ ଏମ୍ଆର୍ ଭାବେ କାମ କରୁଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ନାବାଳକଙ୍କ ସମେତ ୪ ଧରାପଡ଼ିଲେ, ଠିକାଦାର ଫେରାର


ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଗିରଫ ୩ ଅଭିଯୁକ୍ତ।

**ବଲାଙ୍ଗୀର, ୨୬।୫ (ବୀରେନ୍ଦ୍ର କୁମାର ଝାଙ୍କର)**

### ଗଣମାଧ୍ୟମ ପ୍ରତିନିଧିଙ୍କୁ ନିସ୍ତୁକ ମାଡ଼ ପରେ ଭିଡିଓ ଭାଇରାଲ ଘଟଣା

ରାସ୍ତାକାମରେ ଦୁର୍ନୀତି ହୋଇଥିବା ଖବର ପରିବେଷଣ କରିବାରୁ ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କୁଲଥିପାଲି ଗାଁରେ ସର୍ବସାଧାରଣଙ୍କ ସମ୍ମୁଖରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିସ୍ତୁକ ମାଡ଼ ମାରି ଉକ୍ତ ଦୃଶ୍ୟକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଘଟଣାରେ ପୋଲିସ ସୋମବାର ଜଣେ ନାବାଳକଙ୍କ ସମେତ ୪ ଜଣଙ୍କୁ ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅବିନାଶ ଦଳେଇ (୨୫), ଆଦିତ୍ୟ କୁମାର ଜେନା (୩୧) ଓ ଗୁମର ନାଏକ (୪୦)। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ୧୬ ବର୍ଷର ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ପୋଲିସ ହାଜର କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨), ୨୯୬, ୧୧୫(୨), ୩୦୪, ୪୯, ୩୫୧ (୩), ୩ (୫) ଲାଗୁ କରିଛି। ତେବେ ଏହି ମାଡ଼ ଘଟଣାର ମୁଖ୍ୟ କାର୍ପଟଦାର କୁହାଯାଉଥିବା ଠିକାଦାର ଜଣକ ଫେରାର ହୋଇଯାଇଥିବା ଓ ତାଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି।

ଏସ୍‌ପି ଅଭିଲାଷ ଜି. ଆହୁରି କହିଥିଲେ, ଗତ ୨୩ ତାରିଖ ଗଣମାଧ୍ୟମ ପ୍ରତିନିଧି ବିଜୟ କୁମାର ପ୍ରଧାନ କୁଲଥିପାଲି ଗାଁରେ ଚାଲିଥିବା ଏକ ରାସ୍ତା ଗାର୍ଡୱାଲ କାମର ଖବର ସଂଗ୍ରହ କରିବାକୁ ଯାଇଥିଲେ। ପୂର୍ବରୁ ସେ ଏହି ରାସ୍ତାକାମରେ ଦୁର୍ନୀତି ହୋଇଥିବା ଖବର ପ୍ରସାରଣ କରିଥିଲେ। ୨୩ ତାରିଖ ଫଲୋ ଅପ୍ ଖବର ପାଇଁ ଗାଁକୁ ଯାଇ ଉକ୍ତ ରାସ୍ତାକାମର ଭିଡିଓ ଉତ୍ତୋଳନକରି ଲୋକଙ୍କ ପ୍ରତିକ୍ରିୟା ନେବାକୁ ଯାଉଥିବାବେଳେ ସେଠାରେ ଥିବା ଠିକାଦାରଙ୍କ କେତେଜଣ ଲୋକ ବିଜୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ପୁଇଁତଲା ଥାନା ଆଇଆଇସି ଅନିତା ପ୍ରଧାନ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ସିଡବ୍ଲ୍ୟୁ-ଆର୍‌ଇପି ଏଲ୍ଏଚ୍‌ବିସିଟ୍-୨୪-୨୫-୦୧-ଆର୍। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (କ୍ୟାରିଏଜ୍ ୱାର୍କସ୍), ଖଡ଼୍‌ଗପୁର ୱାର୍କଶପ୍, ଖଡ଼୍‌ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଏଲ୍ଏଚ୍‌ବି କୋଚ୍‌ଗୁଡ଼ିକରେ ଷ୍ଟ୍ରିପିଂ, ଅନ୍‌ଲୋଡିଂ ଓ ପରିବହନ, ଟ୍ରିମିଂ ଆଟେଣ୍ଡନ୍ସ ସହ ତତ୍‌ସମ୍ବନ୍ଧିତ କାର୍ପେଣ୍ଟ୍ରି କାମ ଏବଂ ସିଟ୍ ଓ ବର୍ଥଗୁଡ଼ିକର ପରିବହନ, ଲୋଡିଂ ଓ ଫିଟ୍‌ମେଣ୍ଟ। **କାର୍ଯ୍ୟର ସ୍ଥାନ:** ଖଡ଼୍‌ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ- ଖଡ଼୍‌ଗପୁର, ଜିଲ୍ଲା- ପଶ୍ଚିମ ମେଦିନାପୁର, ପିନ୍- ୭୨୧୩୦୧। ପରିମାଣ: ଅନୁସୂଚୀ ଅନୁଯାୟୀ। **ଟେଣ୍ଡର ମୂଲ୍ୟ:** ₹୧,୦୨,୯୭,୫୦୧.୨୪। **ଅମାନତ ରାଶି:** ₹୨,୦୧,୫୦୦/-। **ଠିକା ଅବଧି:** ଏଲ୍ଓଏ ଜାରି ହେବା ତାରିଖରୁ ୧୨ ମାସ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୩୦।୦୬।୨୦୨୫ରିଖ ୧୫.୦୦ ଘଟିକାରେ। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ। **ବିଡିଂ ପ୍ରଣାଳୀ:** ଏକକ ପ୍ୟାକେଟ୍ ପ୍ରଣାଳୀ। **ଠିକାର ପ୍ରକାର:** ୱାର୍କସ୍-ଜେନେରାଲ। ସବିଶେଷ ଟେଣ୍ଡର ବିଜ୍ଞପ୍ତି ଓ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ। (PR-198)

AXIS BANK

**Axis Bank invites proposals**
**for premises on lease / rent for its new branches / offices at various locations across the country.**

All interested parties may visit our website at the below mentioned link:
https://pfb.axisbank.co.in/property-lease/create

See Career Appointment on every Wednesday & Saturday

**WOMEN'S COLLEGE, KHURDA**
**WALK-IN-INTERVIEW**

Candidates having good academic career with atleast 55% marks at P.G. Level are required to attend a Walk-in-Interview on 04.06.2025 at 9 A.M. for the Post of Guest Lecturer in English (1), Home Science (1), Psychology (2), Music (1), P.E.T (1) having B.P. Ed Certificate alongwith Bio-data, Original Mark Sheet Certificate and a set of self-attested photocopy of all such documents. No T.A. D.A. will be provided to the candidate for attending the Interview.

The authority reserves the right to cancel the above interview without assigning any reason thereof.

**Sd./- Principal-cum-Secretary**
**Women's College, Khurda**

**OFFICE OF THE PRINCIPAL**
**LOISINGHA COLLEGE, LOISINGHA, DIST.: BALANGIR**

**No. 455** **Date: 24.05.2025**

**QUOTATION CALL NOTICE**

Sealed quotations are invited from registered suppliers for the supply of the following items to Loisingha College, Loisingha, Dist.: Balangir, PIN - 767020 to be procured out of Government Funds for "Upgrading IT Infrastructure".

| | |
|---|---|
| 1. | 12 Nos. of Desktop Computers |
| 2. | 12 Nos. of UPS with Battery |
| 3. | 2 Nos. of Multi-Function Printers |
| 4. | 1 No. of LED TV |
| 5. | 1 Set of Wireless Mic & Camera for Virtual Meetings |
| 6. | Internet facility setup for systems |

All sealed quotations must reach the office of the undersinged on or before 5th June 2025, 4.00 P.M. through Indian Post (Regd. & Speed Post) and the bid will be opened at 10 A.M. on 10.06.2025. The undersigned reserves the right to accept/reject or cancel any or all quotations without assigning any reason thereof. Interested bidders are requested to visit the college and contact authority for detailed specifications and terms & conditions.

**Sd./- Principal**
**Loisingha College, Loisingha, Bolangir**

**ଶିକ୍ଷା ମନ୍ତ୍ରଣାଳୟ**
**ଭାରତ ସରକାର**

**ଭାରତରେ ପୁସ୍ତକ ପ୍ରଚାର ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସଞ୍ଚାଳନ ନିମନ୍ତେ ଆର୍ଥିକ ସହାୟତା ପାଇଁ ଆହ୍ୱାନ**

nbt.india | Knowledge PARTNER OF THE NATION

**ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଛତ୍ରଛାୟା ଅଧୀନସ୍ଥ ନୋଡାଲ ଏଜେନ୍ସି ଭାରତରେ ପୁସ୍ତକ ଏବଂ ପଠନ ସଂସ୍କୃତିର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏନ୍‌ଜିଓ-ଦର୍ପଣ (ନୀତି ଆୟୋଗ)ରେ ପଞ୍ଜୀକୃତ ଏନ୍‌ଜିଓ, ସ୍ୱେଚ୍ଛାସେବୀ ସଂଗଠନ (ଟ୍ରଷ୍ଟ, ସୋସାଇଟି, ସେକ୍ସନ ୮ କମ୍ପାନୀ) ଏବଂ ବିଶ୍ୱବିଦ୍ୟାଳୟ/ଶିକ୍ଷାନୁଷ୍ଠାନଠାରୁ ପ୍ରସ୍ତାବ ଆହ୍ୱାନ କରୁଛି।**

ଚୟନ କରାଯାଇଥିବା ପ୍ରସ୍ତାବଗୁଡ଼ିକ ସମ୍ପୃକ୍ତ କାର୍ଯ୍ୟକ୍ରମର ଅନୁମୋଦିତ ବଜେଟର ୭୫% ପର୍ଯ୍ୟନ୍ତ ଆର୍ଥିକ ଅନୁଦାନ ଆକାରରେ ସହାୟତା ପ୍ରାପ୍ତ କରିବ।

ପ୍ରସ୍ତାବିତ କାର୍ଯ୍ୟକ୍ରମର ସାମାଜିକ ପ୍ରଭାବ ରହିଥିବା ଆବଶ୍ୟକ। କେତେକ ପ୍ରସ୍ତାବିତ କାର୍ଯ୍ୟକ୍ରମ/ଗତିବିଧିଗୁଡ଼ିକ ହେଲା:

- **ପୁସ୍ତକ ମେଳା/ସାହିତ୍ୟ ଉତ୍ସବ।**
- ପୁସ୍ତକ, ପାଠକ ସଂଖ୍ୟା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ଗତିବିଧି ସମ୍ବନ୍ଧୀୟ **ଗବେଷଣା/ସର୍ବେକ୍ଷଣ।**
- **ଲେଖକ/ପ୍ରକାଶକ/ମୁଦ୍ରକ/ପୁସ୍ତକ ବିକ୍ରେତାଙ୍କର ବାର୍ଷିକ ସଭା/ସମ୍ମିଳନୀ।**
- ପ୍ରକାଶନ ସମ୍ବନ୍ଧୀୟ **ଆଲୋଚନାଚକ୍ର/କର୍ମଶାଳା।**
- ଭାରତରେ ପୁସ୍ତକ ଉଦ୍ୟୋଗର ବିକାଶ ଅଥବା ପୁସ୍ତକ/ପଠନ ସଂସ୍କୃତିର ପ୍ରସାରରେ ଯୋଗଦାନ ଦେଉଥିବା ଅନ୍ୟ କୌଣସି ଗତିବିଧି।

ଯୋଗ୍ୟ ଏନ୍‌ଜିଓ / ସ୍ୱେଚ୍ଛାସେବୀ ସଂଗଠନ / ଶିକ୍ଷାନୁଷ୍ଠାନଗୁଡ଼ିକ ସବିଶେଷ ନିୟମ ଓ ସର୍ତ୍ତାବଳୀକୁ ପଢ଼ିବା ପରେ ସମ୍ପୃକ୍ତ ପୁସ୍ତକ ପ୍ରଚାର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ପାଇଁ ସେମାନଙ୍କର ଆବେଦନକୁ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପଦ୍ଧତିରେ **www.nbtindia.gov.in** ରେ ଦାଖଲ କରିପାରନ୍ତି।

ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ପରିଦର୍ଶନ କରନ୍ତୁ **www.nbtindia.gov.in**

cbc 21103/12/0006/2526

ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ: **୨୦ ଜୁନ୍ ୨୦୨୫**
ହାର୍ଡ କପି ଦାଖଲର ଶେଷ ତାରିଖ: **୧ ଜୁଲାଇ ୨୦୨୫**

**ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ**
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
୫, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଫେଜ୍-II, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ - ୧୧୦୦୭୦
ଟେଲି: ୦୧୧ ୨୬୭୦୭୭୯୪
ଇମେଲ୍: grantinaid@nbtindia.gov.in

**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art-Culture, Sports & Youth Affairs)**
**Gate No. - 28, Birsa Munda Football Stadium, Morhabadi, Ranchi**
**E-mail Id - directorsportsjharkhand@gmail.com**

**INVITATION FOR BID (IFB)**

NIT No.- 13/2025-26 Dated: 26.05.2025

The Directorate of Sports & Youth Affairs, Jharkhand, Ranchi hereby invites Tender for the Rate Contract for the following work in two parts Part-I (Technical Bid) and Part-II (Financial Bid). The rate contract will remain valid until the completion of the financial year 2026-27. Only eligible and reputed bidders, possessing substantial experience in similar works and demonstrating sound financial stability, are invited to submit their bids.

| Name of the Work | Earnest money to be deposited in Rs./- | Time of Supply | Place of Supply |
|---|---|---|---|
| Rate Contract for supply of Sports and Generic kits. | ₹8,00,000/- (Eight Lakhs Rupees) Only | within 30 days from the date of award of Work Order | Jharkhand |

| | |
|---|---|
| Availability of tender documents on website of this Directorate - sports.jharkhand.gov.in | From 27th May to 02nd June, 2025 |
| Last date of submission of queries from bidders | From 27th May to 29th May, 2025 till 11:00 a.m |
| Pre bid query meeting | At 12:00 p.m. on 29th May, 2025 |
| Last date and time for physical submission of Tender, original Demand Draft towards cost of bid document, Earnest Money and Samples/Catalogue | Up to 01:00 p.m. on 02nd June, 2025 |
| Date and time for opening of Tender Part-I (Technical Bid) | At 03:00 p.m. on 02nd June, 2025 |
| Date and time for opening of tender Part-II (Price Bid) | Immediately after finalizing the technical part of tender (Part-I) |
| Tendering Officer and address for communication | Director, Directorate of Sports & Youth Affairs, Birsa Munda Football Stadium, Morabadi, Ranchi |
| Contact/E-mail Id | directorsportsjharkhand@gmail.com dir_sportsjh@jharkhandmail.gov.in |

1. The detailed tender document can be downloaded from the website of this Directorate - sports.jharkhand.gov.in.
2. Earnest Money deposit (EMD) shall be deposited as per the above schedule in the office of Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi. Only those tenders will be entertained whose Earnest money deposit is received till 01:00 p.m. on 02nd June, 2025.
3. Any corrigendum regarding this short tender will be published in the newspapers & will be available in the website of this Directorate - sports.jharkhand.gov.in.
4. The Director, Directorate of Sports & Youth Affairs reserves the right to cancel the whole tender process or any part of it without assigning any reason thereof.

**Sd/- Director,**
**Directorate of Sports & Youth Affairs,**
**Jharkhand, Ranchi.**

PR 353530 Art Culture Sports and Youth Affairs(25-26)#D

**ୟୁକୋ ବ୍ୟାଙ୍କ**

**ଆଞ୍ଚଳିକ କାର୍ଯ୍ୟାଳୟ :**
ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର,
ପିନ୍-୭୫୧୦୦୯, ଫୋନ୍ : ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା, ସହ-ଋଣଗ୍ରହିତା ଏବଂ ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା, ସହ-ଋଣଗ୍ରହିତା ଓ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହିତା, ସହ-ଋଣଗ୍ରହିତା ଓ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ସହିଦ ନଗର ଶାଖା / ଋଣଗ୍ରହୀତା: ଶ୍ରୀ ନୃସିଂହ ଚରଣ ଭୂୟାଁ, ସତ୍ତ୍ୱାଧିକାରୀ: ଶିବ ଭେରାଇଟ ଷ୍ଟୋର ଏବଂ ଜାମିନ୍‌ଦାର: ଶ୍ରୀମତୀ ସରୋଜିନୀ ଭୂୟାଁ, ସ୍ୱାମୀ: ନୃସିଂହ ଚରଣ ଭୂୟାଁ, ଉଭୟଙ୍କ ପ୍ଲଟ୍ ନଂ.: ୧୩୧, ସତ୍ୟ ନଗର, ଥାନା: ଖାରବେଳ ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୭। | ତା୨୮.୦୧.୨୦୨୫ ସୁଦ୍ଧା ଟ.୫,୩୬,୮୪୪.୭୭/- + ଠାରୁ ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୫.୦୩.୨୦୨୫ / ୨୨.୦୫.୨୦୨୫ | ଶ୍ରୀମତୀ ସରୋଜିନୀ ଭୂୟାଁ, ସ୍ୱାମୀ: ନୃସିଂହ ଚରଣ ଭୂୟାଁଙ୍କ ନାମରେ ଥିବା ଜମି ଓ ବିଲ୍ଡିଂ ସ୍ଥାବର ସମ୍ପତ୍ତି ର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୨୩୪ (କ୍ଷେତ୍ର: ଏକର ପରିମାପ ୦.୧୪୦) ଏବଂ ୨୩୪/୧୦୪୭ (କ୍ଷେତ୍ର: ଏକର ପରିମାପ |

୦.୦୧୪), ଖାତା ନଂ.: ୨୬୦, ରୂପା ଆପାର୍ଟମେଣ୍ଟ ସାମ୍ନା, ସତ୍ୟନଗର, ମୌଜା: ଭୁବନେଶ୍ୱର, ଖୋର୍ଦ୍ଧା, ସୀମା ବିବରଣୀ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ଏ.କେ ରଥ, ପଶ୍ଚିମ: କେ ସି ସାହୁ।

ତାରିଖ: ୨୭.୦୫.୨୦୨୫, ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଶୁଣିଲାନି ପ୍ରଶାସନ, ଗ୍ରାମବାସୀ ତିଆରିକଲେ କାଠପୋଲ

**ଉମରକୋଟ,୨୬।୫(ସନ୍ତୋଷ ଶତପଥୀ)**

ଭାରତ ସ୍ୱାଧୀନ ହେବାର ୭୮ ବର୍ଷ ବିତି ଗଲାଣି, ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଶୁକିଗାଁ ପଞ୍ଚାୟତ ଅନ୍ତର୍ଗତ ଢେପଗୁଡ଼ା ଗ୍ରାମକୁ ଆଜି ପର୍ଯ୍ୟନ୍ତ ନାହିଁ ପକ୍କାରାସ୍ତା । ଫଳରେ ଲୋକେ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଢେପଗୁଡ଼ା ଗ୍ରାମକୁ ଯିବାକୁ ହେଲେ ରାସ୍ତା ମଝିରେ ଗୋଟିଏ ନାଳ ପଡ଼େ। ବର୍ଷାହେବା ମାତ୍ରେ ଏହି ନାଳରେ ପାଣି ଆସିଗଲେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯିବାଆସିବା କରିବାକୁ ପଡ଼ିଥାଏ। ଏହି ନାଳରେ ଏକ କଂକ୍ରିଟ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କିଛି ସୁଫଳ ମିଳିଲାନାହିଁ। ଶେଷରେ ସୋମବାର ଗ୍ରାମର


ଗ୍ରାମବାସୀ ପୋଲ ତିଆରି କରୁଛନ୍ତି।

ଯୁବକମାନେ ମିଶି ଏହି ନାଳ ଉପରେ କାଠ ବଲା ସାହାଯ୍ୟରେ ପୋଲ ତିଆରି କରିଥିବା ଗ୍ରାମବାସୀ କହିଛନ୍ତି।

ବେହେଡ଼ାଠାରୁ ମାତ୍ର ୧ କି.ମି. ଦୂରରେ ଅବସ୍ଥିତ ଏହି ଢେପଗୁଡ଼ା ଗ୍ରାମ। ଉକ୍ତ ଗ୍ରାମ ନିକଟରେ ଆହୁରି ୫ ଖଣ୍ଡ ଗ୍ରାମ ଅଛି । ଗ୍ରାମର ଲୋକମାନେ ମଧ୍ୟ ପ୍ରତିଦିନ ଏହି ରାସ୍ତା ଦେଇ ଉମରକୋଟକୁ ଯିବାଆସିବା କରନ୍ତି । ବର୍ଷାଦିନେ ଏହି ରାସ୍ତାର ପଚ ପଚ କାଦୁଅ ଯୋଗୁ ଲୋକେ ସହରକୁ ଆସିପାରନ୍ତି ନାହିଁ । ଢେପଗୁଡ଼ା ଗ୍ରାମ ରାସ୍ତା ନାଳରେ ପୂର୍ବରୁ ଏକ ପାଇପ ପଡ଼ିଥିଲା। ତା' ଉପରେ ଚଢ଼ି ଲୋକେ ଯାତାୟାତ କରୁଥିଲେ। ହେଲେ ପାଣି ବେଶି ଆସିବାରୁ ନାଳର ମାଟି ଧୀରେ ଧୀରେ ଖସିଯିବାରୁ ନାଳରେ ଆକାର ବଡ଼ ହୋଇଗଲା । ଫଳରେ ଏହି ନାଳ ଯୋଗୁ ଗ୍ରାମକୁ ଗାଡ଼ିମୋଟର ଆସିପାରୁ ନାହିଁ। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସକୁ କଲ୍ କଲେ ମଧ୍ୟ ତାହା ନାଳ ଅପରପାର୍ଶ୍ୱରେ ରୁହେ। ରୋଗୀ ଓ ଗର୍ଭବତୀଙ୍କୁ ଖଟିଆରେ ବୁହାଇ ଆମ୍ବୁଲାନ୍ସ ନିକଟକୁ ନିଆଯାଇଥାଏ। ଛାତ୍ରୀଛାତ୍ର ମଧ୍ୟ ପ୍ରତିଦିନ ବେହେଡ଼ାଠାରେ ଥିବା ହାଇସ୍କୁଲ, କଲେଜ, ସାପ୍ତାହିକ ହାଟ, ବଜାର, ଗ୍ରାମପଞ୍ଚାୟତ, ବ୍ୟାଙ୍କ ହେଉକି ଉମରକୋଟ ଆସିବାକୁ ହେଲେ ଏହି ଗୋଟିଏ ମାତ୍ର ରାସ୍ତା ଦେଇ ଯିବାଆସିବାକୁ କରିବାକୁ ପଡ଼େ। ପିଚୁରାସ୍ତା ଓ କଲଭର୍ଟ ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ଆସୁଥିବା ଦେଖି ଗ୍ରାମର ଯୁବକମାନେ ଅସ୍ଥାୟୀ କାଠପୋଲ ନିର୍ମାଣ କରିଛନ୍ତି। ଘଟଣାକୁ ନେଇ ଉମରକୋଟ ବିଡିଓ ମନୋଜ କୁମାର ମେହେରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଛୁଟି ରହିଥିବା ଯୋଗୁ ଯୋଗାଯୋଗ ହୋଇପାରି ନାହିଁ।

# ଚଳିତ ବର୍ଷ ୧୨ ହଜାର ସଦସ୍ୟତା ଲକ୍ଷ୍ୟ: ଏବିଭିପି


ଖବରଦାତା ସମ୍ମିଳନୀରେ ଏବିଭିପି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ନବରଙ୍ଗପୁର,୨୬।୫ (ସଦାଶିବ ପ୍ରହରାଜ)**

ପ୍ରତିବର୍ଷ ଭଳି ଚଳିତ ଶିକ୍ଷା ବର୍ଷରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଦସ୍ୟତା ଅଭିଯାନ ଜୁନ୍ ମାସରୁ ଆରମ୍ଭ ହେବାକୁଯାଉଛି। ଏପ୍ରିଲ ୨୦ରୁ ୨୨ ତାରିଖରେ ଝାରସୁଗୁଡ଼ାଠାରେ ହେଇଥିବା ପ୍ରାନ୍ତ ଓ ସମୀକ୍ଷା ଯୋଜନା ବୈଠକ ୨୦୨୫-୨୬ ଶିକ୍ଷାବର୍ଷରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ଟି ସାଙ୍ଗଠନିକ ଜିଲାରେ ୧ ଲକ୍ଷ ୪ ହଜାର ସଦସ୍ୟତା କରିବା ଲକ୍ଷ୍ୟ ରଖିଛି। ସେହିପରି ନବରଙ୍ଗପୁର ଜିଲାରେ ୧୨ ହଜାର ସଦସ୍ୟତା କରିବାର ଲକ୍ଷ୍ୟ ରଖିଥିବା ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସହସମ୍ପାଦକ ମୋହନ ହରିଜନ ସୂଚନା ଦେଇଛନ୍ତି । ଏହି ଶିକ୍ଷାବର୍ଷରେ ଏବିଭିପି ସମ୍ପୂର୍ଣ୍ଣ ଭାବରେ ଛାତ୍ର ସଂସଦ ନିର୍ବାଚନ ଲଢ଼ିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ୩୩୧ଟି ମହାବିଦ୍ୟାଳୟ ଓ ୮ ଟି ବିଶ୍ୱବିଦ୍ୟାଳୟ ଶାଖା ଏବଂ ପ୍ରତି ବ୍ଲକ୍ ମୁଖ୍ୟାଳୟରେ ତଥା ୧୧୮ଟି ସ୍ଥାନରେ ନଗର ଶାଖା ଘୋଷଣା କରିବାର ମଧ୍ୟ ଲକ୍ଷ୍ୟ ରଖିଛି । ଏହି ପ୍ରେସ୍ ବାର୍ତ୍ତାରେ ରାଜ୍ୟ ସହସମ୍ପାଦକ ମୋହନ ହରିଜନ, କୋରାପୁଟ ମାଲକାନଗିରି ଜିଲା ସଙ୍ଗଠନ ସମ୍ପାଦକ ଦିବ୍ୟଜ୍ୟୋତି ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାଗରିକା ଦାସ, ଜିଲା ସହ ସଂଯୋଜକ ବିଷ୍ଣୁ ସୁନ୍ଦର ଜେନା, ନବରଙ୍ଗପୁର କଲେଜ ପ୍ରେସିଡେଣ୍ଟ ହରିଶଙ୍କର ମାଝୀ ଉପସ୍ଥିତ ଥିଲେ ।

# ଯବାନଙ୍କ ସୁରକ୍ଷା, ଦୀର୍ଘାୟୁ ପାଇଁ ସାବିତ୍ରୀବ୍ରତ କଲେ କିନ୍ନର


କିନ୍ନରମାନେ ସାବିତ୍ରୀ ବ୍ରତ ପୂଜା କରୁଛନ୍ତି।

**ନବରଙ୍ଗପୁର,୨୬।୫(ସଦାଶିବ ପ୍ରହରାଜ)**

ସାରା ରାଜ୍ୟରେ ସମସ୍ତ ମହିଳା ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ସାବିତ୍ରୀ ବ୍ରତ କରୁଥିବା ବେଳେ ନବରଙ୍ଗପୁର ଜିଲା କିନ୍ନର ସଂଘ ପକ୍ଷରୁ ଭାରତୀୟ ସୈନିକଙ୍କ ସୁରକ୍ଷା ଓ ଦୀର୍ଘାୟୁ ନିମନ୍ତେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ସ୍ଥାନୀୟ ବିନାୟକ ଭବନ ପରିସରରେ ଜିଲାର କୋଣ ଅନୁକୋଣରୁ ଆସିଥିବା ସମସ୍ତ କିନ୍ନର ଯୋଗଦେଇ ସାବିତ୍ରୀ ବ୍ରତ ପୂଜା କରିଥିଲେ। କିନ୍ନରମାନେ ଦେଶର ବୀର ସୈନିକଙ୍କ ଦୀର୍ଘାୟୁ ସମେତ ଜଗତ କଲ୍ୟାଣ ନିମନ୍ତେ ପୂଜା ପରି ଅଭିନବ ପ୍ରୟାସକୁ ଜନସାଧାରଣ ପ୍ରଶଂସା କରିଛନ୍ତି। ପୂଜା ସମୟରେ ଜିଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ୍.ବାଲା କୃଷ୍ଣରାଓ, ସଂଘର ଉପଦେଷ୍ଟା ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଦୁର୍ଗା ପାଢ଼ୀ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ସଂଘର ସଭାପତି କାଜଲ, ସମ୍ପାଦକ ଚୁମକି, ସହ ସମ୍ପାଦକ ପ୍ରୀତିଙ୍କ ସମେତ ଅନେକ କିନ୍ନର ଯୋଗଦେଇଥିଲେ।

# ଉମରକୋଟରେ ୫ରୁ ଅଧିକ ଗାଡ଼ି କାଚ ଭାଙ୍ଗିଲେ ଦୁର୍ବୃତ୍ତ

**ଉମରକୋଟ,୨୬।୫(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ସହରରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ସହରରେ ପୂର୍ବରୁ ଚୋରି ଡକାୟତି ହେଉଥିଲା, ହେଲେ ଏବେ ମଦ୍ୟପଙ୍କ ଉତ୍ପାତ ଦେଖିବାକୁ ମିଳିଛି । ପୌରାଞ୍ଚଳ ଅଧୀନ ମେଡିକାଲ ରୋଡ୍ ଓ ଆଇଟିଆଇ ରୋଡ୍‌ରେ ଥିବା ସାହିରେ ରବିବାର ବିଳମ୍ବିତ ରାତିରେ ୫ ରୁ ଊର୍ଦ୍ଧ୍ୱ ଗାଡ଼ିର କାଚ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ଗୋଟିଏ କାର୍ ଓ ଟ୍ରକ୍, ଭଗବତୀ ନଗରର ୩ଟି କାର୍‌ର କାଚ ଭାଙ୍ଗିଥିବା ସୂଚନା ମିଳିଛି। ଏ ନେଇ ଗାଡ଼ି ମାଲିକ ଉମରକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ କାବୁ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ମେଡିକାଲ ରୋଡ୍‌ରେ ଷ୍ଟ୍ରିଟ୍ ଲାଇଟ ନ ଥିବାରୁ ଏବଂ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏଭଳି ଅପରାଧ ବଢ଼ି ଚାଲିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏପରିକି ସହରରେ ଲାଗିଥିବା ସମସ୍ତ ସିସି କ୍ୟାମେରା ଅଚଳ ଯୋଗୁ ଏଭଳି ଘଟୁଛି ବୋଲି ଉମରକୋଟ ନାଗରିକ ମଞ୍ଚ ସଦସ୍ୟ ତଥା ୧୧ ନମ୍ବର ୱାର୍ଡ କାଉନସିଲର ମୁନା ପାଢ଼ୀ ଅଭିଯୋଗ କରିଛନ୍ତି । ଏଥିସହ ଉମରକୋଟ ସହରର ବିଭିନ୍ନ ଦୋକାନରେ ବେଆଇନ ଭାବରେ ନିଶାଦ୍ରବ୍ୟ ବିକ୍ରି ହେଉଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବା ସହ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି ।


ପୋଲିସ ଘଟଣାର ତଦନ୍ତ କରୁଛି।

# ସରୋଜ ପ୍ରଥମ, ସିଦ୍ଧାନ୍ତ ଦ୍ୱିତୀୟ, ତୃତୀୟ ସ୍ଥାନରେ ପ୍ରଦୀପ

## ପୁଣି ସଫଳତାର ଶୀର୍ଷରେ ଗୁରୁକୃପା କଲେଜ

**ନବରଙ୍ଗପୁର/ ଉମରକୋଟ, ୨୬।୫ (ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)**


ସରୋଜ ପାଲ


ସିଦ୍ଧାନ୍ତ ସାହୁ


ପ୍ରଦୀପ ଗଣ୍ଡ

ସିବିଏସ୍‌ଇ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଏକ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଗୁରୁକୃପା ପବ୍ଲିକ ସ୍କୁଲର ଚଳିତ ବର୍ଷ ପରୀକ୍ଷା ଫଳ ଶତପ୍ରତିଶତ ପାସ୍ ହାର ହୋଇଛି। ସୂଚନା ଅନୁଯାୟୀ ଉକ୍ତ ଅନୁଷ୍ଠାନରେ ସର୍ବ ମୋଟ ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ ଜଣ ପ୍ରଥମ ଶ୍ରେଣୀରେ ଓ ୬୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସଫଳତା ଅର୍ଜନ କରିଛନ୍ତି। ସରୋଜ ପାଲ ୯୧.୬% ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ସିଦ୍ଧାନ୍ତ ସାହୁ ୮୪.୬% ନମ୍ବର ରଖି ଦ୍ୱିତୀୟ ଏବଂ ପ୍ରଦୀପ ଗଣ୍ଡ ୮୨.୨% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ଏହି ସଫଳତା ନିମନ୍ତେ ଗୁରୁକୃପା ଅନୁଷ୍ଠାନର ସଭାପତି ମନୋଜ କୁମାର ପାଢ଼ୀ,ସମ୍ପାଦିକା ସାଗରିକା ପଟ୍ଟନାୟକ,ଅଧ୍ୟକ୍ଷା ସ୍ୱପ୍ନା ପାଣିଗ୍ରାହୀ ସମସ୍ତ କୃତୀ ଛାତ୍ରୀଛାତ୍ର ତଥା ଶିକ୍ଷୟତ୍ରୀ, ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ସାବିତ୍ରୀ ବ୍ରତ ପାଳିଲେ ମହିଳା

**କୋରାପୁଟ,୨୬।୫(ଅମିତାଭ ବେହେରା)**

କୋରାପୁଟ ସହରର ବିଭିନ୍ନ ସ୍ଥାନରେ ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନାକରି ସାବିତ୍ରୀ ବ୍ରତ ସୋମବାର ପାଳନ କରିଛନ୍ତି। ଏହି ଅବସରରେ କୋରାପୁଟ ଶାବର ଶ୍ରୀକ୍ଷେତ୍ର ସମେତ ଓଏମ୍‌ପି ଶିବ ମନ୍ଦିର, ଭବାନୀନଗର ଶିବମନ୍ଦିର ଓ ପୂଜାରିପୁଟ ରାମମନ୍ଦିର ଆଦି ବିଭିନ୍ନ ମନ୍ଦିରରେ ମହିଳାମାନେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ଘରେ ଶିଳପୁଆରେ ହଳଦୀ ମାଖି ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ସ୍ଥାପନକରି ବିଭିନ୍ନ କିସମର ଫଳ, ନୂତନ ଶାଢ଼ି, କଳାମାଳି ଓ ନାଲି ଚୁଡି ଆଦି ଅର୍ପଣକରି ପୂଜା କରିଥିଲେ। ସେହିପରି ସ୍ଥାନୀୟ


କୋରାପୁଟ ସହରର ଅରବିନ୍ଦନଗରରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

### ଜେଲ ପରିସରରେ ମହିଳା ଅନ୍ତେବାସୀଙ୍କ ପୂଜାର୍ଚ୍ଚନା

ମଣ୍ଡଳ କାରାଗାର ପରିସରରେ ୫ ମହିଳା ଅନ୍ତେବାସୀ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସେମାନେ ନିର୍ଜଳ ଉପବାସ ରହି ଜେଲ ପରିସର ତ୍ରିନାଥ ମନ୍ଦିରରେ ପୂଜା କରିଥିଲେ। ଜେଲ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ଶାଢ଼ି ଓ ଅନ୍ୟ ପୂଜା ସାମଗ୍ରୀ ସମସ୍ତ ଯୋଗାଇ ଦିଆଯାଇଥିବା ଜେଲର ଲଲାଟେନ୍ଦୁ ଭୂଷଣ ଦାସ ପ୍ରକାଶ କରିଛନ୍ତି।

# ଘର ନିର୍ମାଣରେ ବାଧକ ବିଦ୍ୟୁତ୍ ଖୁଣ୍ଟ

**ନନ୍ଦପୁର,୨୬।୫(ତୁଷାରକାନ୍ତ ମହାନ୍ତି)**

ନନ୍ଦପୁର ବ୍ଲକ୍ ସଦର ମହକୁମା ପଞ୍ଚାୟତର ପଡ଼ାଲପୁଟ ଗ୍ରାମର ୩ ପରିବାର ପାଇଁ ଘର ନିର୍ମାଣରେ ବାଧକ ସାଜିଛି ବିଦ୍ୟୁତ୍ ପୋଲ। ସେମାନଙ୍କ ପୈତୃକ ଜମିରେ ବିଦ୍ୟୁତ୍ ଖୁଣ୍ଟ ଥିବାରୁ ଘର ନିର୍ମାଣ କରିପାରୁ ନ ଥିବା ଗ୍ରାମର ଡମ୍ବୁରୁ ହନ୍ତାଳ,ମନ ପଡ଼ାଲ ଓ ଟଙ୍କ ଖରା ପ୍ରମୁଖ କହିଛନ୍ତି। ବିଦ୍ୟୁତ୍ ଖୁଣ୍ଟ ଓ ତାର ହଟାଇବାକୁ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ସହଯୋଗ କରୁ ନ ଥିବା ଓ ବିଭିନ୍ନ ସର୍ତ୍ତ ରଖୁଥିବାରୁ ଏହାକୁ ପାଳନ କରିବାକୁ କଷ୍ଟ ହେଉଥିବା ସେମାନେ କହିଛନ୍ତି। ଜମି ଉପର ଦେଇ ବିଦ୍ୟୁତ୍ ତାର ବିଛାଯାଇଛି। ଏହି ୩ ଜଣଙ୍କ ପଟ୍ଟା ଜମିରେ ୩ଟି ବିଦ୍ୟୁତ୍ ଖୁଣ୍ଟ ରହିଛି। ସେଥିରୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଘର ନିର୍ମାଣରେ ସେମାନଙ୍କୁ ବାଧା ହେଉଥିବାରୁ ପୋଲଗୁଡ଼ିକୁ ସ୍ଥାନାନ୍ତର କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ଟିପିଏସ୍‌ଓଡିଏଲ୍ ଯନ୍ତ୍ରୀ ପ୍ରଭୁ ମଲ୍ଲିକଙ୍କୁ ପଚାରିବାରୁ ସ୍ଥାନିତ ବିଦ୍ୟୁତ୍ ପୋଲଗୁଡ଼ିକ ବହୁ ପୁରୁଣା। ଏହି ପୋଲରୁ ଗ୍ରାମର ଅନ୍ୟ ବ୍ୟକ୍ତିଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ବିଭାଗର ନିୟମ ପ୍ରକାରେ ଏଭଳି ପୋଲ ସ୍ଥାନାନ୍ତର ଆବେଦନ ମିଳିଲେ ଆମେ ଯାଞ୍ଚକରି ଏକ ରିପୋର୍ଟ ଡିଭିଜନାଲ କାର୍ଯ୍ୟାଳୟକୁ ପଠାଉ। ସେଠାରୁ ସ୍ଥାନାନ୍ତର ନିମନ୍ତେ ଖର୍ଚ୍ଚର ଆକଳନକରି ଆବେଦନକାରୀଙ୍କୁ ମୋଟ ଅଟକଳ ପ୍ରଦାନ କରାଯାଏ। ଉପଭୋକ୍ତା ଉକ୍ତ ସ୍ଥାନାନ୍ତର ଖର୍ଚ୍ଚ ବହନ କରିବେ। ଟଙ୍କା ବିଭାଗୀୟ ବ୍ୟାଙ୍କଖାତାରେ ଜମାକଲେ ହିଁ ବିଦ୍ୟୁତ୍ ପୋଲ ସ୍ଥାନାନ୍ତର ହୋଇପାରିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି। ୩ ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟ ସରକାର ଓ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ଏଭଳି ସର୍ତ୍ତର ପୁନର୍ବିଚାର କରନ୍ତୁ। ଏଥିରେ ଅବହେଳା ହେଲେ କେହି ମଧ୍ୟ ନିଜ ଜମିରେ ବିଦ୍ୟୁତ୍ ପୋଲ ସ୍ଥାପନ କରିବାକୁ ଦେବେ ନାହିଁ ସେମାନେ ବୋଲି କହିଛନ୍ତି।

# ଗଛ ଉପୁଡ଼ି ଭାଙ୍ଗିଲା ଘର, ଗୁହାଳ

**ନନ୍ଦପୁର,୨୬।୫(ତୁଷାରକାନ୍ତ ମହାନ୍ତି)**

ନନ୍ଦପୁର ବ୍ଲକ୍ ଅଧୀନ ରାଇସିଂ ପଞ୍ଚାୟତର କିଞ୍ଜରବା ଗ୍ରାମରେ ରବିବାର ରାତିରେ ଗଛ ଉପୁଡ଼ି ଗଙ୍ଗାଧର ସୀସାଙ୍କ ଆଜବେଷ୍ଟସ୍ ଘର ଓ ଗୁହାଳ ଭାଙ୍ଗିଯାଇଛି। ସୋମବାର ସକାଳେ ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ଚିତ୍ତରଞ୍ଜନ ପଞ୍ଜିଆ, ଦିଲେଶ୍ୱର ସେଠିଆ, ପ୍ରକାଶ କିଷାନ, ଥବିର ଭୋଇ ଓ ରଞ୍ଜନ ମଲ୍ଲିକ ପ୍ରମୁଖ ପହଞ୍ଚି ଘର ଉପରେ ପଡିଥିବା ଗଛକୁ କାଟି ହଟାଇଥିଲେ। ଗୃହପାଳିତ ପ୍ରାଣୀ ବର୍ତ୍ତିଯାଇଥିବା ଜଣାପଡ଼ିଛି। ନନ୍ଦପୁର ତହସିଲ ତରଫରୁ ରାଜସ୍ୱ ନିରୀକ୍ଷକ ନମିତା ବାଗଙ୍କୁ କିଞ୍ଜରବା ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନକରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


ଅଗ୍ନିଶମ କର୍ମଚାରୀ ଗଛ କାଟି ସଫା କରୁଛନ୍ତି।

# ଏକଟାଗୁଡା ଅଞ୍ଚଳରୁ ଚୋରି



**ଜୟପୁର,୨୬।୫(ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅନ୍ତର୍ଗତ ଏକଟାଗୁଡା ଶିରିଡିସାଇ ନଗର ଦ୍ୱିତୀୟ ଲାଇନର ଅତୁ୍ୟଲ କୁମାର ମଲ୍ଲିକଙ୍କ ଘରୁ ଟଙ୍କା ଚୋରି ହୋଇଥିବା ସଦର ଥାନାରେ ସୋମବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ରବିବାର ମଧ୍ୟ ରାତିରେ ଅତୁ୍ୟଲ ଓ ତାଙ୍କ ପରିବାର ଝିଲିମିଲିଗୁଡା ନିକଟ ତାଙ୍କ ଚାଷ ଗାଁକୁ ଯାଇଥିଲେ। ପରଦିନ ଫେରିବା ପରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଆଲମିରାରେ ଥିବା ସୁନାଗହଣା ଓ ଟଙ୍କା ଚୋରି କରି ନେଇଥିବା ଜାଣିଥିଲେ। ଏ ନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ଆଲମିରାର ଲକରକୁ ଯାଞ୍ଚ କରିବା ସମୟରେ ସମସ୍ତ ସୁନା ରୁପା ମିଳିଯାଇଥିଲା। କିନ୍ତୁ ଦୁର୍ବୃତ୍ତମାନେ ୩୦ ହଜାର ଟଙ୍କା ଓ ଶାଢୀ ଚୋରି କରିଥିବା ଜଣାପଡ଼ିଛି।

# ଗାୟତ୍ରୀ ପରିବାର ପରିଚାଳନା କମିଟି ଗଠନ

**ଜୟପୁର,୨୬।୫(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଚାତୁଆ ପ୍ରଜ୍ଞା ପୀଠରେ ନନ୍ଦପୁର ବ୍ଲକ୍ ଗାୟତ୍ରୀ ପରିବାର ୧୧ଜଣିଆ ପରିଚାଳନା କମିଟି ସୋମବାର ଗଠନ କରାଯାଇଛି। କୋର୍ଡିନେଟର ରତ୍ନମ୍ବରା ପାତ୍ର, ରଚନାତ୍ମକ ପ୍ରମୁଖ ନିରଞ୍ଜନ ପାଣିଗ୍ରାହୀ, ସଂଗଠନ ପ୍ରମୁଖ ଗୋପାଳ ପାତ୍ର, ଯୁବା ସଂଗଠନ ପ୍ରମୁଖ ଅବତାର ନରସିଂହ ପଣ୍ଡାଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ ହୋଇଛି। ବ୍ଲକ୍ କୋର୍ଡିନେଟର ଜଗନ୍ନାଥ ଖୋରା, ସବ୍‌କୋର୍ଡିନେଟର ଅପମା ଲମତାଗଡ, ଅଫିସ୍ ଇନଚାର୍ଜ ଗୋବର୍ଦ୍ଧନ ଜଲା, ଯୁବା ପ୍ରୋକୋଷ୍ଟ ଗଙ୍ଗାଧର ହନ୍ତାଳ, ନାରୀ ଜାଗରଣ ରିନା ମଲ୍ଲିକ,ସଂଗଠନ ସିମାଞ୍ଚଳ ଖିଲ, ରଚନାତ୍ମକ ଦେବ ହନ୍ତାଳ, ଏକାଉଣ୍ଟ ଦିଲୀପ ଚୌଧୁରୀ, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ରାଜୁ ପାଙ୍ଗି, ସାହିତ୍ୟ ଓ ମିଡିଆ କୃଷ୍ଣ ଖାଡଙ୍ଗାଙ୍କୁ ବ୍ଲକ ପରିଚାଳନା କମିଟି ଭାବେ ଚୟନ କରାଯାଇଛି। ସେମିଳିଗୁଡାରେ ସଂକଳ୍ପ ଉନ୍ମୋଚନ କରାଯାଇଛି। କୋରାପୁଟ ବ୍ଲକ୍ କୋର୍ଡିନେଟର୍ ଭାବେ ଶ୍ୟାମ ହନ୍ତାଳ, ସବ୍ କୋର୍ଡିନେଟର ନୀଳାଦ୍ରି ଚୌଧୁରୀ, ଅଫିସ୍ ଇନଚାର୍ଜ ହରି ଖରା, ଯୁବା ପ୍ରୋକୋଷ୍ଟ ଧନୁ ଯୋଡ଼ିଆ, ନାରୀ ଜାଗରଣ ସୁଷମା ମାଝି, ସଂଗଠନ ନବୀନ ଚୌଧୁରୀ, ରଚନାତ୍ମକ ଅର୍ଜୁନ ବିଲେଇପଡ଼ିଆ, ଏକାଉଣ୍ଟ ହରି ଖରା, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଗୁରୁଦେବ ମାଝି, ସାହିତ୍ୟ ଓ ମିଡିଆ ଅମରନାଥ ପାଢ଼ୀ ଓ ସୁଜାତା ମଲ୍ଲିକଙ୍କୁ ଚୟନ କରାଯାଇଛି।


ଚୟନ ହୋଇଥିବା ଗାୟତ୍ରୀ ପରିବାରର ପରିଚାଳନା କମିଟି ସଦସ୍ୟମାନେ।

# ଡିଗ୍ରୀ କଲେଜ ମାନ୍ୟତା ଅପେକ୍ଷାରେ ଚାରୁକଳା ବିଦ୍ୟାଳୟ

**ଜୟପୁର,୨୬।୫(ପବନ ପାଣିଗ୍ରାହୀ)**

ଜୟପୁର ସରକାରୀ ଚାରୁ କଳା ବିଦ୍ୟାଳୟ ଡିଗ୍ରୀ କଲେଜ ମାନ୍ୟତା ରହିଛି। ଅଜେୟପୁର ମହାରାଜା ବିକ୍ରମ ଦେବ ବର୍ମା ଏହାକୁ ୧୯୪୬ରେ ପ୍ରତିଷ୍ଠା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାକୁ ୭୯ ବର୍ଷ ବିତିଥିଲେ ସୁଦ୍ଧା ଏହା ଡିଗ୍ରୀ କଲେଜରେ ପରିଣତ ହୋଇପାରି ନାହିଁ। ବହୁ ବର୍ଷର ଦାବି ପରେ ରାଜ୍ୟ ସରକାର ୨୦୨୨ ଅକ୍ଟୋବର ୨୬ରେ ଅପଗ୍ରେଡସନ କରି ଡିଗ୍ରୀ ଖୋଲିବାକୁ ଅନୁମତି ଦେଇଥିଲେ। ଡ୍ରିଗୀ ଖୋଲିବା ପାଇଁ ୫ ଏକର ଜମିର ଆବଶ୍ୟକତା ରହିଛି। ଏ ନେଇ ୨୦୨୪ ନଭେମ୍ବର ୨୦ରେ ପଟ୍ଟା ଦିଆଯିବା ନେଇ ରାଜସ୍ୱ ବିଭାଗ ନିକଟରେ ଆବେଦନ କରାଯାଇଥିଲା। କିନ୍ତୁ ୬ ମାସ ବିତିଥିଲେ ସୁଦ୍ଧା ବିଭାଗ ପଟ୍ଟା ଦେଉ ନ ଥିବାରୁ ଡିଗ୍ରୀ କଲେଜ ଖୋଲାଯାଇ ପାରୁ ନ ଥିବା ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକ କହିଛନ୍ତି। ଏହି ବିଦ୍ୟାଳୟରେ ଅବିଭକ୍ତ କୋରାପୁଟ ଜିଲା ସମେତ କଳାହାଣ୍ଡି, ବଲାଙ୍ଗୀର ଓ ଭଦ୍ରକ ଆଦି ଅନ୍ୟ ଜିଲାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ଚିତ୍ରକଳା, ନିର୍ମାଣ କଳା, ବ୍ୟବସାୟିକ ତଥା ପାରମ୍ପାରିକ ଓ



ଜୟପୁରର ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ।

ଗ୍ରାଫିକ୍ସଆର୍ଟସହ ଇଂଲିଶ,ଓଡ଼ିଆ, ରାଜନୀତି ବିଜ୍ଞାନ, ଇତିହାସ, ଅର୍ଥନୀତି ପାଠ୍ୟକ୍ରମ ରହିଛି। ବିଦ୍ୟାଳୟରେ ଧନ୍ଦାମୂଳକ କଳା ଶିକ୍ଷାରେ ୪୦ ଛାତ୍ରୀଛାତ୍ରଙ୍କ ପଢିବା ବ୍ୟବସ୍ଥା ଥିବା ବେଳେ ପ୍ରଶିକ୍ଷକଙ୍କ ଅଭାବ ଶିକ୍ଷା ଦାନରେ ପ୍ରତିବନ୍ଧକ ସାଜିଛି। ବିଦ୍ୟାଳୟରେ ୫ଟି ମଞ୍ଜୁରି ପ୍ରାପ୍ତ ପ୍ରଶିକ୍ଷକ ପଦବୀ ଥିବା ବେଳେ ବର୍ତ୍ତମାନ ୪ ପ୍ରଶିକ୍ଷକ ପଦବୀ ଖାଲି ପଡ଼ିଛି। ଜଣେ ପ୍ରଶିକ୍ଷକ ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି। ପ୍ରଶିକ୍ଷକ ପଦବୀ ଖାଲି ପଡିଥିବାରୁ ଅତିଥି ପ୍ରଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟ ତୁଲାଯାଉଛି। ଅଧିକ ବିଭାଗ ଖୋଲାଯାଇ ଥିବାରୁ ଏଠାରେ ହଷ୍ଟେଲ ନ ଥିବାରୁ ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ କେହି କିରାଣୀ ନ ଥିବାରୁ ୧୨ରୁ ୧୩ ବର୍ଷ ହେବ ଡାଟା ଏଣ୍ଟ୍ରିକୁ ନିଯୁକ୍ତ କରି ତାଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ କାର୍ଯ୍ୟ କରାଯାଉଛି। ଛାତ୍ରୀଛାତ୍ର ରାଜ୍ୟ ତଥା ବାହାରେ ଚିତ୍ରକର ଭାବେ ସୁନାମ ଅର୍ଜନ କରିଛନ୍ତି। ଦିଲ୍ଲୀରେ ଓଡ଼ିଶା ଲୋକକଳାର ଚିତ୍ରମାନ ଆଙ୍କି ଏହାର ପ୍ରଚାର ଓ ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବିଦ୍ୟାଳୟରେ ମୂର୍ତ୍ତି ନିର୍ମାଣ, କାଠ ଖୋଦେଇ, ଟେରାକୋଟା, ଫଟୋ ଚିତ୍ର, ଚିତ୍ର କଳା, ବାଣିଜ୍ୟ କଳା ଆଦି ତାଲିମ ଦିଆଯାଉଛି। ଗ୍ରାଫିକ, ବାଣିଜ୍ୟ ଭିତ୍ତିକ

### ଖାଲି ପଡ଼ିଛି ପ୍ରଶିକ୍ଷକ ପଦବୀ

ବିଜ୍ଞାପନ ସହ ପାରମ୍ପରିକ ଲୋକ କଳା, ଆଦିବାସୀ ଲୋକ କଳା, ପୁରୀ ଓ କଟକ ଜିଲାର ଲୋକ କଳାର ତାଲିମ ଦିଆଯାଉଛି। ଛାତ୍ରୀଛାତ୍ର ଚାରୁ କଳା କ୍ଷେତ୍ରରେ ଉଚ୍ଚ ଶିକ୍ଷା ପାଇଁ ଆଗ୍ରହୀ ଥିଲେ ସୁଦ୍ଧା ବିଦ୍ୟାଳୟରେ ଡିଗ୍ରୀ ପାଠ୍ୟକ୍ରମ ଖୋଲାଯାଇ ପାରୁନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ର ସ୍ୱତନ୍ତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ଡିଗ୍ରୀ ପାଠ୍ୟକ୍ରମ ପାଇଁ ସେମାନଙ୍କୁ ଖଲିକୋଟ ଓ ଭୁବନେଶ୍ୱର ଯିବାକୁ ପଡୁଛି। ଯାହା ସମସ୍ତଙ୍କ ପାଇଁ ସମ୍ଭବ ହୋଇପାରୁ ନାହିଁ। ରାଜ୍ୟର ପୂର୍ବତନ ରାଜ୍ୟପାଳ ୱାଇ.ଏସ୍. ସାନ୍ତାକାରା, ଏମ୍.ଏମ୍. ରାଜେନ୍ଦ୍ରନ ତଥା ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଭଳି ବ୍ୟକ୍ତି ବିଶେଷ ଏହି ବିଦ୍ୟାଳୟର ପରିଦର୍ଶନ କରିଥିବା ସତ୍ତ୍ୱେ ଏହାର ଭାଗ୍ୟ ବଦଳି ନ ଥିବା ବୁଦ୍ଧିଜୀବି କହିଛନ୍ତି। ଏହାକୁ ଗୁରୁତର ସହ ନେଇ ଜମି ଯୋଗାଇବା ସହ ଡିଗ୍ରୀ ପାଠ୍ୟକ୍ରମ ଖୋଲିବାକୁ ଦାବି ହୋଇଛି।

# ଆଜି ବି ବଞ୍ଚିଛି ବିହନ ଅଦଳବଦଳ ଧାରା

ରାୟଗଡ଼ା/କାଶୀପୁର,୨୬ା୫
(ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ)

■ ମେଳାରେ ପାରମ୍ପରିକ ବିହନ ଅଦଳବଦଳକଲେ ଚାଷୀ

■ ଆଦିବାସୀ ପରମ୍ପରା ଜୀବିତ ରଖିବାକୁ ପ୍ରୟାସ

ସମୟକ୍ରମେ ଚାଷ ଓ ଚାଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ଚାଷୀକୁଳ ଚାଷରେ କ୍ଷତି ସହୁଥିବା କାରଣରୁ ସେମାନଙ୍କ ପିଢ଼ି ଧୀରେ ଧୀରେ ଅନ୍ୟ କାର୍ଯ୍ୟଧାରା ଆପଣାଉଛନ୍ତି। ହେଲେ ଏହିଭଳି ପରିସ୍ଥିତିରେ ମଧ୍ୟ ଆଜି ବି ଜୀବନ୍ତ ରହିଛି ବିହନ ଅଦଳବଦଳ ଧାରା, ଯାହାକୁ ଚାଷୀ ବିହନ ଅଦଳବଦଳ ମେଳା କୁହନ୍ତି । ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ମାଣ୍ଡିବିଶିଠାରେ ସୋମବାର ଏହି ବିହନ ଅଦଳବଦଳ ମେଳା ଦେଖିବାକୁ ମିଳିଛି। ମେଳାରେ ଚାଷୀମାନେ ପରସ୍ପର ସହ ବିହନ ଅଦଳ ବଦଳ କରିଥିଲେ । ଆଦିବାସୀଙ୍କ ପାଇଁ ବିହନ କିଣାବିକାର ଏକ ସାମଗ୍ରୀ ନୁହେଁ। ବିହନ ଆଦିବାସୀଙ୍କ ପାଇଁ ସଂସ୍କୃତି। ବିହନ ଆଦିବାସୀଙ୍କ ପରିଚୟ। ତେଣୁ ଆଦିବାସୀମାନେ ବିହନ କିଣାବିକା ନ କରି ପରସ୍ପର ସହ ଅଦଳବଦଳକରି ଚାଷବାସ କରନ୍ତି। ଏହି ବିହନ ବି ସମ୍ପୂର୍ଣ୍ଣ ଜୈବିକ ରହୁଥିଲା । ଫଳରେ ଚାଷ ସମୟରେ ପୋକର ଭୟ ନ ଥିଲା ଏବଂ ପୁଷ୍ଟିକର ଫସଲ ବାହାରୁଥିଲା । ଆଦିବାସୀଙ୍କ ନିକଟରେ ଏକାଧିକ ପ୍ରକାର ମାଣ୍ଡିଆ, କୋଶଳା, କାଙ୍ଗୁ, ଜନା, ମକା, ଗାଣ୍ଠିଆ, ବାଜରା, କାନ୍ଦୁଲ ବିହନ ରହୁଥିଲା । ସେସବୁ ମଧ୍ୟରୁ ଏବେ ଅଧିକାଂଶ ବୁଡ଼ିଗଲାଣି। ଆଦିବାସୀଙ୍କ ପାରମ୍ପରିକ ବିହନରେ ଖରା ଓ ବର୍ଷା ସହଣୀ ଶକ୍ତି ଥିଲା ଓ ରୋଗ ପୋକକୁ ବି ସେସବୁ ବିହନ ପ୍ରତିହତ କରିପାରୁଥିଲା। ହେଲେ ଏବେ ସେସବୁ ଆଉ ଦେଖିବାକୁ ମିଳୁନାହିଁ ବୋଲି ଆଦିବାସୀ ଚାଷୀମାନେ କହିଛନ୍ତି।


ମେଳାରେ ମହିଳା ଚାଷୀ ବିହନ ଦେଖୁଛନ୍ତି।

ବିହନ ମେଳାରେ ଶତାଧିକ ଆଦିବାସୀ ଓ ଅନ୍ୟାନ୍ୟ ବର୍ଗର ଚାଷୀ ଏକାଠି ହୋଇ ନିଜ ନିଜ ଭିତରେ ପାରମ୍ପରିକ ଦେଶୀ ବିହନ ଅଦଳବଦଳ କରିଛନ୍ତି । ପୁନଶ୍ଚ ଗୁଣାତ୍ମକ ମାନର ଚାଷ ଓ ପୁଷ୍ଟିକର ଖାଦ୍ୟ ଉପାର୍ଜନ ବୃଦ୍ଧିକରିବା ପାଇଁ ଏବଂ ବିହନ ସ୍ୱାଧୀନତା ଫେରାଇ ଆଣିବା ପାଇଁ ଲିଭିଂ ଫାର୍ମସ ଅନୁଷ୍ଠାନ ସହାୟତାରେ କାଶୀପୁରର ଆଦିବାସୀ ଚାଷୀମାନେ ଆଜି ବି କାର୍ଯ୍ୟରତ ଅଛନ୍ତି।

ବିହନ ମେଳାରେ ଚାଷୀମାନେ ପରସ୍ପର ଭିତରେ ପ୍ରାୟ ୪୦ରୁ ଅଧିକ ପ୍ରକାର ଦେଶୀଧାନ, ମାଣ୍ଡିଆ, ଡାଲି ଜାତୀୟ, ତୈଳବୀଜ, ପନିପରିବା ଆଦି ବିହନ ଅଦଳବଦଳ କରିଥିଲେ। ଆଗାମୀ ଦିନରେ ପୁଣି ଥରେ ସେଇ ପୁରୁଣା ବିହନ ଅଦଳବଦଳ ପ୍ରକ୍ରିୟାକୁ ଫେରାଇ ଆଣିବା ସହ ଏକ ସୁସ୍ଥ ସମାଜ ଗଠନ ପାଇଁ ଚାଷୀମାନେ ଚେଷ୍ଟା ଜାରି ରଖିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ବିହନ ମେଳାରେ ଅନୁଷ୍ଠାନର ଅନୀଲ ଲିମା, ଜଗନ୍ନାଥ ମାଝୀ, ବିଚିତ୍ର ବିଶ୍ୱାଳ, ବସୁନ୍ଧରା ସଂସ୍ଥାର ପ୍ରମୋଦ ପ୍ରଧାନ, ବିହନ ସଂରକ୍ଷକ ଲୋକନାଥ ନାଉରି, ଦୁଲାଲ ଭଟ୍ଟାଚାର୍ଯ୍ୟ, ସିଓ୍ୱାଇଏସ୍‌ଡିର ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗଦେଇ ଦେଶୀ ବିହନର ସଂରକ୍ଷଣ ଓ ଆଦାନ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଶିର୍ଲିଯୋଡ଼ି ଗ୍ରାମର ତିଲାଇ ମାଝୀ, କନ୍ଧମାଳର ସଞ୍ଜୀତ ମାଝୀ, କେନ୍ଦୁଗୁଡ଼ାର କୁମି ମାଝୀ, ପ୍ରହ୍ଲାଦ ନାୟକ, କୁମାଖାଲର ଆଳମାଇ ମାଝୀ, ଆଲିଗୁନାର ଦିପଙ୍ଗଦେଇ ମାଝୀ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ପାଇଁ ବିହନ ସଂରକ୍ଷଣ ଓ ବିହନ ମେଳାର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ।


ଚାଷୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବିଭିନ୍ନ ପ୍ରକାର ଦେଶୀ ବିହନ।

## ସତ୍‌ସଙ୍ଗ ମାଧ୍ୟମରେ ବୌଦ୍ଧିକ, ନୈତିକ ଶିକ୍ଷା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

### ଶବର ସମାଜ ଶିବିର ଉଦ୍‌ଯାପିତ

ଗୁଣପୁର,୨୬ା୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ର ଟିଂମିରିଠାରେ ଗତ ୩ ଦିନ ଧରି ଚାଲୁ ରହିଥିବା ଶବର ସମାଜର ଶିବିର ରବିବାର ଉଦ୍‌ଯାପିତ ହୋଇଛି । ଟିଂମିରି ମଣ୍ଡଳୀର ସମସ୍ତ କର୍ମକର୍ତ୍ତା , ସରକାରୀ ବେସରକାରୀ କର୍ମଚାରୀ, ସାଧୁସନ୍ଥ, ଜ୍ଞାନୀ, ବୁଦ୍ଧିଜୀବୀ ଏବଂ ଛାତ୍ର ସଂସଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅପରାହ୍ନ ସମୟରେ କୃଷ୍ଣଚନ୍ଦ୍ର ଗମାଙ୍ଗ (ସର୍ବୋଚ୍ଚ ସମ୍ପାଦକ/ଧର୍ମ ଉପଦେଷ୍ଟା)ଙ୍କୁ ସଂକୀର୍ତ୍ତନ ମାଧ୍ୟମରେ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ସମ୍ମିଳନୀରେ ପ୍ରାୟ ୫୦୦ ଜଣ ଛାତ୍ରୀଛାତ୍ର ଏବଂ ୧୦୦୦ରୁ ଉର୍ଦ୍ଧ୍ୱ ସତ୍‌ସଙ୍ଗପ୍ରେମୀ ଉପସ୍ଥିତ ଥିଲେ। ଟିଂମିରି ମଣ୍ଡଳୀ ସଭାପତି ବୁଡ଼ ଶବର, ମଣ୍ଡଳୀ ସମ୍ପାଦକ ବନମାଳୀ ଶବର, ଜିଲା ସଭାପତି ସୁଦର୍ଶନ ଗମାଙ୍ଗ, ଗଜପତି ଜିଲାର ଶିକ୍ଷକ ବଳରାମ ବଡରଇତ, ଏବିଇଓ ସର୍ବୋଚ୍ଚ କାର୍ଯ୍ୟକାରୀ ସଭାପତି ଲିଙ୍ଗରାଜ କାର୍ଜୀ, ଶିକ୍ଷକ ଜଞ୍ଜି ମାଝୀ, ଗୁଣପୁର ଶାଖା ପରିଚାଳକ ସୁରେନ୍ଦ୍ର ଶବର, ଶିକ୍ଷକ ହାଡ଼ିଆ ଶବର, କାର୍ତ୍ତିକ ରଇତ, ଗଜପତିର ଇସ୍କନ ପ୍ରଚାରକ ମନୋଜ ଗମାଙ୍ଗ, ଛାତ୍ର ସଭାପତି ବିନେଶ ଶବର, ଛାତ୍ର ସମ୍ପାଦକ ତୁଷାର ଶବର, ସ୍ୱାସ୍ଥ୍ୟ ପ୍ରତିନିଧି ବିଜୟ ଶବର, ଗୋପୀନାଥ ଶବର, ଭାଜପା କର୍ମକର୍ତ୍ତା ବିଦ୍ୟାଧର ଶବର, ନୀଳକଣ୍ଠ ଶବର, ସ୍ଥାନୀୟ ସରପଞ୍ଚ ଦିବାକର ଶବର, ସମିତି ସଭ୍ୟ ନୀଳମଣି ଶବର, ଘନାତ୍ରୀ ସରପଞ୍ଚ ନୀଳକଣ୍ଠ ଶବର ଏବଂ ଆଦିତ୍ୟ ବାହିନୀର ତ୍ରିପତି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ସାଧୁ ସନ୍ଥଙ୍କ ଦ୍ୱାରା ସତ୍‌ସଙ୍ଗ ମାଧ୍ୟମରେ ଗୀତା ଶିକ୍ଷା, ବୌଦ୍ଧିକ ଶିକ୍ଷା, ନୈତିକ ଶିକ୍ଷା, ସାମାଜିକ ଶିକ୍ଷା, ବିଦ୍ୟାଳୟରେ ଥିବା ପାଠ୍ୟ ଖସଡ଼ାର ଶିକ୍ଷା ଦେବା ସହ ପିଲାଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ପ୍ରକାଶିତ କରିବା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଯାତ୍ରା ଶବର, ଯୋଗେନ୍ଦ୍ର ଶବର, ମିଟୁ ଶବର, ପ୍ରଭାସିନୀ ଶବର, ମୁକୁତା ଶବର, ଅନିରୁଦ୍ଧ ଶବର, ମୁରଲୀଧର ଶବର, ଶଙ୍କର ଶବର, ଏହା ପରେ ଛାତ୍ର ସଭାପତି ବିନେଶ ଶବର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶେଷରେ ସମସ୍ତେ ଶବର ସଙ୍ଗୀତ ଗାନ କରିବା ସହ ନାଚକରି କାର୍ଯ୍ୟକ୍ରମକୁ ଶେଷ କରିଥିଲେ।

## ସ୍ୱାମୀଙ୍କ ଆଗରେ ସ୍ତ୍ରୀଙ୍କ ଜୀବନ ଗଲା

ପାତ୍ରପୁର,୨୬ା୫(ଉମା ଚରଣ ନେପାକ) ଗଞ୍ଜାମ ଜିଲା ଜରଡା ଥାନା ଅନ୍ତର୍ଗତ କେଶରୀପଡା ଗ୍ରାମରେ ସୋମବାର ସଡ଼କ ଦୁର୍ଘଟଣାରେ ସ୍ୱାମୀଙ୍କ ଆଗରେ ସ୍ତ୍ରୀଙ୍କ ଜୀବନ ଯାଇଛି। ମୃତା ମହିଳା ହେଲେ ପଡୋଶୀ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାଞ୍ଚିଲି ଗ୍ରାମର ଚନ୍ଦନ ଜାନକୀ (୪୦)। ତାଙ୍କ ସ୍ୱାମୀ ଚନ୍ଦନ ବାସୁଦେବ ଗୁରୁତର ହୋଇଛନ୍ତି। ଦମ୍ପତି ସ୍କୁଟି (ଏପି ୪୦ ସିକ୍ୟୁ-୬୨୪୧) ଯୋଗେ ପାତ୍ରପୁର ବ୍ଲକ ଖମ୍ବାରିଗାଁ ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଭେଟିବାକୁ ଆସିଥିଲେ। ସେଠାରୁ ଫେରିବା ସମୟରେ ଜୟନ୍ତୀପୁର ଓ କେଶରୀପଡା ରାସ୍ତା ମଧ୍ୟସ୍ଥଳରେ ଥିବା ଏକ ମଶାଣି ନିକଟରେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଥିଲା। ଫଳରେ ଜାନକୀ ଓ ବାସୁଦେବ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଜାନକୀଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀ ଚନ୍ଦନ ଚିକିତ୍ସିତ ହୋଇଥିଲେ। ମୃତକଙ୍କ ଭଉଣୀ ଏ ସମ୍ପର୍କରେ ଜରଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।

## ସେବାୟତ ଉନ୍ନୟନ ପରିଷଦ ବୈଠକରେ ଉଦ୍‌ବେଗ


ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଉଛି।

### ରଥଯାତ୍ରା ପାଇଁ ହୋଇନି ପ୍ରସ୍ତୁତି ବୈଠକ

ଗୁଣପୁର,୨୬ା୫ (ପ୍ରଦୀପ କୁମାର ପାଢ଼ୀ )

ଜୁନ୍ ୨୭ରେ ରଥଯାତ୍ରା । ରାୟଗଡ଼ା ଗୁଣପୁର ପ୍ରଶାସନ ପକ୍ଷରୁ ଏଯାଏଁ ବସିନାହିଁ ପ୍ରସ୍ତୁତି ବୈଠକ । ସେହିପରି ଗୁଣପୁର ଜଗନ୍ନାଥ ମନ୍ଦିରର ନୀତିକାନ୍ତି ନେଇ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ରବିବାର ସନ୍ଧ୍ୟାରେ ମନ୍ଦିର ଉନ୍ନୟନ ପରିଷଦର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ପାଇଁ ଅର୍ଥ ଅଭାବରୁ କିପରି କାର୍ଯ୍ୟ ହେବ ତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସମସ୍ତ ନୀତିକାନ୍ତି ସକାଶେ ଦେବୋତ୍ତର ବିଭାଗ ପକ୍ଷରୁ ଠିକ୍ ଭାବେ ସହାୟତା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ପୂଜକଙ୍କ ପାଇଁ ଆର୍ଥିକ ବ୍ୟବସ୍ଥା ନ ଥିବାବେଳେ ସେମାନେ ହାତରୁ ଖର୍ଚ୍ଚକରି କିପରି ପୂଜାକାର୍ଯ୍ୟ ସମ୍ପାଦନା କରିବେ ବୋଲି ପ୍ରଶ୍ନ ଉଠାଇଥିଲେ । ରଥ କାରିଗର ଗାଙ୍ଗରାଜୁ ଶବର ଚକ ପାଇଁ କାମି ଆବଶ୍ୟକ ବୋଲି କହିଥିଲେ। ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା ଓ ସୁଦାମ ରଥଶର୍ମା, ମୁଖ୍ୟ ପୂଜକ ମନୋଜ ପାଢ଼ୀ, ବରିଷ୍ଠ ସଦସ୍ୟ ତ୍ରିପତି ମହାନ୍ତି, ଉମା ଦାସ, ତ୍ରିପତି ରଥଙ୍କ ସମେତ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଅକ୍ଷୟ ଦାସ, ସୂର୍ଯ୍ୟ ନାୟକ, ଗୌରୀ ପଣ୍ଡା, ଚୁକୁନା ରଥ, ସନ୍ତୋଷ ପଣ୍ଡା, ମିଲି ପାଢ଼ୀ, କୃଷ୍ଣ ପ୍ରସାଦ ମିଶ୍ର, ରବି ପଣ୍ଡା, ତିରୁପତି ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଶେଷରେ ଡ. ପ୍ରଶାନ୍ତ ହୋତା ଧନ୍ୟବାଦ ପ୍ରଦାନ କରିଥିଲେ ।

## ମୁନିଗୁଡ଼ାରେ ରାମକଥା, ପ୍ରବଚନ କାର୍ଯ୍ୟକ୍ରମ

ମୁନିଗୁଡ଼ା,୨୬ା୫ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଗୀତ ଭବନ ପରିସରରେ ପୁରୁଷାର୍ଥ ଆଧ୍ୟାତ୍ମିକ ସତ୍‌ସଙ୍ଗ ସେବା ସମିତି ପରିବାର ତରଫରୁ ସୋମବାରଠାରୁ ପବିତ୍ର ରାମ କଥା ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ଦିନରେ ସଂକୀର୍ତ୍ତନ ମଣ୍ଡଳୀ ସହ ମହିଳାମାନେ କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନା କରିଥିଲେ । ଏହି ଅବସରରେ ତୁଳସୀ ଦାସଙ୍କ କୃତ ଶ୍ରୀରାମ ଚରିତ ମାନସ ଆଧାରରେ ପୁରୁଷାର୍ଥ ଆଧ୍ୟାତ୍ମିକ ସତ୍‌ସଙ୍ଗ ସେବା ସମିତି ଓଡ଼ିଶାର ଅଧ୍ୟକ୍ଷ ନବୀନ ଚନ୍ଦ୍ର ପଟ୍ଟନାୟକ ସାବଲୀଳ ଢଙ୍ଗରେ କଥା ପରିବେଷଣ କରୁଛନ୍ତି। ପ୍ରତ୍ୟେକ ଦିନ ଶ୍ରୀରାମଙ୍କ ଜନ୍ମ ଓ ବାଲ୍ୟଲୀଳାଠାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାମାଭିଷେକ ପର୍ଯ୍ୟନ୍ତ ପ୍ରବଚନ ମାଧ୍ୟମରେ ଲୋକଙ୍କୁ କୁହାଯାଉଛି। ଉକ୍ତ କାର୍ଯ୍ୟକ୍ରମକୁ ମୁନିଗୁଡା ପୁରୁଷାର୍ଥ ଆଧ୍ୟାତ୍ମିକ ସତ୍‌ସଙ୍ଗ ସେବା ସମିତି ପରିବାର ଓ ଗୀତା ଭବନ ସମସ୍ତ ସଦସ୍ୟ ପରିଚାଳନା ଓ ସହଯୋଗ କରୁଛନ୍ତି ।


ପୁରୁଷାର୍ଥ ଆଧ୍ୟାତ୍ମିକ ସତ୍‌ସଙ୍ଗ ସେବା ସମିତିର ଅଧ୍ୟକ୍ଷ ନବୀନ ଚନ୍ଦ୍ର ପଟ୍ଟନାୟକ ପ୍ରବଚନ ଦେଉଛନ୍ତି ।

## ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ସାବିତ୍ରୀ ବ୍ରତ ପାଳିଲେ ମହିଳା


ଟିକିରିରେ ମହିଳାମାନେ ସାବିତ୍ରୀ ବ୍ରତ ପୂଜା କରୁଛନ୍ତି।

ଟିକିରି/ ମୁନିଗୁଡ଼ା, ୨୬ା୫ (ପ୍ରଫୁଲ୍ଲ କୁମାର ବେହେରା/ ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ ଜିଲା କାଶୀପୁର ବ୍ଲକ୍ ଟିକିରିରେ ବିଭିନ୍ନ ସାହି ଓ ମନ୍ଦିରରେ ସଧବା ମହିଳାମାନେ ସୋମବାର ସ୍ୱାମୀଙ୍କ ଦୀର୍ଘାୟୁ, ଆରୋଗ୍ୟ କାମନାକରି ସାମିତ୍ରୀ ବ୍ରତ ପାଳନ କରିଛନ୍ତି। ସାବିତ୍ରୀ ପୂଜା ପାଇଁ ସକାଳୁ ବିଭିନ୍ନ ମନ୍ଦିରରେ ଭୋଗଥାଳି ସହ ମହିଳାଙ୍କ ଭିଡ଼ ଜମିଥିଲା। ମହିଳାମାନେ ନୂଆ ଶାଢ଼ି ପିନ୍ଧି, ବିଭିନ୍ନ ରଙ୍ଗ ଚୁଡ଼ି, କଳା, ମାଳି, ସିନ୍ଦୂର ଅଳିତା ଧରି ମନ୍ଦିରରେ ମା’ ପାର୍ବତୀଙ୍କ ନିକଟରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

ସେହିପରି ମୁନିଗୁଡ଼ାର ବିଭିନ୍ନ ସାହି ଓ ମନ୍ଦିରରେ ସାବିତ୍ରୀ ବ୍ରତ ପୂଜା ପାଇଁ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ସ୍ଥାନୀୟ ବୈଶ୍ୟ ସଂଘ ସମାଜ ଗୃହ ପରିସରରେ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ମହିଳାମାନେ ପୂଜା ଥାଳି ସହ ବିଭିନ୍ନ ଫଳ,ମିଠା, ନୂତନ ବସ୍ତ୍ର, ସଞ୍ଜା, ସିନ୍ଦୂର ଧରି ରୀତିନୀତି ଅନୁଯାୟୀ ସାମୂହିକ ସାବିତ୍ରୀ ବ୍ରତ ପୂଜା କରିଥିଲେ । ସ୍ୱାମୀଙ୍କ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା ନେଇ ମହିଳାମାନେ ଉପବାସ କରିଥିଲେ। ସେହିପରି ମୁନିଗୁଡ଼ାର ଗୌଡ଼ସାହି, ପାଇକସାହି, ଗଣେଶନଗର, ଖମଣସାହି, ଗୋବର୍ଦ୍ଧନ, ମୁନିଖୋଲ, ଭୈରବଗଡ଼ ସହ ଆଖପାଖ ଅଞ୍ଚଳରେ ଜଗବନ୍ଧୁ ପଣ୍ଡା, ଶ୍ୟାମ ସୁନ୍ଦର ଦାସ, ନିକୁଞ୍ଜ ଶତପଥୀ, କ୍ଷମା ସାଗର ଦାସ, ସଦାନନ୍ଦ ମହାପାତ୍ର, ସନ୍ତୋଷ ସାହୁ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।


ମୁନିଗୁଡାରେ ମହିଳାମାନେ ସାବିତ୍ରୀ ବ୍ରତ କଥା ଶୁଣୁଛନ୍ତି ।

## ରାୟଗଡ଼ା ରେଳ ଷ୍ଟେଶନରେ ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥା

ରାୟଗଡ଼ା,୨୬ା୫(ଆଶିଷ ରଞ୍ଜନ ପଣ୍ଡା)

■ରେଳ ଧାରଣା ଦେଇ ବିପଦପୂର୍ଣ୍ଣ ଭାବେ ପ୍ଲାଟ୍‌ଫର୍ମକୁ ଚଢ଼ୁଛନ୍ତି ଯାତ୍ରୀ

■ଦିବ୍ୟାଙ୍ଗ ଉଦ୍ଦିଷ୍ଟ କୋଚ୍‌ରେ ଚଢ଼ୁଛନ୍ତି ସାଧାରଣ ଯାତ୍ରୀ

ରାୟଗଡ଼ା ରେଳ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହୁ ନ ଥିବା ଅଭିଯୋଗ ହୋଇଛି। ଷ୍ଟେଶନ ଭିତରେ ରେଲଓ୍ୱେ ପୋଲିସ ଓ ବିଭାଗୀୟ କର୍ମକର୍ତ୍ତାଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଯାତ୍ରୀ ଫୁଟ୍ ଓଭରବ୍ରିଜ୍ ଓ ଲିଫ୍ଟ ବ୍ୟବହାର ନ କରି ଗୋଟିଏ ପ୍ଲାଟ୍‌ଫର୍ମରୁ ଆଉ ଗୋଟିଏ ପ୍ଲାଟ୍‌ଫର୍ମକୁ ରେଳ ଧାରଣା ମଧ୍ୟ ଦେଇ ବିପଦପୂର୍ଣ୍ଣ ଭାବେ ଯାଉଥିବା ଦେଖିବାକୁ ମିଳିଛି । ଏଭଳିକି ଦୁଇରୁ ଅଧିକ ଟ୍ରେନ୍ ଷ୍ଟେଶନରେ ଭିନ୍ନ ଭିନ୍ନ ପ୍ଲାଟ୍‌ଫର୍ମରେ ଆସୁଥିବା ବେଳେ ଯାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ରେଳଲାଇନ ପାର ହୋଇ ପ୍ଲାଟ୍‌ଫର୍ମକୁ ଯାତାୟାତ କରୁଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ରବିବାର ଦ୍ୱିପ୍ରହର ପ୍ରାୟ ୧ଟା ୧୫ମିନିଟ୍ ସମୟରେ ଦେଖିବାକୁ ମିଳିଛି। ଏହି ସମୟରେ ବିଶାଖାପାଟଣା-ହଜରତ ନିଜାମୁଦ୍ଦିନ୍ (୧୨୮୦୭-ସମତା) ଓ ହଜରତ ନିଜାମୁଦ୍ଦିନ୍-ବିଶାଖାପାଟଣା(୧୨୮୦୮-ସମତା) ଟ୍ରେନ୍ ରାୟଗଡ଼ା ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମରେ ପ୍ରାୟ ପାଖାପାଖି ସମୟରେ ପହଞ୍ଚିଥିଲା । ଟ୍ରେନ ନଂ. ୧୨୮୦୭ ପ୍ଲାଟ୍‌ଫର୍ମ ନଂ. ୧ରେ ଲାଗିବା ପୂର୍ବରୁ ଯାତ୍ରୀମାନେ ବିଶାଖାପାଟଣା ଯିବା ପାଇଁ ଟ୍ରେନ୍ ନଂ. ୧୨୮୦୮ରେ ଯିବାକୁ ଥିବାବେଳେ ଫୁଟ୍ ଓଭରବ୍ରିଜ୍ ଓ ଲିଫ୍ଟରେ ଯାଉଥିଲେ । ହେଲେ ବହୁ ମାତ୍ରାରେ ମହିଳା, ପୁରୁଷ, ବୃଦ୍ଧାବୃଦ୍ଧଙ୍କ ସମେତ ଛୋଟ ପିଲାମାନେ ପ୍ଲାଟ୍‌ଫର୍ମ ନଂ. ୧ରୁ ୨କୁ ରେଳ ଧାରଣା ମଧ୍ୟ ଦେଇ ଯାଉଥିଲେ । ସେହିଭଳି ବହୁ ଯାତ୍ରୀ ପ୍ଲାଟ୍‌ଫର୍ମ ନଂ. ୧ରେ ୧୨୮୦୭ ଲାଗିବା ପରେ ଉକ୍ତ ଟ୍ରେନ୍‌ରେ ଚଢ଼ି ଅପରପାର୍ଶ୍ୱରେ ଥିବା ୨ନଂ. ରେଳଧାରଣାରେ ଓହ୍ଲାଇ ପ୍ଲାଟ୍‌ଫର୍ମକୁ ଆସୁଥିବା ଦେଖିବାକୁ ମିଳିଥିଲା । ସେଠାରେ ଉପସ୍ଥିତ ଥିବା ଜଣେ ଆର୍‌ପିଏଫ୍ କର୍ମଚାରୀ ଯାତ୍ରୀଙ୍କୁ ମନାକରିବା ସହ ଅଟକାଇ ବୁଝାଇଥିଲେ ମଧ୍ୟ ଯାତ୍ରୀମାନେ ତାଙ୍କ କଥା ନ ଶୁଣି ରେଳ ଧାରଣା ମଧ୍ୟ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ । ଉକ୍ତ ଆର୍‌ପିଏଫ୍ କର୍ମଚାରୀ ଏକାକୀ ସେଠାରେ ରହିଥିବା କାରଣରୁ ଭିଡ଼ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇପଡ଼ିଥିଲେ । ତେବେ ରାୟଗଡ଼ା ଷ୍ଟେଶନ ମ୍ୟାନେଜର ଏଥିପ୍ରତି ଧ୍ୟାନ ନ ଦେଲେ ଷ୍ଟେଶନ ଭିତରେ ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇହେବ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏହା ବ୍ୟତୀତ ସମତା ଟ୍ରେନ୍‌ରେ ଦିବ୍ୟାଙ୍ଗ ପାଇଁ ରହିଥିବା ସ୍ୱତନ୍ତ୍ର କୋଚ୍‌ରେ ସାଧାରଣ ଲୋକେ ଚଢ଼ି ସ୍ଥାନ ଅକ୍ତିଆର କରିଥିବାରୁ ଦିବ୍ୟାଙ୍ଗମାନଙ୍କୁ ବସିବା ପାଇଁ ସ୍ଥାନ ନ ଥିଲା । ଉକ୍ତ କୋଚ୍‌ରେ ଫାଟକ ମୁହଁରେ ବିପଦପୂର୍ଣ୍ଣ ଭାବେ ଯାତ୍ରୀ ବସିଥିବା ଦେଖିବାକୁ ମିଳିଥିଲା । ଏଥିସହ ଟ୍ରେନ୍‌ରେ ଚଢ଼ିବା ପାଇଁ ରହିଥିବା ଯାତ୍ରୀମାନେ ରେଡ୍ ଜୋନ୍‌ରେ ପ୍ଲାଟ୍‌ଫର୍ମର ଅଗ୍ରଭାଗରେ ଛିଡ଼ାହୋଇ ରହିଥିବା ଦେଖିବାକୁ ମିଳିଥିଲା । ବିଶେଷକରି ରାୟଗଡ଼ା ମଝିଘରିଆଣୀ ମନ୍ଦିରକୁ ଦର୍ଶନ ପାଇଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଆସୁଥିବା ବହୁ ଯାତ୍ରୀ ଟ୍ରେନ୍‌ରେ ବୋବିଲି, ପାର୍ବତୀପୁରମ, ଶ୍ରୀକାକୁଲମ ଓ ବିଶାଖାପାଟଣା ଆଦି ସ୍ଥାନକୁ ଯାତ୍ରା କରିଥାନ୍ତି । ରବିବାର ଅଧିକ ସଂଖ୍ୟାରେ ଆସୁଥିବା ଶ୍ରଦ୍ଧାଳୁ ଟ୍ରେନ୍‌ରେ ଚଢ଼ିବା ପାଇଁ ଏଭଳି ତରବରିଆ ପଦକ୍ଷେପ ନେଉଥିବା ଦେଖିବାକୁ ମିଳୁଛି। ତେବେ ଏଥିପ୍ରତି ଷ୍ଟେଶନ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ରାୟଗଡ଼ା ଷ୍ଟେଶନ ମ୍ୟାନେଜର ପରମାନନ୍ଦ ପିଡ଼ିକାଙ୍କୁ ପଚାରିବାରୁ ଯାତ୍ରୀଙ୍କୁ ଯେତେ ସଚେତନ କରାଗଲେ ମଧ୍ୟ ସେମାନେ ମାନୁନାହାନ୍ତି ବୋଲି କହିଛନ୍ତି । ଅନ୍ୟପଟେ ଟ୍ରେସ୍‌ପାସିଂ, ମଦ୍ୟପାନକରି ଆସିବା, ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର କୋଚ୍‌ରେ ଚଢ଼ିବା ଆଦି ଉପରେ ଜରିମାନା ମଧ୍ୟ କରାଯାଉଛି । ତେବେ ଏହି ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ମ୍ୟାନେଜର ପିଡ଼ିକା କହିଛନ୍ତି ।


ଯାତ୍ରୀମାନେ ରେଳଲାଇନ ଉପରେ ବିପଦପୂର୍ଣ୍ଣ ଭାବେ ଟ୍ରେନ୍‌ରେ ଚଢ଼ୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁନା କାରବାରରେ ବଡ଼ ଧରଣର ହ୍ରାସ

**ନୂଆଦିଲ୍ଲୀ,୨୬।୫**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ ରାଜନୈତିକ ଘଟଣାବଳୀର ପ୍ରଭାବ ଯୋଗୁ ବୈଶ୍ୱିକ ବଜାର ସହ ଘରୋଇ ବଜାରରେ ମଧ୍ୟ ସୁନା କାରବାର ବେଶ୍ ପ୍ରଭାବିତ ହୋଇଛି। ଗୋଟିଏ ପଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ୱାଭାବିକ ବାଣିଜ୍ୟ ନୀତି ଓ ନୂତନ ଉଚ୍ଚ ଟାରିଫ ଯୋଗୁ ବିଶ୍ୱ ବଜାରରେ ଆଶାଙ୍କ ଦେଖାଦେବା ସହ ୟୁରୋପିଆନ ୟୁନିୟନ (ଇୟୁ) ସାମଗ୍ରୀ ଉପରେ ମାତ୍ରାଧିକ ଦରବୃଦ୍ଧି ଓ ଅବଧି ସମୟ ଯୋଗୁ ସୁନା କାରବାର



ପ୍ରାୟ ୧% ହ୍ରାସ ଘଟିଛି। ଅପରପକ୍ଷରେ ଦରବୃଦ୍ଧି ଓ ସୁନାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି (ପ୍ରାୟ ୧ ଲକ୍ଷ ଟଙ୍କା) ଯୋଗୁ ଘରୋଇ ସୁନା କାରବାର ମାନ୍ଦା ରହିଥିଲା। ସେହିଭଳି ସୁନାର ଦରବୃଦ୍ଧି ଯୋଗୁ ଉଭୟ ବ୍ୟବସାୟୀ ଓ ଗ୍ରାହକ ଆଶା ଆଶଙ୍କା ମଧ୍ୟରେ ରହିଥିଲାବେଳେ ଚଳିତ ବର୍ଷର ଅକ୍ଷୟ ତୃତୀୟା ଓ ବିବାହ ଋତୁରେ କାରବାର ଆଶାଜନକ ହୋଇ ନ ଥିଲା। ଏପରିକି ଚଳିତ ବର୍ଷର ପ୍ରାରମ୍ଭ ଉଭୟ ସୁନା ଓ ରୁପାର ଦର କ୍ରମାଗତ ଭାବେ ବୃଦ୍ଧି ପାଇ ରେକର୍ଡ ସ୍ତରରେ ପହଞ୍ଚିଛି। ଫଳରେ ବିବାହ,ଶୁଭକାର୍ଯ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ସମୟରେ ମଧ୍ୟ ଗ୍ରାହକ ଆଶାଠାରୁ କମ୍ କ୍ରୟ କରୁଥିଲାବେଳେ ବ୍ୟବସାୟୀମାନେ ମଧ୍ୟ ଆକଳନଠାରୁ କମ୍ କାରବାର କରିଥିବା ଅଳଙ୍କାର ବ୍ୟବସାୟଗୁଡିକ ସୂଚନା ଦେଇଛନ୍ତି।

ସେହିପରି ବର୍ତ୍ତମାନ ଘରୋଇ ବଜାରରେ ସୁନା ଦର ୨୨ କ୍ୟାରେଟ ପ୍ରତି ୧୦ ଗ୍ରାମ ପିଛା ପ୍ରାୟ ୯୦,୦୦୦ (୮୯,୬୫୦ ଟଙ୍କା) ଟଙ୍କା ଥିଲାବେଳେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ପ୍ରାୟ ୯୮,୦୦୦ (୯୭,୭୯୦ ଟଙ୍କା) ଏବଂ ରୁପା କିଲୋଗ୍ରାମ ପିଛା ୧,୦୧,୩୫୦ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ସୁନା ଓ ରୁପା ଦରରେ ସୁଧାର ନ ଆସିଲେ ବ୍ୟବସାୟ ଆହୁରି ପ୍ରଭାବିତ ହେବ ଏବଂ ଆଗାମୀ ପାର୍ବଣ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଦିବସରେ କାରବାର ଆଶାନୁରୂପ ହୋଇ ନ ପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ବଜାରରେ ସେଣ୍ଟ୍ରମର ନୂତନ ଉତ୍ପାଦ



**ଭୁବନେଶ୍ୱର,୨୬।୫**

ସେଣ୍ଟ୍ରମର ନୂତନ ଉତ୍ପାଦ ତଥା ଏନର୍ଜି ଡ୍ରିଙ୍କ୍ ମିକ୍ସ 'ସେଣ୍ଟ୍ରମ ରିଚାର୍ଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଭିନବ ଉତ୍ପାଦକୁ ଦୈନନ୍ଦିନ କାର୍ଯ୍ୟ ସମୟରେ କ୍ଷୟ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍ ଓ ମିନେରାଲଗୁଡିକର ଆବଶ୍ୟକତା ପୂରଣକରିବା ପାଇଁ ଡିଜାଇନ କରାଯାଇଛି। ଏହା ଶାରୀରିକ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଓ ହାଇଡ୍ରେଶନରେ ସହାୟକ ହୋଇଥାଏ। ସେଣ୍ଟ୍ରମ ରିଚାର୍ଜ ଭିଟାମିନ୍ ବି, ଭିଟାମିନ୍ ସି, ମ୍ୟାଗ୍ନେସିୟମ ଓ ଜିଙ୍କ୍ ସମେତ ୧୩ ଟି ଜରୁରୀ ଭିଟାମିନ୍ ଓ ମିନେରାଲ ସହ ପ୍ରସ୍ତୁତ କରାଯାଇଛି। ଏହା ଶରୀରର ଶକ୍ତି ସ୍ତର, ରୋଗ ପ୍ରତିରୋଧକ ଶକ୍ତିକୁ ଉନ୍ନତ ରଖିବାରେ ସହଯୋଗ କରିବା ଓ ହାଇଡ୍ରେଶନ ବଜାୟ ରଖିବା ପାଇଁ ବେଶ୍ ସହାୟକ ହୋଇଥାଏ। ବର୍ତ୍ତମାନ ବଜାରରେ ଉପଲବ୍ଧ ଅଗ୍ରଣୀ ମଲ୍ଟିଭିଟାମିନ ଏନର୍ଜି ଡ୍ରିଙ୍କ୍ ବେଭରେଜ ଆଡିଟିଭ ଓ ମିକ୍ସଗୁଡିକ ତୁଳନାରେ ସେଣ୍ଟ୍ରମ ରିଚାର୍ଜରେ ୨ଗୁଣ ଅଧିକ ଭିଟାମିନ ଓ ମିନେରାଲ ରହିଛି। ଏଥିରେ କୌଣସି ଅତିରିକ୍ତ ଶର୍କରା ଉପଲବ୍ଧ ନାହିଁ, ଯାହା ଏହାକୁ ଉପଭୋକ୍ତାଙ୍କ ପାଇଁ ଏକ ପୋଷଣଯୁକ୍ତ ବିକଳ୍ପରେ ପରିଣତ କରୁଛି। ଏ ସମ୍ପର୍କରେ ହାଲିଅନ ଆଇଏସ୍‌ସିର ଭିଟାମିନ ଆଣ୍ଡ ମିନେରାଲ ସପ୍ଲିମେଣ୍ଟ୍ସ ବିଭାଗର କ୍ୟାଟାଗୋରି ଲିଡ, ଆତିଶ ନେଗି କହିଛନ୍ତି, ଆମେ ସେଣ୍ଟ୍ରମ ଇଣ୍ଡିଆ ପୋର୍ଟଫୋଲିଓରେ ସେଣ୍ଟ୍ରମ ରିଚାର୍ଜକୁ ଅନ୍ତର୍ଭୁକ୍ତ କରି ବେଶ୍ ଉତ୍ସାହିତ ଅଛୁ। ଆମେ ବିଶ୍ୱାସ କରୁଛୁ ଯେ ସେଣ୍ଟ୍ରମ ରିଚାର୍ଜ ଶକ୍ତି ଓ ହାଇଡ୍ରେଶନ ପାଇଁ ଏକ ପୋଷଣଯୁକ୍ତ ସମାଧାନ ପାଇଁ ରହିଥିବା ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହୋଇଛି। ସେଣ୍ଟ୍ରମ ରିଚାର୍ଜ କେବଳ ଏକ ଏନର୍ଜି ଡ୍ରିଙ୍କ୍ ମିକ୍ସ ନୁହେଁ ବରଂ ଏହା ଏକ ବିସ୍ତୃତ ସୁସ୍ଥତା ସମାଧାନ, ଯାହାକୁ ପ୍ରତିଦିନର ଆହାର ସହିତ ଦୀର୍ଘଦିନ ପର୍ଯ୍ୟନ୍ତ ସେବନ କରାଗଲେ ତାହା ଶରୀରର ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଓ ହାଇଡ୍ରେଶନକୁ ସପୋର୍ଟ କରିବା ପାଇଁ ଆବଶ୍ୟକ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। ଏହା ଦୁଇଟି ଭାରିଆଣ୍ଟରେ ପିଲାମାନଙ୍କ ପାଇଁ ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେଉଛି। ଏହି ଶୁଭାରମ୍ଭ ସହ ସେଣ୍ଟ୍ରମ ପକ୍ଷରୁ ଏକ ବିସ୍ତୃତ ମଲ୍ଟିମିଡିଆ କ୍ୟାମ୍ପେନ ଲଞ୍ଚ କରାଯାଇଛି, ଯେଉଁଥିରେ ବଲିଉଡ ଅଭିନେତ୍ରୀ ଏବଂ ବ୍ରାଣ୍ଡ ଆମ୍ବାସାଡର ଅନୁଷ୍କା ଶର୍ମା ଅଭିନୟ କରିଛନ୍ତି। ଏ ନେଇ ଅନୁଷ୍କା କହିଛନ୍ତି, ମୁଁ ସେଣ୍ଟ୍ରମ ପରିବାରର ଏକ ଅଂଶ ହୋଇ ଏବଂ ସେଣ୍ଟ୍ରମ ରିଚାର୍ଜର ପ୍ରତିନିଧିତ୍ୱ କରି ଖୁସି ଅନୁଭବ କରୁଛି। ଏକ ସକ୍ରିୟ ଜୀବନଶୈଳୀ ବଞ୍ଚୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ଶରୀରର ଶକ୍ତି ସ୍ତର ବଜାୟ ରଖିବା ଏବଂ ଜରୁରୀ ପୋଷଣ ତତ୍ତ୍ୱ ଆବଶ୍ୟକତାକୁ ପୂରଣ କରିବାର ମହତ୍ତ୍ୱକୁ ଭଲ ଭାବରେ ବୁଝିଛି।

# ଟିଏନ୍‌ଏମ୍‌ଜିଆର୍‌ଏମ୍‌ୟୁ ସହ ଭିଆଇଟିର ବୁଝାମଣା

**ଭୁବନେଶ୍ୱର,୨୬।୫**

ତାମିଲନାଡୁ ଡକ୍ଟର ଏମ୍.ଜି.ଆର୍.ମେଡିକାଲ ୟୁନିଭର୍ସିଟି (ଟିଏନ୍‌ଏମ୍‌ଜିଆର୍‌ଏମ୍‌ୟୁ) ଏବଂ ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ସ୍ୱାସ୍ଥ୍ୟସେବାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ପ୍ରୟୋଗରେ ସହଯୋଗୀ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ସଂସ୍ଥା ମଧ୍ୟରେ ଏହି ସହଭାଗିତା ହୋଇଛି। ଏହାକୁ ଆନୁଷ୍ଠାନିକ କରିବା ପାଇଁ ଉଭୟଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଯେଉଁଥିରେ ଶିକ୍ଷାଦାନ କ୍ଷେତ୍ରରେ ସହଯୋଗ, ମିଳିତ ଗବେଷଣା, ସାମାଜିକ ସଚେତନ ଉତ୍ପାଦ ଡିଜାଇନ ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଆଦି ଅନ୍ତର୍ଭୁକ୍ତ ରହିଛି। ଭିଆଇଟିର ଉପସଭାପତି ଡ. ଜି.ଭି.ସେଲ୍‌ଭାମ ଏବଂ ଟିଏନ୍‌ଏମ୍‌ଜିଆର୍‌ଏମ୍‌ୟୁର କୁଳପତି ଡ. କେ. ନାରାୟଣ ସ୍ୱାମୀଙ୍କ ମଧ୍ୟରେ ଏହି ଏମ୍‌ଓୟୁ


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ସ୍ୱାକ୍ଷର ହୋଇଥିଲା। ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଡ. ଟି. ତ୍ୟାଗରାଜନ, ଡ. ଏସ୍.ପି. ତ୍ୟାଗରାଜନ ଏବଂ କେ. ଶିବସଙ୍ଗୀତା ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଡ. ଜି.ଭି ସେଲ୍‌ଭାମ କହିଛନ୍ତି,ଏହି ସହଭାଗିତା ଦେଶର ବିକାଶମୂଳକ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ସହ ଉଚ୍ଚଶିକ୍ଷା ଏବଂ ଗବେଷଣାକୁ ସମନ୍ୱିତ କରିବା ପାଇଁ ଭିଆଇଟିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଭବିଷ୍ୟତ ପାଇଁ ପ୍ରସ୍ତୁତ ସ୍ୱାସ୍ଥ୍ୟସେବା ପାଇଁ ସ୍ମାର୍ଟ ଏବଂ ଅଧିକ ସୁଲଭ ଉଦ୍ଭାବନକୁ ପରିଚାଳନା କରିବା ଦ୍ୱାରା ଇଞ୍ଜିନିୟରିଂ ଏବଂ ଚିକିତ୍ସା ଗବେଷଣାର ସେତୁବନ୍ଧ ଅତ୍ୟାବଶ୍ୟକ ରହିଛି। ଡ. କେ. ନାରାୟଣସାମୀ ଉଚ୍ଚମାନର, ସୁଲଭ ଚିକିତ୍ସା ପ୍ରଦାନ କରିବା ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟସେବା ସହିତ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ବେଦାନ୍ତ ଆଲୁମିନିୟମର ମେଗା ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୨୬।୫(ଅଭୟ ଦାଶ)**

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ମେଗା ସ୍ୱାସ୍ଥ୍ୟ ଶିବିର ନିକଟରେ ସୁନ୍ଦରଗଡ଼ ଜିଲାର ହେମଗିର ବ୍ଲକ୍‌ର ମୁଣ୍ଡେରଖେତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଜରିଆରେ ସମ୍ପୃକ୍ତ ଅଞ୍ଚଳର ୨୦୦ରୁ ଅଧିକ ଲୋକ(ହିତାଧିକାରୀ) ଉପକୃତ ହୋଇଥିଲେ। ଏପରିକି ବେଦାନ୍ତ ଦ୍ୱାରା ମୁଣ୍ଡେରଖେତ, ଝାରପାଲମ, ଗର୍ଜନଜୋର ଏବଂ ନିକଟସ୍ଥ ଗ୍ରାମ ପଞ୍ଚାୟତକୁ ସାମିଲକରି ଗ୍ରାମୀଣ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ନିରନ୍ତର ପ୍ରୟାସର ଏକ ଅଂଶ ଭାବେ ଏହି ପଦକ୍ଷେପ ନିଆଯାଇଥିଲା। ସେହିଭଳି ହେମଗିରର ମୁଣ୍ଡେରଖେତ ପଞ୍ଚାୟତ ସରପଞ୍ଚ ସନ୍ନ୍ୟାସୀ ବାଗଙ୍କ ଉପସ୍ଥିତିରେ ହେମଗିର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶେଷକରି କମ୍ପାନୀର ଏହିପଦକ୍ଷେପ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ମାଗଣା ସ୍ୱାସ୍ଥ୍ୟସେବାର ଏକ ପରିସର ପ୍ରଦାନ କରିଥିଲା । ସେଥିରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀରୋଗ, ଶିଶୁରୋଗ, ଚର୍ମରୋଗ, ଇଏନ୍‌ଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସହ ମାଗଣା ଔଷଧ ବଣ୍ଟନ, ସ୍ୱତନ୍ତ୍ର ପରାମର୍ଶ ଏବଂ ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ଏହାସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ଏବଂ ଦୀର୍ଘକାଳୀନ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିସାର ଏବଂ ରୋଗ ନିବାରଣ ଉପରେ ସଚେତନତା ଅଧିବେଶନ କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସମସ୍ତଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାର ମୌଳିକ ଗୁରୁତ୍ୱକୁ ସ୍ୱୀକାର କରୁଛୁ। ଏପରି ମେଗା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଆମେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼କରିବା ଏବଂ ଆମ ଗୋଷ୍ଠୀ କଲ୍ୟାଣ ଉପରେ ଏକ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଛୁ। ଜିଲା ପ୍ରଶାସନ ସହ ସହଭାଗୀ ହୋଇ ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ, ସେହି ଅଞ୍ଚଳର ଲୋକଙ୍କ ଜୀବନକୁ ଯଥେଷ୍ଟ ଉନ୍ନତ କରିବା ପାଇଁ ଆମେ ଏପରି ଅଧିକରୁ ଅଧିକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ଜାରି ରଖିବୁ।

# ଓଡ଼ିଶାରେ ଏଲ୍‌ପିୟୁ ଶିକ୍ଷକ ସମ୍ମାନ ଅନୁଦାନର ଶୁଭାରମ୍ଭ

**ଭୁବନେଶ୍ୱର,୨୬।୫**

ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ୨୯ ତମ ଶିକ୍ଷା ସମ୍ମିଳନୀ 'ଏଲ୍‌ପିୟୁ ଏଜୁକେଟର୍ସ କନ୍‌କ୍ଲେଭ-୨୦୨୫' ରବିବାର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି।


ଶିକ୍ଷକ ସମ୍ମାନ ଅନୁଦାନର ଶୁଭାରମ୍ଭ ଅବସରରେ ଏଲ୍‌ପିୟୁର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏହି ଅବସରରେ ରୟାଲ କଲେଜର ଉପାଧ୍ୟକ୍ଷ ମିଲନ ମହାନ୍ତି, କ୍ୟାରିୟର ମ୍ୟାପ୍‌ର ନିର୍ଦ୍ଦେଶକ ଯଶୋବନ୍ତ ସିଙ୍ଘାଲ, ଏଲ୍‌ପିୟୁର ଡେପୁଟି ଡିନ୍ ନୀତିନ୍ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ଶିକ୍ଷା ଓ ଶୈକ୍ଷିକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

ଏହି ପରିପ୍ରେକ୍ଷୀରେ ଏଲ୍‌ପିୟୁର ସ୍ୱତନ୍ତ୍ର ଶିକ୍ଷାବୃତ୍ତି 'ଏଲ୍‌ପିୟୁ ଶିକ୍ଷକ ସମ୍ମାନ ଅନୁଦାନ'ର ଶୁଭାରମ୍ଭ କରାଯାଇଛି।

ଏ ସମ୍ପର୍କରେ ଏଲ୍‌ପିୟୁର ସିଏଚ୍ ପି.କେ. ମିଶ୍ରା କହିଥିଲେ, ଆମେ ଆମର ୨୭ତମ ଶିକ୍ଷା ସମ୍ମିଳନୀ ଭୁବନେଶ୍ୱରରେ ଆୟୋଜନକରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ପୂର୍ବଭାରତରେ ଭୁବନେଶ୍ୱର ଶିକ୍ଷାର ଏକ ପ୍ରମୁଖ ପେଣ୍ଠସ୍ଥଳୀ ହୋଇଥିଲାବେଳେ ସମ୍ପୃକ୍ତ ଅଞ୍ଚଳରେ ଚାହିଦା ମୁତାବକ ଶିକ୍ଷା ଓ ଶୈକ୍ଷିକ ବାତାବରଣ ସହ ଆବଶ୍ୟକ ଭିତ୍ତିଭୂମିର ବ୍ୟାପକ ଅଭାବ ଯୋଗୁ ଏଲ୍‌ପିୟୁ ସବୁ ବର୍ଗର ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ପାଲଟିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ଏଲ୍‌ପିୟୁରେ ୧୦+୨ ପରବର୍ତ୍ତୀ ଶିକ୍ଷା ପାଇଁ ସମସ୍ତ ପ୍ରକାର ପାଠ୍ୟକ୍ରମ୍ୟ ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ଏହି ଅଞ୍ଚଳର ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ସାଙ୍ଗକୁ ନିଯୁକ୍ତିଭିତ୍ତିକ ଓ ଚାହିଦା ମୁତାବକ ଶିକ୍ଷା ପାଇଁ ଏଲ୍‌ପିୟୁକୁ ପସନ୍ଦ କରୁଥିବା କୁହାଯାଇଛି। ଏପରିକି ଦୀର୍ଘ ବର୍ଷ ହେବ ଛାତ୍ରୀଛାତ୍ରଙ୍କ ଚାହିଦା ଓ ଆବଶ୍ୟକତା ଅନୁଯାୟୀ ଶିକ୍ଷା ପ୍ରଦାନ ସହ କ୍ୟାମ୍ପସରେ ଭିତ୍ତିଭୂମି ଓ ପରିବେଶ ପ୍ରସ୍ତୁତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଏଲ୍‌ପିୟୁର ଟେରିଟୋରି ହେଡ୍ ନିଶାନ ସାହୁ, ଆଞ୍ଚଳିକ ମୁଖ୍ୟ ଦୀପକ ମାହୁତ ଏବଂ ବରିଷ୍ଠ ଅଧିକାରୀ ସତ୍ୟନାରାୟଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୨୬।୫**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୫୫.୩୭ ପଏଣ୍ଟ ବୃଦ୍ଧି ଘଟି ୮୨,୧୭୬.୪୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୪୮.୦୦ ପଏଣ୍ଟ ବଢ଼ି ୨୫,୦୦୧.୧୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## Classified Everyday
0674-2580101, 9692975378


REAL ESTATE

**SALE**

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

ନଖରାଛକରୁ 6K.M. ବ୍ରାହ୍ମଣଝରିଲୋରେ ଘରବାରି boundary plot sale, 1500sqft. 30,00,000/-. 7978947520. D-76272

3BHK Flats at 99 Lakhs near 200ft road at Sundarpur Patia for early buyers. Contact: 9437095996, 8018461579. D-76827

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

Stithiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883. D-76270

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Relax, Refresh your body, Mind at Saikrupa Spa with best therapies. 7848011468. D-568

Positively health benefits spa expert female therapist homely atmosphere. 9114559860. D-542

## AFFIDAVIT

By virtue of an affidavit sworn before the Executive Magistrate, Tahasildar, Boudh, No. 866 date 23.05.25, I, Purushotam Danayak, formerly called Purastam Danayak, R/o. Village-Kantha, P.O.- Ainalapali, P.S.- Baunsuni, Dist.- Boudh, Odisha, PIN-762015 declare that I have changed my name from Purastam Danayak to Purushotam Danayak for all purposes.
Purushotam Danayak
D-705

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated 27.03.2025, I, Kunupili Buja, Address: S/o- Kunupili Gouri, At/ P.O.- Narayanpatna, P.S.- Narayanpatna, District.- Koraput, Odisha, PIN- 764014 declare that I have changed my name from Kunipili Buja to Kunupili Buja. Henceforth, I shall be known as Kunupili Buja for all purposes.
(Kunupili Buja)
D-702

I, Dhoba Pradhan, S/o- Ghanashyam Pradhan, residing at- Majhiakhanda, Dist.- Nayagarh, Odisha, 752092 have changed my name and I shall here after be known as Soumyajeet Pradhan.
D-706

By virtue of an affidavit sworn before the Executive Magistrate, Nayagarh, CF No.- 10/2, dated- 22.05.2025, I, Sri Krushna Chandra Dakua, S/o- Pramod Dakua, Resident of Village At/P.O.- Malisar, P.S.- Nuagaon, Dist.- Nayagarh, Odisha, PIN- 752094 declare that I have changed my name from Krushna Chandra Dakua to Sri Krushna Chandra Dakua. Henceforth, I shall be known as Sri Krushna Chandra Dakua for all purposes.
Sd/.- Sri Krushna Chandra Dakua
D-709

By virtue of an affidavit sworn before Executive Magistrate, Bhubaneswar, dated 27.03.2025, I, Suresh Palei, Address: S/o- Bhadra Palei, At- Sanua, P.O.- Patmunda, P.S.- Koida, Dist.- Sundergarh, Odisha, PIN- 770048 declare that I have changed the name of my daughter from Barsha Palei to Rinky Palei. Henceforth, she shall be known as Rinky Palei for all purposes.
(Suresh Palei)
D-703

By virtue of an affidavit sworn before Executive Magistrate, Anandapur, dt- 03.04.2025, I, Subrat Nath, At/ P.O.- Fakirpur, Dist.- Keonjhar, I have changed my son name from Subham Nath to Subhankar Nath. Henceforth, he shall be known as Subhankar Nath for all purposes.
Subrat Nath
D-701

By virtue of an affidavit sworn before Executive Magistrate, Gunupur, dated- 13.05.2025, Vide No.- 191, my daughter's correct name is BISHNUPRIYA PIRIPAKA, D/o- Hari Piripaka instead of Vishnupriya Piripaka, Vill- Bada Achaba, P.O.- Panasaguda, P.S.- Gunupur, Dist.- Rayagada (Odisha). Henceforth, my daughter shall be known as Bishnupriya Piripaka for all purpose.
D-707

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଭୋଳାନାଥ ନାୟକ
Retired Officer in Change, SAIL, Rourkela
137/1885, Vishnu Vihar, Jaipur, Bhubaneswar
ଆବିର୍ଭାବ: ୨୫।୧୧।୧୯୫୧
ତିରୋଧାନ: ୧୭।୦୫।୨୦୨୫
ଆଜିର ଏହି ଏକାଦଶାହରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
—:ଶୋକସନ୍ତପ୍ତ:—
ସହଧର୍ମିଣୀ- ହେମପ୍ରଭା ନାୟକ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ତଥା ନାୟକ ପରିବାରବର୍ଗ।
ଧ-708

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରହ୍ଲାଦ ନାୟକ
(Uco Bank, Puri)
ଆବିର୍ଭାବ: ୦୪।୦୩।୧୯୫୪
ତିରୋଧାନ: ୦୯।୦୬।୨୦୧୩
(ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦା)
ବାରବର୍ଷ ବିତିଗଲାଣି, ତଥାପି ଆଖି ଆଗରେ ସ୍ମୃତି ସବୁ ଜୀବନ୍ତ ହୋଇକି ଅଛି। ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ତୁମ ଉପସ୍ଥିତିକୁ ଅନୁଭବ କରିପାରୁଛୁ। ତୁମେ ଯୋଉଠି ବି ଅଛ ତମ ପରିବାରକୁ ଆଶୀର୍ବାଦ କରୁଥାଅ ବାପା।
ବନ୍ଧୁ ଓ ପରିବାରବର୍ଗ।
ଧ-୬୧୯୭୧

## ସଂକ୍ଷେପରେ

### ଅନୁପ୍ରବେଶକାରୀ ସନ୍ଦେହ ଗ୍ରାମବାସୀଙ୍କ ଅଭିଯୋଗ ପରେ ୪ଜଣଙ୍କୁ ଅଟକ ରଖିଛି ପୋଲିସ

ମାଲକାନଗିରି,୨୬।୫ (ନୃସିଂହ ଚରଣ ମହାନ୍ତି)

ସାରା ଦେଶରେ ଏବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଉଥିବା ବେଳେ ମାଲକାନଗିରି ଜିଲାରେ ମଧ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ମାଲକାନଗିରି ଜିଲା ଏମ୍‌ଭି–୪ ଗାଁର ଏକ ଘରେ କେତେଜଣ ଅଜଣା ଲୋକ ବେଶ୍ କିଛି ମାସ ଧରି ରହିଥିବା ବେଳେ ଏମାନେ ଅନେକ ଅସାମାଜିକ କାମରେ ଲିପ୍ତ ରହିଥିବା ଜଣାପଡିଛି। ଏମାନେ ଭାରତୀୟ ନାଗରିକ ହୋଇ ନ ଥିବା ଗାଁ ଲୋକେ ସନ୍ଦେହ କରିଥିଲେ। ଏହି ଯୁବକମାନଙ୍କୁ ଗାଁ ଲୋକେ ପରିଚୟପତ୍ର ମାଗିଥିବା ବେଳେ ବାରମ୍ବାର ନିଜର ବୟାନ ବଦଳାଇବା ଯୋଗୁ ଏମାନେ ବାଂଲାଦେଶୀ ଅନୁପ୍ରବେଶକାରୀ ହୋଇଥିବା ସନ୍ଦେହକରି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ। ମାଲକାନଗିରି ଆଦର୍ଶ ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଏମ୍‌ଭି–୪ ଗାଁରେ ପହଞ୍ଚି ୪ଜଣ ଯୁବକଙ୍କୁ ପଚରା ଉଚରା କରିବା ପରେ ଥାନାରେ ଅଟକ ରଖିଛି। ତଦନ୍ତ ପରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି ।

### ସୈନ୍ୟବାହିନୀକୁ ଉତ୍ସାହିତ କରିବାକୁ ଶୋଭାଯାତ୍ରା

ନନ୍ଦପୁର,୨୬।୫(ତୁଷାରକାନ୍ତ ମହାନ୍ତି)

ଅପରେଶନ ସିନ୍ଦୂରରେ ଭାରତୀୟ ସୈନ୍ୟବାହିନୀର ପରାକ୍ରମ ଓ ସାହସିକତାକୁ ଉତ୍ସାହିତ କରିବାକୁ ନନ୍ଦପୁର ବ୍ଲକ୍ ଅଞ୍ଚଳରେ ଯୁବଗୋଷ୍ଠୀ ଓ ଲୋକ ପ୍ରତିନିଧି ମିଳିତ ଭାବେ ରବିବାର ବାଇକ୍ ଶୋଭାଯାତ୍ରା କରିଛନ୍ତି। ଶୋଭାଯାତ୍ରା ପାଛଲୁଙ୍ଗ ପଞ୍ଚାୟତର ଶୋଭାପୁଟରୁ ଆରମ୍ଭହୋଇ ଭେଜା ପଞ୍ଚାୟତର ହାଣ୍ଡିପୁଟ ଜଙ୍କସନରେ ଶେଷ ହୋଇଥିଲା। ଏଥିରେ ପାଛଲୁଙ୍ଗ, ଗୋଲୁର, କୁଲାରସିଂ, ପରଜା ବଡପଡ଼ା, ପାଡୁଆ, କୁଲାବିର, ବାଲଡ଼ା ଓ ଭେଜା ପଞ୍ଚାୟତର ଶତାଧିକ ବାଇକ୍ ଆରୋହୀ ଓ ପାଡୁଆ ପୋଲିସ ଟିମ୍ ସାମିଲ ଥିଲେ। ତ୍ରିରଙ୍ଗା ପତାକା ସହ ଭାରତୀୟ ସେନାର ଜୟଗାନ ନାରାରେ ରାସ୍ତା ଓ ସହର ପ୍ରକମ୍ପିତ ହୋଇଥିଲା। ଆକାଶ ଖିଲ, କାମେଶ କାମୁଡି, ରାଜକିଶୋର ନାୟକ, ରବି ରାମସିଂ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

### ବାଘ୍ରା ଆକ୍ରମଣରେ ଜଣେ ଆହତ

ଆସିକା,୨୬।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଉପକଣ୍ଠ ବରଗାଁ ଗ୍ରାମରେ ସୋମବାର ସକାଳେ ବାଘ୍ରା ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ସେହି ଗ୍ରାମର ସୁରେନ୍ଦ୍ର ନାଥ ବେହେରା । ଚିକିତ୍ସା ଲାଗି ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୁରେନ୍ଦ୍ର ଅନ୍ୟ ଦୁଇ ସହଯୋଗୀଙ୍କ ସହ ଗ୍ରାମ ନିକଟ ବଡନଦୀ ହିଡରେ ଥିବା ଏକ ଗ୍ୟାରେଜ ବାରଣ୍ଡାରେ ବସିଥିଲା ବେଳେ ବାଘ୍ରା ଆସି ହଠାତ୍ ଆକ୍ରମଣ କରିଥିଲା । ଅନ୍ୟମାନେ ପ୍ରାଣ ବିକଳରେ ଦୌଡି ଚାଲିଯାଇଥିବା ବେଳେ ସୁରେନ୍ଦ୍ର ଆହତ ହୋଇଥିଲେ। ଗ୍ରାମ ଉପକଣ୍ଠରେ ଯାଇଥିବା ବଡନଦୀ ଓ ଋଷିକୂଲ୍ୟା ବାଲୁକା ଶଯ୍ୟା କାଶତଣ୍ଡି ଲଟା ବୁଦାରେ ପରିପୂର୍ଣ୍ଣ ହୋଇଥିବାରୁ ସାପ ଓ ହିଂସ୍ର ଜନ୍ତୁଙ୍କ ଲାଗି ଏହା ଆଶ୍ରୟସ୍ଥଳି ପାଲଟିଛି । ବାଘ୍ରା ଆକ୍ରମଣ ଘଟଣା ପରେ ବରଗାଁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ନାମ ପରିବର୍ତ୍ତନ ନ କରିବାକୁ ବିଧାୟକଙ୍କ ଦାବିପତ୍ର

ମାଲକାନଗିରି,୨୬।୫(ଦୁର୍ଯ୍ୟୋଧନ ପାତ୍ର)



ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଲଳିତ ମାଡକାମି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ମାଲକାନଗିରି ଜିଲାରେ ବାସ କରୁଥିବା ବେଙ୍ଗଲୀ ସମ୍ପ୍ରଦାୟଙ୍କ ଗ୍ରାମଗୁଡ଼ିକର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରତିବାଦକରି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଦଣ୍ଡକାରଣ୍ୟ ଲିବରେଶନ ଅର୍ଗାନାଇଜେଶନ ସଭାପତି ଲଳିତ ମାଡକାମି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ରବିବାର ଦାବିପତ୍ର ପ୍ରଦାନ କରିଛନ୍ତି।

୨୨୦ ଏମ୍‌ଭି ଓ ଏମ୍‌ପିଭି ଗ୍ରାମଗୁଡିକର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ନିମନ୍ତେ ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା ବସି ଏହି ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଯାହାକୁ ମାଲକାନଗିରିର ଆଦିବାସୀ ସମାଜ ମହାସଂଘ ସହ ୧୪ ଆଦିବାସୀ ସଂଘ ବିରୋଧ କରିଛନ୍ତି। ଅନ୍ୟପକ୍ଷରେ ଆର୍ଟିକଲ ୨୪୪, ଧାରା ୫ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ

**ଏମ୍‌ଭି, ଏମ୍‌ପିଭି ଗ୍ରାମ**

ଗ୍ରାମଗୁଡିକୁ ସ୍ୱତନ୍ତ୍ର ଭାବେ ରାଜ୍ୟପାଳଙ୍କ ଆଦେଶ ମୁତାବକ ଧାର୍ଯ୍ୟ ହୋଇଥିବା ବେଳେ ଏହାକୁ ପରିବର୍ତ୍ତନ କରିବାର କୌଣସି ନିୟମ ନାହିଁ। ତେଣୁ ଜିଲାରେ ଏଥି ନିମନ୍ତେ ହେବାକୁ ଥିବା ଗ୍ରାମସଭାକୁ ବନ୍ଦ କରାଯାଉ। ୨୨୦ ବେଙ୍ଗଲୀ ଗାଁ ମଧ୍ୟରୁ ୧୩୬ ଏମ୍‌ଭି (ମାଲକାନଗିରି ଭିଲେଜ) ଗ୍ରାମ ଓ ୮୪ ଏମ୍‌ପିଭି (ମାଲକାନଗିରି ପୋଟେରୁ ଭିଲେଜ) ରହିଛି। ଏହି ସମସ୍ତ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଓ ନାମ ପରିବର୍ତ୍ତନକୁ ସମସ୍ତ ଆଦିବାସୀ ସଂଘ ଖଣ୍ଡନ କରିବା ସହ ଗ୍ରାମସଭାକୁ ବନ୍ଦ କରିବା ପାଇଁ ଅନୁରୋଧ କରିଛନ୍ତି।

# ସୋମନାଥପୁରରେ ତ୍ରିରଙ୍ଗା ଶୋଭାଯାତ୍ରା




ସୋମନାଥପୁର ପଞ୍ଚାୟତରେ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା ।

କୋରୁକୋଣ୍ଡା, ୨୬।୫(ଶିବଦତ୍ତ ସାହୁ )

ଏପ୍ରିଲ ୨୨ ତାରିଖରେ ଜମ୍ମୁ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ ମେ ୭ରେ 'ଅପରେଶନ ସିନ୍ଦୂର' ଆରମ୍ଭ ହୋଇଥିଲା। ସେନାର ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ସୋମବାର କୋରୁକୋଣ୍ଡା ବ୍ଲକ୍ ସୋମନାଥପୁର ପଞ୍ଚାୟତ ବିଭିନ୍ନ ଗ୍ରାମରେ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ସୋମନାଥପୁର ସରପଞ୍ଚ ରାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନକରି ରାଲିର ଶୁଭାରମ୍ଭ କରିଥିଲେ। ଭାରତମାତା କୀ ଜୟ, ବନ୍ଦେ ମାତରମ ଧ୍ୱନିରେ ପଞ୍ଚାୟତର ବିଭିନ୍ନ ଗ୍ରାମ ପ୍ରକମ୍ପିତ ହୋଇଥିଲା। ହାତୀଆମ୍ବ, ପିଲାକୁସୁମୀ, ସୋମନାଥପୁର, ଗୋପାଳପୁର, ମହେଶ୍ୱରପୁର, ଆପନମାଲା, ଏମ୍‌ଭି –୩୮, ଏମ୍‌ଭି–୩୬ ଏବଂ ଅନ୍ୟାନ୍ୟ ଗ୍ରାମର ପ୍ରାୟ ଶତାଧିକ ଲୋକ ଏହି ବାଇକ୍ ରାଲିରେ ଯୋଗଦେଇଥିଲେ। ସକାଳ ୯ ଟାରେ ରାଲି ସୋମନାଥପୁର ଗ୍ରାମ ମନ୍ଦିରରୁ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ତାର୍ଲାକୋଟା ବଜାରରେ ପହଞ୍ଚିଥିଲା। ଦେଶବାସୀଙ୍କ ସୁରକ୍ଷା, ଏକତା ଏବଂ ସାର୍ବଭୌମତ୍ୱ ପ୍ରତି ରହିଥିବା ପ୍ରତିବଦ୍ଧତାର ପରିମାଣ ଅପରେଶନ ସିନ୍ଦୂର। ଅନ୍ୟମାନଙ୍କ ମଧରେ ହାତୀଆମ୍ବ ସ୍କୁଲ ପ୍ରଧାନ ଶିକ୍ଷକ ଆନନ୍ଦ ମଣ୍ଡଳ, ଶିକ୍ଷକ କୃଷ୍ଣକାନ୍ତ ସର୍ଦ୍ଦାର, ଦୀପକ ହାଲ୍‌ଦାର, ଜଗନ୍ନାଥ ବୋରୀ, ଅରୁଣ ସାହା, ବିଶ୍ୱେଶ୍ୱର ଦାସ, ଲକ୍ଷ୍ମଣ ମୁଦୁଲି,ଗଣେଶ ସୀସା,ବନମାଳୀ ଚାଲାଣ ଓ ରବି ମାଝୀଙ୍କ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ଗ୍ରାମବାସୀ ଏହି ରାଲିରେ ଭାଗନେଇଥିଲେ ।

# ଦକ୍ଷତା ବୃଦ୍ଧି ଶିବିର



ତାଲିମରେ ଭାଗ ନେଇଥିବା ଶିକ୍ଷାର୍ଥୀ ।

ମାଲକାନଗିରି, ୨୬।୫(ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ଶ୍ରମଜୀବୀ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ ଓ ଆତ୍ମଶକ୍ତି ଟ୍ରଷ୍ଟ ଏହାର ୧୭ ଜିଲାର ସଦସ୍ୟ ସଙ୍ଗଠନ ମିଶି ପ୍ରାଥମିକ ସ୍ତରରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀ ପିଲାମାନଙ୍କ ପାଇଁ ଏକ ଗ୍ରୀଷ୍ମକାଳୀନ ଶିବିର ବା କମାଲ କା କ୍ୟାମ୍ପ ସୋମବାର ଆରମ୍ଭ କରିଛି। ଗ୍ରୀଷ୍ମ ଛୁଟିରେ ବିଦ୍ୟାଳୟ ବନ୍ଦ ଥିବାରୁ ପିଲାମାନେ ଖେଳାଖେଳିକରି ପାଠପଢ଼ାରୁ ଦୂରରେ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରତି ଗ୍ରାମରେ ଏହି ଶିବିର ଆରମ୍ଭ କରାଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପିଲାମାନଙ୍କ ଶ୍ରେଣୀର ସ୍ତର ଅନୁଯାୟୀ ପଠନ, ଲିଖନ ଓ ମୌଳିକ ଗଣିତ ଦକ୍ଷତାକୁ ଦୃଢ଼ କରିବା। ଲେଖିବା, ଅକ୍ଷର ଚିହ୍ନିବା ଓ ପଢ଼ିବାରେ ପିଲାମାନଙ୍କ ଭିତରେ ତାରତମ୍ୟ ଦେଖାଦେଉଛି। ଚତୁର୍ଥ ଶ୍ରେଣୀ ପିଲା ତା'ର ପୂର୍ବ ଅର୍ଥାତ୍ ତୃତୀୟ ଶ୍ରେଣୀ ପାଠ ପଢ଼ିବା ପାଇଁ ସକ୍ଷମ ନୁହେଁ। ଏହି ଶିକ୍ଷାର ବ୍ୟବଧାନ ଦୂରକରିବା ପାଇଁ ସଙ୍ଗଠନ ତରଫରୁ ଏହି ଶିବିର ଆୟୋଜନ କରାଯାଇଛି।

ମାଲକାନଗିରି ଜିଲା ମହିଳା ଶ୍ରମଜୀବୀ ଓ ଶ୍ରମଜୀବୀ ସଂଗଠନ ୭ ବ୍ଲକ୍‌ରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମରେ ସ୍ୱେଚ୍ଛାସେବୀଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ କରିଛି। ଏହାସହ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇ ସେମାନଙ୍କର ପଞ୍ଜୀକରଣ କରିବା ସହ ମ୍ୟାପିଂ ପ୍ରୋଫାଇଲ ମଧ କରାଯାଉଛି। ଶିବିରଗୁଡ଼ିକ ୬ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସପ୍ତାହରେ ଅଲଗା ଅଲଗା ପାଠ୍ୟକ୍ରମ ରହିଛି ବୋଲି ସଙ୍ଗଠନ କର୍ମକର୍ତ୍ତା ବଟକୃଷ୍ଣ ସାହୁ କହିଛନ୍ତି। ଶିବିର ପରିଚାଳନା ଓ ତାଲିମ ପାଇଁ ରାମ ବଡ଼ନାୟକ, ମହନ୍ତ ହନ୍ତାଳ, ତ୍ରିନାଥ ବଡ଼ନାୟକ, ଚିତ୍ତରଞ୍ଜନ ସାହୁ, ମୁକୁନ୍ଦ ମାଡକାମି, ଗୋବର୍ଦ୍ଧନ ପାଙ୍ଗୀ, ରାମପଦ ପ୍ରଧାନ, ଗଣପତି ଖିଲ ଓ ଡମ୍ବରୁଧର ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

### ଜୁନ୍ ୫ରେ ଖୋଲିବ ରବି ମଣ୍ଡି

ଜୟପୁର,୨୬।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲାରେ ଜୁନ ୫ରେ ରବିମଣ୍ଡି ଖୋଲିବା ନେଇ ଜିଲାପାଳ ଚିଠି ମାଧ୍ୟମରେ ସୋମବାର ଜଣାଇଛନ୍ତି। ମେ ୨୫ରେ ରବି ମଣ୍ଡି ଖୋଲିବା ନେଇ ଜିଲା ପ୍ରକ୍ୟୁରମେଣ୍ଟ ବୈଠକରେ ଦିନ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଲଘୁଚାପ ଜନିତ ବର୍ଷା, ଧାନ ଅମଳ ସମ୍ପର୍କରେ କୃଷି ବିଭାଗର ରିପୋର୍ଟକୁ ଦୃଷ୍ଟିରେ ରଖି ରବି ମଣ୍ଡିକୁ ଜୁନ ୫କୁ ସ୍ଥାନାନ୍ତର କରାଯାଇଛି। ଏହି ସମୟରେ କୁନ୍ଦୁରା ବ୍ଲକରେ ଧାନ ଅମଳ ହୋଇଥିବା ଆକଳନ କରାଯାଉଥିଲା। ସେହି ଅନୁସାରେ କୁନ୍ଦୁର ବ୍ଲକ୍‌ରେ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ମଧ ରହିଥିଲା। ସେହି ବ୍ଲକ୍‌ରେ ମାତ୍ର ୨୦ ପ୍ରତିଶତ ଧାନ ଅମଳ ହୋଇଥିବା କୃଷି ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଆଗାମୀ ୨ ଦିନ ବର୍ଷା ହେବା ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ରବିମଣ୍ଡି ଆରମ୍ଭ କାର୍ଯ୍ୟକ୍ରମକୁ ପରିବର୍ତ୍ତନ କରାଯାଇଛି। ୨ଦିନରେ ଧାନ ଅମଳ ରିପୋର୍ଟକୁ ଦେଖି ମଣ୍ଡି ଆରମ୍ଭ ହେବ। ସୂଚନା ଅନୁଯାୟୀ, ବୈଠକରେ ମେ ୨୫ରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲେ ସୁଦ୍ଧା ମିଲରଙ୍କ ସହ ଯୋଗାଣ ବିଭାଗର ଚୁକ୍ତି ହୋଇନାହିଁ। ଜିଲାର ମିଲର୍ସ ଭାଗ ନେବେ ନାହିଁ ବୋଲି ଜଣାଇବା ପରେ ବଲାଙ୍ଗୀର ସହ ଅନ୍ୟ ଜିଲାର ମିଲର ଏଠାକାର ମଣ୍ଡିରୁ ଧାନ ଉଠାଇବେ। କେଉଁ କେଉଁ ମିଲର ଧାନ ଉଠାଇବେ ତାହାର ତାଲିକା ପ୍ରସ୍ତୁତ ହୋଇନଥିବା ଜଣାପଡିଛି। ମିଲର ଏବଂ କ୍ରୟକାରୀ ସଂସ୍ଥା କେତେ ଧାନ ଉଠାଇବେ ଏହାର ଟାର୍ଗେଟ ମିଳିନି। ଚାଷୀଙ୍କ ପାଖକୁ ଟୋକେନ ଆସି ନ ଥିବାରୁ ମଣ୍ଡି ଘୁଞ୍ଚାଯାଇଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି।

# ଜିଲା ଆଦିବାସୀ ସମାଜ ମହାସଂଘ ସ୍ଥାନ ଶୁଭାରମ୍ଭ



ମହାସଂଘ ପକ୍ଷରୁ ସ୍ଥାନ ଚିହ୍ନଟର ଶୁଭାରମ୍ଭ କରୁଛନ୍ତି ।

ମାଲକାନଗିରି, ୨୬।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ ସିଆଡିମାଲରେ ଜିଲା ଆଦିବାସୀ ସମାଜ ମହାସଂଘ ନିମନ୍ତେ ଜାଗା ଚିହ୍ନଟ ପ୍ରକ୍ରିୟା କରାଯାଇଛି । ଏହି ଜାଗାକୁ ଜିଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି ଓ ବରିଷ୍ଠ ନେତା ଦୁର୍ଗ ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ସୋମବାର ଶୁଭ ଦିଆଯାଇଥିଲା। ଏହି ମହାସଂଘ ସହ ୧୪ ଆଦିବାସୀ ସମାଜ ନିମନ୍ତେ ଏହି ସ୍ଥଳ ନିରୂପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିଏସ୍‌ଟି କ୍ରିୟାନୁଷ୍ଠାନ କମିଟି ସଭାପତି ଜାରାଶବର ମାଢି, ବୁଦ୍ରା କାର୍ତ୍ତାମୀ, ଦଣ୍ଡକାରଣ୍ୟ ଲିବରେଶନ ଅର୍ଗାନାଇଜେଶନ ସଭାପତି ଲଳିତ ମାଡକାମି, ମୁକୁନ୍ଦ ମାଝୀ, ସମାରୁ ନାଏକ, ନୀଳକଣ୍ଠ ଦୋରା, ଈଶ୍ୱର ମାଡକାମି, ବାଗା ମାଡକାମି ଓ ସୂର୍ଯ୍ୟ ନାରାୟଣ ନାୟକଙ୍କ ସହ ୧୪ ଆଦିବାସୀ ସମାଜ ସଭାପତି ଉପସ୍ଥିତ ଥିଲେ।

# ମଦଦୋକାନ, ଭାଟିରେ ତାଲା ପକାଇଲେ ବିଧାୟକ

**ସମ୍ପୂର୍ଣ୍ଣ ମଦ ବନ୍ଦ ନେଇ ଆନ୍ଦୋଳନ**

କୋରାପୁଟ/ନାରାୟଣପାଟଣା,୨୬।୫
(ଅମିତାଭ ବେହେରା/ରାଜକିଶୋର ଜେନା)



ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଓ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।

କୋରାପୁଟ ଜିଲାର ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମ୍ପୂର୍ଣ୍ଣ ଭାବେ ବିହାରି ମଦ ବନ୍ଦ ନେଇ ସୋମବାର ଆନ୍ଦୋଳନ କରାଯାଇଛି। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ନେତୃତ୍ୱରେ ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକରେ ଆନ୍ଦୋଳନ ହୋଇଛି। ସୋମବାର ବିଧାୟକ ସାଉଁନ୍ତା ଏହି ୩ ବ୍ଲକର ବହୁ ବିହାରି ମଦ ଭାଟି ଓ ଦୋକନକୁ ଯାଇଥିଲେ। ସେଠାରେ ମଦ ପ୍ରସ୍ତୁତି ପାଇଁ ଥିବା ମହୁଲ ଓ ପୋଚକୁ ଦେଖି ଅସନ୍ତୋଷ ପ୍ରକାଶ କରି ଭାଟି ଓ ଦୋକନରେ ତାଲା ପକାଇ ଦେଇଥିଲେ। ମଦ ଯୋଗୁ ଲୋକଙ୍କ ଆର୍ଥୀକ ସଙ୍କଟ, ଗଣ୍ଡଗୋଳ ଆଦି ବିଭିନ୍ନ ସମସ୍ୟା ଦେଖା ଦେଉଛି। ଅସ୍ୱାସ୍ଥ୍ୟକର ପରିବେଶ ଓ ବେଆଇନ ଭାବେ ପ୍ରସ୍ତୁତ ମଦ ପିଇ କେତେକ ଲୋକେ ପ୍ରାଣହାନୀ ହେଉଥିବା ଅଭିଯୋଗ ହୋଇଛି। ତାଙ୍କ ଅଞ୍ଚଳର ଲୋକଙ୍କ ଜୀବନ ପାଇଁ ସେ ଏଭଳି ପଦକ୍ଷେପ ନେଇଥିବା ବିଧାୟକ କହିଛନ୍ତି। ଏହି ଅଞ୍ଚଳରେ ଥିବା ବିହାରି ଭାଟିରେ ବେଆଇନ ଭାବେ ପ୍ରସ୍ତୁତ ମଦକୁ ଗାଁଗୁଡ଼ିକରେ ବିକ୍ରି କରି ବ୍ୟବସାୟୀ ଲାଭ ପାଉଛନ୍ତି। ଏହି ମଦକୁ ପିଇବାକୁ ଲୋକେ ଜମି ବନ୍ଧା ପକାଇବାକୁ ପଛାଉ ନ ଥିବା ଅଭିଯୋଗ କରି ବିଧାୟକ ପୂର୍ବରୁ ୩ଥର ରାଜ୍ୟ ଅବକାରୀ ବିଭାଗକୁ ଚିଠି କରିଥିଲେ। କିନ୍ତୁ ଏଯାଏ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏହି ପଦକ୍ଷେପ ଆରମ୍ଭ କରିଥିବା ସେ କହିଛନ୍ତି। ବିଧାୟକଙ୍କ ସମର୍ଥନ କରି ସ୍ଥାନୀୟ ଗ୍ରାମବାସୀ ଏହି ମଦ ବିରୋଧ ଅଭିଯାନରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଜିଲା ଅବକାରୀ ବିଭାଗର ନିରୀକ୍ଷକ ସୁଧିର ସାହୁଙ୍କ ପଚାରିବାରୁ ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକ୍ ବହୁ ବିହାରି ମଦ ଦୋକାନ ଓ ଭାଟିରେ ତାଲା ପଡିଥିବା କହିଛନ୍ତି।

### ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତଧାରୀଙ୍କ ପୂଜାର୍ଚ୍ଚନା

ମାଲକାନଗିରି,୨୬।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିର ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତଧାରୀ ମହିଳାମାନେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ସକାଳୁ ମହିଳାମାନେ ନୂତନ ବସ୍ତ୍ର ପରିଧାନକରି ସ୍ୱାମୀଙ୍କ ସୁଖ ଓ ଦୀର୍ଘ ଜୀବନ କାମନାକରି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଜିଲାର ଜଗନ୍ନାଥ ମନ୍ଦିର, ତ୍ରିନାଥ ମନ୍ଦିର, ତାରିଣୀ ମନ୍ଦିର, ରାମମନ୍ଦିର ଓ ଶିବମନ୍ଦିର ଆଦିରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ବିଜେଡି ଛାଡ଼ି ଭାଜପାରେ ଯୋଗଦେଲେ ସମିତି ସଭ୍ୟ



ଭାଜପାରେ ଯୋଗ ଦେଇଥିବା ବିଜେଡି କର୍ମୀ ।

ଉମରକୋଟ,୨୬।୫ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଉମରକୋଟ ବ୍ଲକ୍‌ର ଚିକଲପଦର ଗ୍ରାମପଞ୍ଚାୟତର ସମିତି ସଭ୍ୟ ସନତ ହାଲ୍‌ଦାର ସୋମବାର ବିଜେଡି ଛାଡ଼ି ଭାଜପାରେ ଯୋଗଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଆକୃଷ୍ଟହୋଇ ଏଭଳି ନିଷ୍ପତ୍ତି ନେଇଥିବା ସମିତି ସଭ୍ୟ ହାଲ୍‌ଦାର କହିଛନ୍ତି। ଏହି ପରିପ୍ରେକ୍ଷୀରେ ପୁର୍ଲାସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ବୈଠକ କରି ବିଧାୟକ ନରସିଂହ ଭତରା ସମିତି ସଭ୍ୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସମିରନ ରାୟ, ପଞ୍ଚାନନ ବାବଲୀ, ଶ୍ୟାମଲାଲ ବିଶ୍ୱାସ, ସୁଜନ ଭୋକ୍ତ, ବୋଲରମ ଗଣ୍ଡ, ମଣ୍ଡଳ ସଭାପତି ଉତ୍ତମ ହରିଜନ, ସନୁ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# କବିତା ମାଧ୍ୟମରେ ସଚେତନତା

**ପାକିସ୍ତାନ ଆତଙ୍କବାଦୀଙ୍କ ବର୍ବରକାଣ୍ଡକୁ ନିନ୍ଦା**

ମାଲକାନଗିରି,୨୬।୫(ଦୁର୍ଯ୍ୟୋଧନ ପାତ୍ର)




ଭଗବାନ ହନ୍ତାଳ ।

ଗତ ଏପ୍ରିଲ ୨୪ ତାରିଖରେ କେତେଜଣ ଆତଙ୍କବାଦୀ ଜମ୍ମୁର ପହଲଗାମ୍‌ଠାରେ ୨୪ ଜଣ ହିନ୍ଦୁଙ୍କୁ ଗୁଳିକରି ହତ୍ୟା ଘଟଣା ସାରାଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହାର ଜବାବରେ ଭାରତ ସରକାର ମେ ୭ରେ ପାକସ୍ତାନ ଉପରେ ଅପରେଶନ ସିନ୍ଦୂର ମାଧ୍ୟମରେ ଆକ୍ରମଣ କରିଥିଲେ। ଏହାକୁ ନେଇ ମାଲାକନଗିରି ଜିଲା କାଲିମେଲା ବ୍ଲକ ମାନ୍ୟମକୋଣ୍ଡାର ଆଦିବାସୀ କବି ଭଗବାନ ହନ୍ତାଳ ଭାରତବାସୀଙ୍କୁ ସଚେତନ କରିବା ନେଇ ଏକ କବିତା ଲେଖି ଗ୍ରାମ ଗ୍ରାମ ବୁଲି ନାଗରିକଙ୍କୁ ସଚେତନ କରୁଛନ୍ତି। ଉକ୍ତ କବିତାରେ ଉଲ୍ଲେଖ ରହିଛି, ଏହି ଜଗତ ନୁହେଁ ନାଲି, ନୁହେଁ ରଙ୍ଗ, ସିନ୍ଦୂର ହେଉଛି ହିନ୍ଦୁଙ୍କ ପ୍ରତୀକ। ସିନ୍ଦୂରର ମହକ ତୁମେ କ'ଣ ଜାଣିଛ, ହିନ୍ଦୁ ନାରୀର ଶୀର୍ଷକ । ଆମ ଭାରତରେ ଖାଲି ହିନ୍ଦୁ ନୁହେଁ, ମୁସଲମାନ, ଖ୍ରୀଷ୍ଟିଆନ ଭଳି ଅନେକ ଜାତିର ଲୋକ ରହୁଛନ୍ତି। ଭାରତବର୍ଷରେ ସମସ୍ତେ ଭାଇଚାରାକୁ ଆପଣେଇ ରହୁଥିବା ବେଳେ ତୁମ୍ଭେମାନେ ଏହାକୁ ଲୀନ କରୁଅଛ। ହିନ୍ଦୁ ଜାଣିଛି ସିନ୍ଦୂରର ମର୍ମ, ନିଆଁ ଜାଣି ପାରିବ ନାହିଁ, ରାଗ, ଅହଂକାରରେ ୨୪ ଜଣ ମହିଳାଙ୍କ ସିନ୍ଦୂର ପୋଛିଲ। ତୁମ୍ଭ ଦେଶରେ ଶତ୍ରୁ ନାହାନ୍ତି କି ଯେ, ଆମ୍ଭଦେଶର ହିନ୍ଦୁମାନଙ୍କ ପ୍ରାଣ ନେଲ। ଏହି ପ୍ରାଣ ତୁଚ୍ଛାରେ ଯିବ ନାହିଁ। ବେଳ ଆସୁଛି ପ୍ରତିଶୋଧ ପାଇଁ, ତୁମ ଦେଶ ହେବ କଲବଲ । ଦିନ ଥିଲା ଇଂରେଜମାନେ ଶାସନ କରୁଥିଲେ ସେହି ସମୟରେ ଝାନ୍ସିରାଣୀ ଭଳି ନାରୀ ଆମ ଭାରତରେ ଜନ୍ମ ନେଇ ଇଂରେଜମାନଙ୍କ ସହ ଲଢିଥିଲେ। ଆମ ଭାରତର ଦୁଇ ବୀରାଙ୍ଗନା ସିନ୍ଦୂର ସଂଗ୍ରାମରେ ଯାଇ ଦୋହଲାଇ ଦେଲେ ତୁମ ଦେଶକୁ ଯାହାକୁ ତୁମେ ରୋକି ପାରିଲ ନାହିଁ। ସିନ୍ଦୂରର ଶକ୍ତି କେତେ ରହିଛି, କଳ୍ପନା କରିପାରିବ ନାହିଁ। ସିନ୍ଦୂର ତାକତ ଦେଖାଇଦେବୁ ମରିବୁ ତୁ ଝୁରି ଝୁରି ଆଦି ଉଲ୍ଲେଖ କରିଛନ୍ତି।

# ଜୋନ୍‌ସ୍ତରୀୟ ଚାମ୍ପିୟନଶିପ୍ ପାଇଁ ୨୪ ଖେଳାଳିଙ୍କ ବ୍ରହ୍ମପୁର ଗସ୍ତ

**ମୁଖ୍ୟମନ୍ତ୍ରୀ ଫୁଟ୍‌ବଲ ଟ୍ରଫି**

ମାଲକାନଗିରି, ୨୬।୫ (ନୃସିଂହ ଚରଣ ମହାନ୍ତି)



ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ ଚୟନ ହୋଇଥିବା ଖେଳାଳି ।

୧୫ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଜୋନ୍‌ସ୍ତରୀୟ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଆସନ୍ତା ୨୮ ତାରିଖରୁ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗ ନେବାପାଇଁ ମାଲକାନଗିରି ଜିଲାର ୨୪ ଖେଳାଳି ସୋମବାର ବ୍ରହ୍ମପୁର ଯାତ୍ରା କରିଛନ୍ତି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଜିଲା ଆଥଲେଟିକ୍ ସଂଘ ସମ୍ପାଦକ ରାମହରି ପଣ୍ଡା, କୋଷାଧ୍ୟକ୍ଷ ପ୍ରସାଦି ରାଓ ଓ ସହ ସମ୍ପାଦକ ଗୋପିକୃଷ୍ଣ ପଟ୍ଟନାୟକ ପ୍ରମୁଖ ସ୍ଥାନୀୟ କ୍ରୀଡା କମ୍ପ୍ଲେକ୍ସରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ ପ୍ରଧାନ ଯୁବ ପ୍ରତିଭାର ଅନ୍ୱେଷଣ ସହ କ୍ରୀଡାବିତ୍‌ମାନଙ୍କୁ କ୍ରୀଡାନୈପୁଣ୍ୟ ପ୍ରଦର୍ଶନ ପାଇଁ ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ସମସ୍ତ ପ୍ରକାର ସହାୟତା ଯୋଗାଇଦେବ ବୋଲି କହିଥିଲେ।

ପ୍ରକାଶ ଯେ,ଏପ୍ରିଲ ୭ରେ ମାଲକାନଗିରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜିଲାର ୭ ବ୍ଲକର ୮ ଟି ଦଳକୁ ନେଇ ମୁଖ୍ୟମନ୍ତ୍ରୀ ଟ୍ରଫିର ଜିଲାସ୍ତରୀୟ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ୮ଟି ଦଳର ୫୦ ଜଣ ଉତ୍ତମ ଖେଳାଳିଙ୍କୁ ଚୟନ କରି ଜିଲାର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ତାଲିମ ପ୍ରଦାନ ପରେ ଉତ୍ତମ ପ୍ରଦର୍ଶନ କରୁଥିବା ୨୪ ଖେଳାଳିଙ୍କୁ ଚୟନ କରି ଏହି ଜୋନ୍‌ସ୍ତରୀୟ ଖେଳ ପାଇଁ ପଠାଯାଇଛି। ଆସନ୍ତା ୩ ତାରିଖ ଯାଏ ଏହି ଜୋନ୍‌ସ୍ତରୀୟ ଖେଳ ଜାରି ରହିବ ବୋଲି ସମ୍ପାଦକ ପଣ୍ଡା ସୂଚନା ଦେଇଛନ୍ତି।



ଚଣ୍ଡିଗଡ଼ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରେସ୍‌ଲିଂ ଚାମ୍ପିୟନଶିପ୍‌ର ୧୭ ବର୍ଷରୁ କମ୍ ବର୍ଗ ୪୮ କେଜି ଫ୍ରିଷ୍ଟାଇଲରେ ଓଡ଼ିଶାର ରୋହିତ ସାମଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ଅଲ୍‌କାରାଜ, ରୁଡ୍, କୋର୍ଡା ବିଜୟୀ


**ଫ୍ରେଞ୍ଚ୍ ଓପନ ଟେନିସ**

**ପ୍ୟାରିସ, ୨୬।୫**

ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସିଡେଡ୍ ଖେଳାଳିମାନେ ସହଜ ବିଜୟ ହାସଲ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ଦ୍ୱିତୀୟ ସିଡ୍ କାର୍ଲୋସ ଅଲ୍‌କାରାଜ ୬-୩, ୬-୪, ୬-୨ ସେଟ୍‌ରେ ଗୁଲିଓ ଜେପିରିଙ୍କୁ ପରାସ୍ତ କରିଛନ୍ତି। ସେହିପରି ୭ମ ସିଡ୍ କାସ୍ପର ରୁଡ୍ ୬-୩, ୬-୪, ୬-୨ରେ ଆଲବର୍ଟ ରାମୋସ-ଭିନୋଲାସଙ୍କୁ ହରାଇ ଦେଇଛନ୍ତି। ୨୩ତମ ସିଡ୍ ସେବାଷ୍ଟିଆନ କୋର୍ଡା ୬-୨, ୪-୬, ୬-୩, ୬-୨ରେ ଲୁସିଆନୋ ଡାରଡେରିଙ୍କୁ ହରାଇଥିବାବେଳେ ୧୩ଶ ସିଡ୍ ବେନ୍ ଶେଲଟନ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ୬-୪, ୪-୬, ୩-୬, ୬-୨, ୬-୩ରେ ଲୋରେଞ୍ଜୋ ସୋନେଗୋଙ୍କୁ ପରାସ୍ତ କରିଛନ୍ତି। ୨୧ତମ ସିଡ୍ ଟୋମାସ ମାକାକ ୬-୭ ( ୪/୭), ୧-୪ରେ ପଛୁଆ ଥିବାବେଳେ ଆହତ ସମସ୍ୟା ଯୋଗୁ ଅଣସିଡେଡ କ୍ୱେଣ୍ଟିନ ହାଲିସଙ୍କୁ ୱାକ୍‌ଓଭର ଦେଇଛନ୍ତି। ଅନ୍ୟଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରଥମ ୨ ସେଟ୍‌ରେ ପଛୁଆ ରହିବା ସତ୍ତ୍ୱେ ନୁନୋ ବୋର୍ଗେସ ସଫଳ ପ୍ରତ୍ୟାବର୍ତ୍ତନ କରି ୩-୬, ୬-୭ (୩/୭), ୬-୪, ୬-୩, ୬-୩ରେ କିରିଆନ ଜାକ୍ୱେଟଙ୍କୁ ହରାଇ ଦେଇଛନ୍ତି।

## ସ୍ୱିଟେକ୍, ରିବାକିନାଙ୍କ ବିଜୟ ଅଭିଯାନ

ମହିଳା ସିଙ୍ଗଲ୍ସରେ ୫ମ ସିଡ୍ ଇଗା ସ୍ୱିଟେକ, ୧୨ଶ ସିଡ୍ ଇଗା ସ୍ୱିଟେକ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ସ୍ୱିଟେକ ୬-୩, ୬-୩ରେ ରିବିକା ଶ୍ରମକୋଭାଙ୍କୁ ଏବଂ ରିବାକିନା ୬-୧, ୪-୬, ୬-୪ରେ ଜୁଲିଆ ରିଏରାଙ୍କୁ ପରାସ୍ତ କରିଛନ୍ତି। ସେହିପରି ୧୯ଶ ସିଡ୍ ଲ୍ୟୁଡମିଲା ସାମ୍‌ସୋନୋଭା ୭-୬ (୭/୩), ୬-୨ରେ ମାୟର ଶେରିଫ, ଇମା ରାଡୁକାନୁ ୭-୫, ୪-୬, ୬-୩ରେ ୱାଙ୍ଗ ଜୁନ୍‌ୟୁ, ରବିନ ମଣ୍ଟଗୋମେରି ୬-୨, ୬-୧ରେ ଡିଆନେ ପାରି, ଭେରୋନିକା କୁଦରମୋଟୋଭା ୭-୫, ୬-୧ରେ ଭିକ୍ଟୋରିଆ ଟୋମୋଭାଙ୍କୁ ହରାଇଥିବାବେଳେ ୯ମ ସିଡ୍ ଇମା ନାଭାରୋ ୦-୬, ୧-୬ରେ ଜେସିକା ବୌଜାସ ମାନେଇରୋଙ୍କଠାରୁ ହାରି ବିଦାୟ ନେଇଛନ୍ତି।



ସର୍ଭିସ ଶଟ୍ ଖେଳିବା ଅବସରରେ କାର୍ଲୋସ ଅଲକାରାଜ।

## ତେଜସ୍ୱିନୀଙ୍କୁ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ

**ସୁଲ୍, ୨୬।୫ (ପି.ଟି.):** ଆଇଏସ୍‌ଏସ୍‌ଏଫ୍ ଜୁନିୟର ୱାର୍ଲ୍ଡ କପ୍‌ରେ ଭାରତର ଆଧିପତ୍ୟ ଜାରି ରହିଛି। ଭାରତୀୟ ଶୁଟର ତେଜସ୍ୱିନୀ ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ତେଜସ୍ୱିନୀ ୮ଜଣ ମହିଳାଙ୍କୁ ନେଇ ଫାଇନାଲରେ ୫୦ ଶଟ୍ ଫାୟାରିଂ କରିବା ପରେ ୩୧ପଏଣ୍ଟ ଅର୍ଜନ କରିଥିଲେ। ବ୍ୟକ୍ତିଗତ ନିରପେକ୍ଷ ଆଥଲେଟ୍ସ କାଟେଗୋରିରେ ବେଲାରୁଷର ଆଲିନା ନେଷ୍ଟସିଆରୋଭିଚ୍ ୨୯ପଏଣ୍ଟ ସ୍କୋର କରି ରୌପ୍ୟ ପାଇଥିବା ବେଳେ ୨୩ପଏଣ୍ଟ ସହ ହଙ୍ଗେରୀର ମିରିଆମ୍ ଜାକୋ ବ୍ରୋଞ୍ଜ ହାସଲ କରିଥିଲେ। ପୂର୍ବରୁ କ୍ୱାଲିଫିକେଶନ ରାଉଣ୍ଡରେ ମୋଟ ୫୭୫ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଚାଇନାର ଟାଓଟାଓ ଝାଓ ୫୮୯ ପଏଣ୍ଟ ସହ ଶୀର୍ଷରେ ରହିଥିଲେ। ଫାଇନାଲରେ କିନ୍ତୁ ଟାଓଟାଓ (୧୮) ଚାଇନିଜ ତାଇପେର ୟେନ-ଚିଙ୍ଗ୍ ଚେଙ୍ଗ୍(୨୨)ଙ୍କ ପଛରେ ୫ମ ସ୍ଥାନରେ ରହିଥିଲେ। ତେଜସ୍ୱିନୀ ପ୍ରଥମ ହୋଇଥିଲେ। ମହିଳା ୨୫ ମିଟର ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟ ମହିଳାଙ୍କ ମଧ୍ୟରେ ରିୟା ଶିରିଷ ଥାଟେ, ନାମା କପୁର ଓ ଦିବ୍ୟାଂଶୀ ଯଥାକ୍ରମେ ୧୫ତମ, ୧୮ତମ ଓ ୨୪ ତମ ସ୍ଥାନରେ ରହିଥିଲେ।

# ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ଭାରତ

**ଗୁମି, ୨୬।୫ (ପି.ଟି.)**

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୨୬ତମ ସଂସ୍କରଣ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରା ଯଦିଓ ଭାଗ ନେଉ ନାହାନ୍ତି ତେବେ ୫୯ ଜଣିଆ ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ରହିଛି। ଡାଇମଣ୍ଡ ଲିଗ୍ ସିରିଜ ଉପରେ ଫୋକସ କରୁଥିବାରୁ ନୀରଜ ଏସିଆନ ଚାମ୍ପିୟନଶିପ୍‌ରୁ ଓହରି ଯାଇଛନ୍ତି। ତେଣୁ ଏହି ଇଭେଣ୍ଟରେ ଅନଭିଜ୍ଞ ସଚିନ ଯାଦବ ଓ ଯଶବୀର ସିଂ ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ। ବ୍ୟାଙ୍କକ୍‌ରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ଭାରତ ୨୭ଟି ପଦକ ହାସଲ କରିଥିଲା। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକ ସାମିଲ ଥିଲା। ଏଥର ଅତିକମ୍‌ରେ ସେହି ପ୍ରଦର୍ଶନକୁ ଦୋହରାଇବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ।

ପ୍ରଥମ ଦିବସରେ ୨୦ କିଲୋମିଟର ରେସ୍ ୱାକ୍‌ରୁ ପଦକ ଇଭେଣ୍ଟ ଆରମ୍ଭ ହେବ। ଏଥିରେ ସର୍ଭିନ ସେବାଷ୍ଟିଆନ ଓ ଅମିତ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେବାଷ୍ଟିଆନଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ହେଉଛି ୧:୨୧:୨୩ ଓ ଅମିତଙ୍କର ୧:୨୧:୫୨ ସେକେଣ୍ଡ। ୱାକିଂ ପରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଉପରେ ନଜର କେନ୍ଦ୍ରୀଭୂତ ହେବ। ମହିଳା ଜାଭେଲିନ୍ ଥ୍ରୋ ହେଉଛି ଦ୍ୱିତୀୟ ପଦକ ଇଭେଣ୍ଟ। ଏଥିରେ ଅନୁ ରାଣୀଙ୍କଠାରୁ ଭାରତର ପଦକ ଆଶା ରହିଛି। ୩୨ ବର୍ଷୀୟ ଅନୁଙ୍କର ସିଜନ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୫୮.୮୨ ମିଟର। ତେବେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୬୩.୮୨ ମିଟର। ୨୦୨୨ରେ ସେ ଏହି ଥ୍ରୋ କରି ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ ହେଁ ୪ର୍ଥ ସ୍ଥାନରେ ରହିଥିଲେ। ୪୦୦ ମିଟର ହିର୍ଡ୍ସରେ ରୂପାଲ ଚୌଧାରୀ, ଭିଥ୍ୟା ରାମରାଜ, ଜୟ କୁମାର ଓ ବିଶାଲ ଆକ୍ସନରେ ଆସିବେ। ୪x୪୦୦ ମିଟର ରିଲେରେ ମଧ ଭାରତ ଭାଗନେବ। ପୁରୁଷ ୧୦,୦୦୦ ମିଟରରେ ୨୬ ବର୍ଷୀୟ ଭାରତର ତାରକା ଡିଷ୍ଟାନ୍ସ ରନର ତଥା ଏସିଆନ ଗେମ୍ସ ମେଡାଲିଷ୍ଟ ଗୁଲଭୀର ସିଂ ଭାଗନେବେ।

ପୁରୁଷ ହାଇଜମ୍ପରେ ଅନିଲ କୁଶାରେ ଓ ୧୫୦୦ ମିଟର ହିଟ୍‌ରେ ୟୁନୁସ ଶାହା ଅଂଶଗ୍ରହଣ କରିବେ। ଭାରତୀୟ ପୁରୁଷ ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରାଭେଲ ଓ ଅବଦୁଲା ଅବୁବାକର ମଧ୍ୟ ପୋଡିୟମ ଫିନିଶ୍ କରିବା ଆଶା ରହିଛି। ଚିତ୍ରାଭେଲଙ୍କ ସିଜନ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୧୭.୩୭ ମିଟର। ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଅବିନାଶ ସାବ୍‌ଲେ, ୧୦୦ ମିଟର ହର୍ଡଲ୍ସରେ ଜ୍ୟୋତି ୟାରାଜି ଓ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ଚୌଧାରୀ ମଧ୍ୟ ନଜରରେ ରହିବେ। ଏସୀୟ ଚାମ୍ପିୟନଶିପ୍‌ରେ ୪୩ଟି ଦେଶର ୨୦୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ପଦକ ବିଜୟ ଦୃଷ୍ଟିରୁ ସର୍ବକାଳୀନ ସଫଳ ତାଲିକାରେ ଚାଇନା ଓ ଜାପାନ ପ୍ରଥମ ଦୁଇସ୍ଥାନରେ ରହିଥିବାବେଳେ ଭାରତ ତୃତୀୟରେ ରହିଛି।

## ଜିଓହଟଷ୍ଟାରକୁ ଡିଜିଟାଲ ପ୍ରସାରଣ ଅଧିକାର

**ନୂଆଦିଲ୍ଲୀ, ୨୬।୫**

ଆସନ୍ତା ମାସ ୨୦ ତାରିଖରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଡିଜିଟାଲ ପ୍ରସାରଣ ଅଧିକାର ଜିଓହଟଷ୍ଟାର ହାସଲ କରିଛି। ଏଥିଲାଗି ଦେଶର ଅଗ୍ରଣୀ ସ୍ପୋର୍ଟ୍ସ ବ୍ରଡକାଷ୍ଟ ନେଟୱର୍କ ସୋନୀ ଏଣ୍ଟରନେଟମେଣ୍ଟ ନେଟୱର୍କ ସହିତ ଚୁକ୍ତି କରିଛି। ଗତ ଏକ ମାସ ହେଲା ଦୁଇ ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିବା ଜଣାପଡ଼ିଛି। ସୋନୀ ଡିଜିଟାଲ ପ୍ରସାରଣ ଅଧିକାର ଜିଓହଟଷ୍ଟାରକୁ ଦେଇଥିବା ବେଳେ ଟିଭି ପ୍ରସାରଣ ଅଧିକାର ନିଜ ପାଖରେ ରଖିଛି। ଏଥିଯୋଗୁ ସୋନୀ ସ୍ପୋର୍ଟ୍ସ ନେଟୱର୍କରେ ଭାରତ-ଇଂଲଣ୍ଡ ସିରିଜ୍‌ର ପ୍ରସାରଣ ହେବ। ତେବେ ଏ ନେଇ ଉଭୟ ପକ୍ଷରୁ କୌଣସି ପ୍ରତିକ୍ରିୟା ଜାରି କରାଯାଇ ନାହିଁ।

# ଭାରତର ଦ୍ୱିତୀୟ ବିଜୟ

**ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି**

**ରୋସାରିଓ, ୨୬।୫ (ପି.ଟି.)**

ଭାରତ ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ପ୍ରତିଯୋଗିତାରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦଳ ୩-୨ ଗୋଲରେ ଉରୁଗୁଏକୁ ପରାସ୍ତ କରିଛି। ଦଳ ପକ୍ଷରୁ କନିକା ସ୍ୱିୱାଚ (୪୬ତମ ଓ ୫୦ତମ ମିନିଟ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ସୋନମ (୨୧ତମ) ଗୋଟିଏ ଗୋଲ୍ ଦେଇଥିଲେ। ଉରୁଗୁଏ ପକ୍ଷରୁ ମିଲାଗ୍ରସ ସିଗାଲ (୩ୟ) ଓ ଅଗଷ୍ଟିନା ମାରି (୨୪ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଖେଳର ୩ୟ ମିନିଟ୍‌ରେ ସିଗାଲ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଉରୁଗୁଏକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ୨୧ତମ ମିନିଟରେ ସୋନମ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। କିନ୍ତୁ ମାରି ଅନ୍ୟ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଉରୁଗୁଏକୁ ଅଗ୍ରଣୀ କରାଇଥିଲେ। ଫାଇନାଲ କ୍ୱାର୍ଟରରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରି କନିକାଙ୍କ ଡବଲ ଗୋଲ୍‌ରେ ମ୍ୟାଚ ଜିତି ନେଇଥିଲା। ଦୁଇଟି ଗୋଲ ମଧ୍ୟରୁ ସେ ଗୋଟିଏ ପେନାଲ୍ଟି କର୍ନରକୁ ପରିଣତ କରି ଏବଂ ଅନ୍ୟଟି ତାଙ୍କର ଫିଲ୍ଡ ଗୋଲ୍ ଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

# ବାଲେଶ୍ୱର, କନ୍ଧମାଳ, ବରଗଡ଼, ନୂଆପଡ଼ା ବିଜୟୀ



ଅର୍ଣ୍ଣବ ପଟ୍ଟନାୟକ



ଜ୍ଞାନ ଚୌଧୁରୀ



ପ୍ରତୀଶ ଦାଶ

**ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ**

**ଭୁବନେଶ୍ୱର, ୨୬।୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଅନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ପ୍ରିମିୟର ଲିଗ୍ ( 'ସି'ଓ 'ଡି' ଗ୍ରୁପ୍)ରେ ସୋମବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ କଟକ 'ଏ', ବାଲେଶ୍ୱର, କନ୍ଧମାଳ, ବରଗଡ଼, ନୂଆପଡ଼ା ବିଜୟ ଲାଭ କରିଛନ୍ତି। ରେଭେନ୍‌ଶା କ୍ରିକେଟ ଗ୍ରାଉଣ୍ଡରେ-୧ରେ ଖେଳାଯାଇଥିବା ମ୍ୟାଚରେ କେନ୍ଦୁଝର ବିପକ୍ଷରେ କଟକ 'ଏ' ୧୬୩ରନରେ ବିଜୟ ଲାଭ କରିଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କଟକ 'ଏ' ୪୮ ଓଭରରେ ୪ଉଇକେଟ ବିନିମୟରେ ୨୦୪ ରନ କରିଥିଲା। ଅବ୍‌ଦୁଲ ଲତିଫ ୬୧ ଓ ଅନିଲ ସାହୁ ୪୭ ରନ କରିଥିଲେ। ଜବାବରେ କେନ୍ଦୁଝର ୨୨.୪ ଓଭରରେ ୬୯ରନ କରି ଅଲଆଉଟ ହୋଇଯାଇଥିଲା। କଟକ 'ଏ' ପକ୍ଷରୁ ଚମତ୍କାର ବୋଲିଂ କରି ଅର୍ଣ୍ଣବ ପଟ୍ଟନାୟକ ତାଙ୍କ ୫ ଓଭର ବୋଲିଂରେ ୨ମେଡେନ ସହ ମାତ୍ର ୧୫ରନ ବିନିମୟରେ ୩ ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ରେଭେନ୍‌ଶା କ୍ରିକେଟ ଗ୍ରାଉଣ୍ଡ-୨ରେ ବାଲେଶ୍ୱର ଡିଏଲ୍‌ଏସ୍ ପଦ୍ଧତିରେ ଢେଙ୍କାନାଳକୁ ୯୨ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ୪୦ଓଭରରେ ୫ ଉଇକେଟ ହରାଇ ୧୭୬ରନ କରିଥିଲା। ଟପ୍ ସ୍କୋରର ଆରାଧ୍ୟ କୌଶିକ ୮୦ ରନ କରିଥିଲେ। ଢେଙ୍କାନାଳ ୩୨.୫ ଓଭରରେ ୧୧୨ ରନ କରି ଅଲଆଉଟ ହୋଇଯାଇଥିଲା। ବାଲେଶ୍ୱର ପକ୍ଷରୁ ପ୍ରଭାବୀ ବୋଲିଂ କରିଥିବା କୌଶଳ ପେରିୱାଲ (୮-୦-୩୩-୫) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ପୁରୀ ବିପକ୍ଷରେ କନ୍ଧମାଳ ରୋମାଞ୍ଚକ ବିଜୟ ହାସଲ କରିଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ମୟଙ୍କ ପଟ୍ଟନାୟକଙ୍କ ୭୧(୪୬ ବଲ୍) ରନ ବଳରେ ୨୪ ଓଭରରେ ୬ ଉଇକେଟ ହରାଇ ୧୩୭ରନ କରିଥିଲା। ବିପକ୍ଷ ଦଳର ଜ୍ଞାନ ଚୌଧାରୀ ତାଙ୍କ ୪ ଓଭର ବୋଲିଂରେ ୧ମେଡେନ ସହ ୧୨ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କନ୍ଧମାଳ ୨୩.୨ ଓଭରରେ ୮ଉଇକେଟ ବିନିମୟରେ ୧୩୮ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ବିଜୟୀ ଦଳର ଜ୍ଞାନ ଚୌଧାରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୩ଟି ଉଇକେଟ ନେବା ସହ ୩୩ ବଲ୍‌ରୁ ୨୪ ରନ କରି ଅପରାଜିତ ରହିଥିଲେ। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଭୁବନେଶ୍ୱର 'ଏ' ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାତିଲ କରିଦିଆଯାଇଥିଲା। ସନସାଇନ ଗ୍ରାଉଣ୍ଡରେ ବରଗଡ଼ ୨ଉଇକେଟରେ ଗଞ୍ଜାମକୁ ହରାଇ ଦେଇଛି। ଏହି ମ୍ୟାଚ ଗଞ୍ଜାମ ଦଳ ପ୍ରଥମେ ବ୍ୟାଟିଂ କରି ୨୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ ବରଗଡ଼ ଡିଏଲ ପଦ୍ଧତିରେ ୨୫ଓଭରରେ ୮ ଉଇକେଟ ବିନିମୟରେ ୧୧୦ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ବିଜୟୀ ଦଳ ତରଫରୁ ଚମତ୍କାର ବୋଲିଂ କରିଥିବା ପ୍ରୀତିଶ ଦାଶ (୭-୨-୧୩-୭) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବିଡ଼ାନାସୀ ଗ୍ରାଉଣ୍ଡରେ ନୂଆପଡ଼ା ୫ଉଇକେଟରେ ପାରାଦୀପକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବା ଲାଗି ନିଷ୍ପତ୍ତି ନେଇଥିବା ପାରାଦୀପ ଅର୍ପିତ ମହାନ୍ତିଙ୍କ ୮୩ରନ (୮୪ ବଲ୍) ଜରିଆରେ ୩୯.୨ ଓଭରରେ ୧୭୮ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ନୂଆପଡ଼ା ୪୫.୫ ଓଭରରେ ୫ ଉଇକେଟ ବିନିମୟରେ ୧୮୨ ରନ କରି ମ୍ୟାଚକୁ ୫ଉଇକେଟରେ ଜିତି ନେଇଥିଲା। ଏଥିରେ ବିଜୟୀ ଦଳର ବୋଲର ସ୍ୱୟମ ମେହେର (୯.୨-୦-୩୨-୪) ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

# ମୁମ୍ବାଇ ଇଣ୍ଡିଆନ୍ସର ଦୃଢ଼ ବ୍ୟାଟିଂ

**ଜୟପୁର, ୨୬।୫**

ଚଳିତ ଆଇପିଏଲ୍‌ରେ ସୋମବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ପଞ୍ଜାବ ଆଗରେ ୧୮୫ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ଟସ୍ ଜିତି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇକୁ ରିୟାନ ରିକଲଟନ ଓ ରୋହିତ ଶର୍ମା ୪୫ ରନର ଆରମ୍ଭ ପ୍ରଦାନ କରିଥିଲେ। ରିକଲଟନ (୨୭ ରନ, ୫ ଚୌକା) ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ପରେ ରୋହିତ (୨୪ ରନ, ୨ ଚୌକା ଓ ୧ ଛକା) ପାଭିଲିଅନ ଫେରିଥିବା ବେଳେ ତିଲକ ବର୍ମା (୧) ଓ ୱିଲ ଜ୍ୟାକ୍ସ (୧୭) ବିଫଳ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପଞ୍ଚମ ଉଇକେଟରେ ଦ୍ରୁତ ୪୪ ରନ ଯୋଡ଼ିଥିଲେ। ଅଧିନାୟକ ହାର୍ଦ୍ଦିକ ୧୫ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୨୬ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ନମନ ଧିର ୧୨ ବଲରେ ୨ ଛକା ସହିତ ୨୦ ଏବଂ ସୂର୍ଯ୍ୟକୁମାର ୩୯ ବଲରେ ୬ ଚୌକା ଓ ୨ ଛକା ସହିତ ୫୯ ରନ କରି ଆଉଟ୍ ହୋଇଥିଲେ। ଏହା ସୂର୍ଯ୍ୟକୁମାରଙ୍କ ଲାଗି ଚଳିତ ଆଇପିଏଲ୍‌ର ପଞ୍ଚମ ଅର୍ଦ୍ଧଶତକ। ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିବାକୁ ସକ୍ଷମ ହୋଇଛି। ପଞ୍ଜାବ ପକ୍ଷରୁ ମାର୍କୋ ଜାନସେନ, ଅର୍ଶଦୀପ ସିଂ ଓ ବିଜୟକୁମାର ବ୍ୟଶକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଲକ୍ଷ୍ନୌ ବନାମ ବେଙ୍ଗାଲୁରୁ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ କିଙ୍ଗ୍ସ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |



ଶଟ୍ ଖେଳିବା ଅବସରରେ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୨୦ ଓଭରରେ ୧୮୪/୭ (ସୂର୍ଯ୍ୟକୁମାର ଯାଦବ-୫୭, ହାର୍ଦ୍ଦିକ ପାଣ୍ଡ୍ୟା-୨୬, ରିୟାନ ରିକଲଟନ-୨୭, ଅର୍ଶଦୀପ ସିଂ-୨/୨୮, ମାର୍କୋ ଜାନସେନ-୨/୩୪, ବିଜୟକୁମାର ବ୍ୟଶକ-୨/୪୪)।

## ପ୍ଲେଅଫ୍ ଲାଗି ଉପଲବ୍ଧ ରହିବେ ଚହଲ

**ନୂଆଦିଲ୍ଲୀ, ୨୬।୫(ପି.ଟି.):** ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଲେଗ୍ ସ୍ପିନର ୟୁଜବେନ୍ଦ୍ର ଚହଲ ସୋମବାର ଆଙ୍ଗୁଠିଜନିତ ଇଞ୍ଜୁରୀ କାରଣରୁ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଲିଗ୍ ମ୍ୟାଚ୍ ମିସ୍ କରିଛନ୍ତି। ତେବେ ପ୍ଲେଅଫ୍ ମ୍ୟାଚ୍ ଲାଗି ଚହଲ ଉପଲବ୍ଧ ରହିବେ ବୋଲି ଆଶା କରାଯାଉଛି। ପଞ୍ଜାବ ଚହଲଙ୍କ ଲାଗି ୧୮ କୋଟି ଟଙ୍କା ଖର୍ଚ୍ଚ କରିଥିଲା, ଯାହା ଫଳରେ ସେ ଆଇପିଏଲ୍ ଇତିହାସର ସବୁଠୁ ଦାମୀ ସ୍ପିନର ହେବାର ରେକର୍ଡ କରିଥିଲେ। ଆଙ୍ଗୁଠି ଜନିତ ସମସ୍ୟା କାରଣରୁ ସେ ଗତ ଶନିବାର ଦିଲ୍ଲୀ କ୍ୟାପିଟଲ୍ସ ବିପକ୍ଷ ମ୍ୟାଚ୍ ମଧ୍ୟ ଖେଳିପାରି ନ ଥିଲେ। ଚହଲଙ୍କ ଅନୁପସ୍ଥିତିରେ ହରପ୍ରୀତ୍ ବ୍ରାର୍‌ଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଚହଲ ଏପର୍ଯ୍ୟନ୍ତ ଚଳିତ ଲିଗ୍‌ରେ ୧୨ ମ୍ୟାଚ୍‌ରେ ୧୪ ଉଇକେଟ ନେଇଛନ୍ତି।

ଫ୍ୟାଶନ

# ଇଭିଲ୍ ଆଇ ବ୍ରେସ୍‌ଲେଟ୍



ଯଦି ଆପଣ ଆସେସେରିଜ୍‌ରେ କିଛି ନୂଆ ଟ୍ରାଏ କରିବାକୁ ଚାହାନ୍ତି ତେବେ ଟ୍ରେଣ୍ଡି ଇଭିଲ୍ ଆଇ ବ୍ରେସ୍‌ଲେଟ୍ କ୍ୟାରି କରିପାରିବେ। ଏହା ଆଜିକାଲି ଟିନ୍‌ଏଜର ଗର୍ଲ୍ସ ଏବଂ ୟଙ୍ଗ୍ ଓମେନ୍‌ଙ୍କ ଲାଗି ଟ୍ରେଣ୍ଡି ଚାଲିଛି। ଏହା ଦେଖିବାକୁ ବହୁତ ଆଟ୍ରାକ୍ଟିଭ୍ ହୋଇଥାଏ।

- ଇଭିଲ ଆଇ ବ୍ରେସ୍‌ଲେଟ୍ ଏହା ଏକ ଆସେସେରିଜ୍ , ଯାହାକୁ ଆପଣ ଖୁବ୍ ସହଜରେ କୌଣସି ବି ପାର୍ଟି କିମ୍ବା କୌଣସି ଫଙ୍କ୍‌ସନ୍‌ରେ ପିନ୍ଧି ଯାଇପାରିବେ। ଏହା ସବୁ ପ୍ରକାର ଆଉଟ୍‌ଫିଟ୍ ସହ ମ୍ୟାଚ୍ କରିଥାଏ।
- ଇଭିଲ ଆଇ ବ୍ରେସ୍‌ଲେଟ୍ ଆପଣଙ୍କୁ ସିମ୍ପଲ ଏବଂ ହେଭି ସବୁ ପ୍ରକାର ଡିଜାଇନ୍‌ରେ ଚେନ୍, ଫ୍ୟାବ୍ରିକ୍ ମ୍ୟାଟେରିଆଲ୍‌ରେ ଭେରାଇଟି ମାର୍କେଟ୍‌ରେ ମିଳିଯିବ।
- ଇଭିଲ୍ ଆଇ ବ୍ରେସଲେଟ୍‌କୁ କମ୍ଫର୍ଟେବଲ୍ ଆସେସେରିଜ୍ ଭାବେ ଜଣାଶୁଣା। ଏହା ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ଏହା ଖରାପ ନଜରରୁ ମଧ୍ୟ ରକ୍ଷା କରିଥାଏ।
- ୱାର୍କିଂ ମହିଳା ମଧ୍ୟ ଇଭିଲ୍ ଆଇ ବ୍ରେସ୍‌ଲେଟ୍ କ୍ୟାରି କରିପାରିବେ। କାହିଁକି ନା ଏହା ଦେଖିବାକୁ ହେଭି ନୁହେଁ, କିନ୍ତୁ ଆପଣଙ୍କୁ ଏଲିଗାଣ୍ଟ ଲୁକ୍ ଦେଇଥାଏ।
- ବିବାହିତ ମହିଳା ମଧ୍ୟ ଇଭିଲ୍ ଆଇ ବ୍ରେସ୍‌ଲେଟ୍ କ୍ୟାରି କରିପାରିବେ। ଆଜିକାଲି ଏହାର ବହୁତ ଟ୍ରେଣ୍ଡ ଚାଲିଛି।
- ଇଭିଲ୍ ଆଇ ବ୍ରେସ୍‌ଲେଟ୍‌କୁ ଆପଣ ମାର୍କେଟ୍‌ରୁ ଖୁବ୍ ସହଜରେ କିଣିପାରିବେ କିମ୍ବା ଏହାକୁ ଅନ୍‌ଲାଇନରେ ମଧ୍ୟ କିଣିପାରିବେ।

# ଜାଣିରଖନ୍ତୁ

**ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଛି। ଏହି ଦିନରେ ଖରାରୁ ରକ୍ଷା ପାଇବାକୁ ହେଲେ ଘରେ ଆପଣ ଦିନରାତି ଏସି ଲଗାଇଥାନ୍ତି, ଏହାଦ୍ୱାରା ଇଲେକ୍‌ଟ୍ରି ବିଲ୍ ବି କିଛି କମ୍ ଆସି ନ ଥାଏ। ଏମିତିରେ ଆପଣ ଏସିକୁ ଘଣ୍ଟାଏ ଚଲାଇ କିପରି ରୁମ୍‌କୁ ଥଣ୍ଡା ରଖିବେ ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...**



**ରୁମ୍‌ରେ ହାଲ୍‌କା ଫ୍ୟାନ୍ ଚଲାନ୍ତୁ:** ଏସି ଚାଲିବା ପରେ ରୁମ୍‌ରେ ହାଲ୍‌କା ଫ୍ୟାନ୍ ଚଲାନ୍ତୁ। ରୁମ୍‌ର ଝରକା କବାଟ ବନ୍ଦ ରଖନ୍ତୁ। ଏହାଦ୍ୱାରା ରୁମ୍‌ରେ ସମ୍ପୂର୍ଣ୍ଣ ରୂପେ ଥଣ୍ଡା ଲାଗିବ।

**ମୋଟା ଫାବ୍ରିକ୍‌ର ସ୍କ୍ରିନ୍:** ଯେଉଁ ରୁମ୍‌ରେ ଆପଣ ଏସି ଲଗାଇଛନ୍ତି ସେ ରୁମ୍‌ର ପରଦା ଡାର୍କ କଲର ହେବା ସହିତ ମୋଟା ହେବା ଆବଶ୍ୟକ ଫଳରେ ରୁମ୍ ମଧ୍ୟକୁ ଯେପରି ଖରା ଏବଂ ଆଲୋକ ପ୍ରବେଶ କରି ପାରୁ ନ ଥିବ। ଏହା ଦ୍ୱାରା ଏସି ବନ୍ଦ ହେଲା ପରେ ବି ରୁମ୍ ଥଣ୍ଡା ରହିଥାଏ।

**ହାଲ୍‌କା ଲାଇଟ୍ ଲଗାନ୍ତୁ :** ରୁମ୍‌କୁ ଥଣ୍ଡା ରଖିବାକୁ ହେଲେ ରାତିରେ ହେଉ କି ଦିନରେ ଜିରୋ ଲାଇଟ୍ ବ୍ୟବହାର କରନ୍ତୁ। କିଛି ଲୋକଙ୍କର ଅଭ୍ୟାସ ହୋଇଥାଏ ଅଧିକ ଆଲୋକ ପ୍ରଦାନ କରୁଥିବା ଲାଇଟ୍ ବ୍ୟବହାର କରିଥାନ୍ତି। ଅଧିକ ଲାଇଟ୍ ପଡ଼ିବା ଦ୍ୱାରା ରୁମ୍‌ରେ ଗରମ ଅନୁଭୂତ ହୋଇଥାଏ। ଯଦି ଆପଣ ଏସି ବନ୍ଦ କଲା ପରେ ରୁମ୍‌କୁ ଥଣ୍ଡା ରଖିବାକୁ ଚାହାନ୍ତି ତେବେ ସବୁବେଳେ ରୁମ୍‌ରେ ହାଲ୍‌କା ଲାଇଟ୍ ବ୍ୟବହାର କରନ୍ତୁ।

**ଏସିକୁ ସବୁବେଳେ ଡ୍ରାଏ ମୋଡ୍‌ରେ ରଖନ୍ତୁ:** ଯେତେବେଳେ ଏସି ଚଲାଉଛନ୍ତି ତା'ର ଟେମ୍ପ୍ରେଚର ୨୨-୨୪ ମଧ୍ୟରେ ରଖିବା ସହିତ ଏସି ମୋଡକୁ ଡ୍ରାଏ ରଖନ୍ତୁ। ଏହି ମୋଡରେ ଏସି ଚଲାଇବା ଦ୍ୱାରା ଏହା ବନ୍ଦ ହେଲାପରେ ବି ରୁମ୍ ଥଣ୍ଡା ରହିଥାଏ।

# ସଫଳତାର ସୂତ୍ର

**"ସଫଳତା ହାସଲ କରିବା ସହଜ କଥା ନୁହେଁ। ହେଲେ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା ସମୟରେ ସେମାନଙ୍କର ଆତ୍ମବିଶ୍ୱାସ ଦୃଢ଼ ହେବା ନିହାତି ଦରକାର। ତେବେ ଏଥିପାଇଁ କେତୋଟି ବିଷୟ ପ୍ରତି ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ..."**




ସମସ୍ତେ ଜୀବନରେ ସଫଳତା ପାଇବାକୁ ଚାହିଁଥାନ୍ତି। ନୂଆ ନୂଆ ଉଚ୍ଚତାର ଏହି ଶିଡ଼ି ଚଢ଼ିବାକୁ କିଏ ବା ନ ଚାହେଁ? ଏଥିପାଇଁ ସବୁଠାରୁ ଜରୁରୀ ହେଉଛି ନିଜ ଉପରେ ଆତ୍ମବିଶ୍ୱାସ ବା ସେଲ୍‌ଫ କନ୍‌ଫିଡେନ୍ସ। ଏହା ସବୁ ସମ୍ଭବ ହେବ ଯେତେବେଳେ ଆମେ ସଚେତନ ହେବା। ଏହି ସମୟରେ ଲକ୍ଷ୍ୟ ଆଶା ଠାରୁ ଅଧିକ ହେବା ଅନୁଚିତ। ଏହାକୁ ପୂରଣ କରିବାକୁ ହେଲେ ଦୃଢ଼ ସଂକଳ୍ପ ନେବା ମଧ୍ୟ ଜରୁରୀ।

**ନିଜକୁ ମୋଟିଭେଟ୍ କରନ୍ତୁ :** କୌଣସି କଥାରେ ଅସଫଳ ହେଲେ ଭାଙ୍ଗି ପଡ଼ିବା ଠିକ୍ ନୁହେଁ। ଏଥିପାଇଁ ନିଜର ଆତ୍ମଅନୁଶୀଳନର ଆବଶ୍ୟକତା ରହିଛି। ଆତ୍ମବିଶ୍ୱାସ କମିଗଲେ ଏଭଳି ପରିସ୍ଥିତିର ସାମ୍‌ନା କରିବାକୁ ପଡ଼ିଥାଏ। କାରଣ ଜଣଙ୍କର ସଫଳତା ତାହାର କନ୍‌ଫିଡେଣ୍ଟ ଉପରେ ଅନେକାଂଶରେ ନିର୍ଭର କରେ। ଏହା ଏକ ବାସ୍ତବିକତା ଯେ ପ୍ରତିଟି ସଫଳତା ପଛରେ ଆତ୍ମବିଶ୍ୱାସର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ରହିଛି। ଆତ୍ମବିଶ୍ୱାସ ଆମକୁ ଜୀବନରେ ବଡ଼ ବଡ଼ ଚ୍ୟାଲେଞ୍ଜର ସାମ୍ନା କରିବା ଏବଂ ସଫଳତା ଆଡ଼କୁ ଗତି କରିବାରେ ସାହାଯ୍ୟ କରେ। କେବେ କେବେ ଏପରି ପରିସ୍ଥିତି ଆସି ଯାଇଥାଏ କି ଜଣେ ନିଜର କନ୍‌ଫିଡେନ୍ସ ହରାଇ ବସେ। ସହଜ ପରିସ୍ଥିତିକୁ ବହୁତ କଠିନ ଭାବି ନିଜକୁ ଷ୍ଟ୍ରେସ୍‌ରେ ପକାଇ ଦେଇଥାଏ। ଏଥିପାଇଁ ନିଜର କନ୍‌ଫିଡେନ୍ସ କିପରି ବଜାୟ ରହିବ ଏବଂ କିପରି ବଢ଼ାଇବ ତାହା ଜାଣି ରଖିବା ନିହାତି ଦରକାର।

**ଦୃଢ଼ ସଂକଳ୍ପ :** କନ୍‌ଫିଡେନ୍ସ ବଢ଼ାଇବାକୁ ହେଲେ ପ୍ରଥମେ ନିଜର ଭାବିବାର ଉପାୟ ଏବଂ ଅଭ୍ୟାସ ବଦଳିବା ବହୁତ ଜରୁରୀ। ଏହା ସହିତ ମନରେ ଏକ ଦୃଢ଼ ସଂକଳ୍ପ ନିଅନ୍ତୁ। ଏହାକୁ ପାଥେୟ କରି ଆପଣ ଆଗକୁ ଆଗେଇପାରିବେ। ଏହି ସମୟରେ ନିଜର ମନୋଭାବ ସକାରାତ୍ମକ ରଖନ୍ତୁ। ନକାରାତ୍ମକ ଜିନିଷଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କୌଣସି କଥାରେ ସଂକଳ୍ପ ନେବା ସମୟରେ ନିଜର ଆତ୍ମବିଶ୍ୱାସ ମଧ୍ୟ ଦୃଢ଼ ହେବା ନିହାତି ଦରକାର। ଆମକୁ ଏହି କାମ କରିବାର ଅଛି ଏବଂ ମୋତେ ଯେମିତି ହେଲେ ସକ୍‌ସେସ୍ ହାସଲ କରିବାର ଅଛି। ଯଦି ମୁଁ ହାରିଯାଏ ସେଥିରେ ଭାଙ୍ଗିପଡ଼ିବି ନାହିଁ। ଏଭଳି ଭାବନା ଆମ ମନ ଭିତରେ ରହିବା ନିହାତି ଜରୁରୀ।







**ନିଜକୁ ଚିହ୍ନନ୍ତୁ:** ଆତ୍ମବିଶ୍ୱାସ ଦୃଢ଼ ହେବା ଲାଗି ପ୍ରଥମେ ନିଜକୁ ଚିହ୍ନନ୍ତୁ। ନିଜ ମନରେ ଯଦି କିଛି ଭାବନା ରହିଛି ତାହାକୁ ଅନୁଶୀଳନ କରନ୍ତୁ। ହୁଏତ ଏଥିରୁ ଆପଣଙ୍କୁ ଆଗକୁ ଆଗେଇବାର କିଛି ବାଟ ମିଳିଯିବ। ଆତ୍ମବିଶ୍ୱାସ ଦୃଢ଼ କରିବାକୁ ହେଲେ ପ୍ରଥମେ ନିଜକୁ ଆତ୍ମସମୀକ୍ଷା କରନ୍ତୁ। ଆତ୍ମଚିନ୍ତନ କରନ୍ତୁ ଏବଂ ନିଜ ଭାବନାକୁ ସବୁବେଳେ ସକାରାତ୍ମକ ବନାଇ ରଖନ୍ତୁ।

**ନକାରାତ୍ମକ ମାନସିକତାଠାରୁ ଦୂରେଇ ରୁହନ୍ତୁ:** ନକାରାତ୍ମକ ମାନସିକତା ଆମକୁ ସଫଳତା ହାସଲ କରିବାରେ ବାଧା ଉପୁଯାଇଥାଏ। ଅନେକେ ଅନ୍ୟର ଖୁସି ଦେଖି ଈର୍ଷା କରିଥାନ୍ତି। ଏଥିପାଇଁ ନେଗେଟିଭିଟି ଥିଙ୍କିଙ୍ଗ୍‌ଠାରୁ ଦୂରେଇ ରୁହନ୍ତୁ ଏବଂ ନିଜର ଉପଲବ୍ଧି ଉପରେ ଧ୍ୟାନ ଦିଅନ୍ତୁ। ନିଜ ବିଷୟରେ ଭଲ କଥା ହୁଅନ୍ତୁ। ଏମିତି ଲୋକଙ୍କ ସହିତ ରୁହନ୍ତୁ ଯିଏ କି ପଜିଟିଭ୍ ଥିଙ୍କିଙ୍ଗ ରଖୁଥିବ।

**ବଡି ଲାଙ୍ଗୁଏଜ୍ :** ଆପଣଙ୍କ ବଡି ଲାଙ୍ଗୁଏଜ୍ କେବଳ ଆପଣଙ୍କ କାମରେ ହିଁ ନୁହେଁ, ହାବଭାବରେ ମଧ୍ୟ ଦେଖାଯିବା ଜରୁରୀ। ଏଥିପାଇଁ କାହା ସହ ଦେଖାହେଲେ, କଥା ହେବା ସମୟରେ ନିଜର ବଡି ଲାଙ୍ଗୁଏଜ୍‌ର ଧ୍ୟାନ ରଖିବା ମଧ୍ୟ ଜରୁରୀ। ଠିକ୍ କଥା ଆପଣାନ୍ତୁ। ସାମ୍ନାବାଲା ଲୋକ ସହ ନଜର ମିଳାଇ କଥା ହୁଅନ୍ତୁ। ଏହା ସହିତ ସବୁବେଳେ ହସର ପରିବେଶରେ ରହିବାକୁ ଚେଷ୍ଟା କରନ୍ତୁ। ସବୁଠାରୁ ବଡ଼ କଥା ସମସ୍ୟାଠୁ ନ ଦୌଡ଼ି ତା'ର ସାମ୍ନା କରନ୍ତୁ, ତାହାର କିପରି ସମାଧାନ ହେବ ତା'ର ସକାରାତ୍ମକ ଭାବନା ମନରେ ରଖନ୍ତୁ। ଏହାଦ୍ୱାରା ଆପଣଙ୍କ ସବୁ ସମସ୍ୟାର ସମାଧନା ଅବଶ୍ୟ ବାହାରିଯିବ।

**ନୂଆ କଥା ଶିଖନ୍ତୁ :** ଯଦି ଆପଣ ଚାହାନ୍ତି ଆପଣଙ୍କ କନ୍‌ଫିଡେନ୍ସ ସବୁବେଳେ ରହୁ ତେବେ ନିଜକୁ ସବୁବେଳେ ଅପ୍‌ଡେଟ୍ ରୁହନ୍ତୁ। ନୂଆ ନୂଆ ସ୍କିଲ୍ ଶିଖନ୍ତୁ। ନିଜ ପ୍ରଫେସନ୍ ସହିତ ଜଡ଼ିତ ବହି ପଢ଼ନ୍ତୁ ନିଜର ସ୍କିଲ୍ସ ଡେଭଲପମେଣ୍ଟ କରିଚାଲନ୍ତୁ। ପ୍ରତ୍ୟେକ ଛୋଟଛୋଟ ସଫଳତାକୁ ସେଲିବ୍ରେଟ୍ କରନ୍ତୁ। ଏହାଦ୍ୱାରା ନିଜର ମନୋବଳ ବଢ଼ିବ।

**ମୋଟିଭେସନାଲ ହୁଅନ୍ତୁ :** ଜୀବନରେ ମୋଟିଭେସନ୍ ଅବା କାହାର ପ୍ରେରଣାର ଉତ୍ସ ହେବା ମଧ୍ୟ ଜରୁରୀ। ଭଲ କାମ ପାଇଁ ନିଜକୁ ମୋଟିଭେଟ୍ କରିବା ସହିତ ଅନ୍ୟ ସାଥୀଙ୍କୁ ବି ଏଥିପାଇଁ ମୋଟିଭେଟ୍ କରନ୍ତୁ। ମୋଟିଭେସନାଲ ବହି ପଢ଼ନ୍ତୁ, ଭିଡିଓ ଦେଖନ୍ତୁ ଏବଂ ପଡକାଷ୍ଟ କରିବା ଆପଣଙ୍କ କନ୍‌ଫିଡେନ୍ସକୁ ବଢ଼ାଇବାରେ ସାହାଯ୍ୟ କରେ। କେବେ ବି ନୂଆ କାମ, ନୂଆ ଲକ୍ଷ୍ୟ, ନୂଆ ଟେକ୍‌ନିକ୍ ଦେଖି ସେ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ। ଏହି ଅଭ୍ୟାସ ଆପଣଙ୍କୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ।

**ଅସଫଳତାକୁ ଡରନ୍ତୁ ନାହିଁ:** ଜୀବନରେ ସଫଳତା ସହିତ ଅସଫଳତା ମଧ୍ୟ ମିଳିଥାଏ। ଅସଫଳତାକୁ ନେଇ କେବେ ଡରନ୍ତୁ ନାହିଁ। ଏହାକୁ ଶିଖିବାର ଆଗ୍ରହ ମନରେ ରଖନ୍ତୁ, ଆଗକୁ ଭଲ କରିବାର ଚେଷ୍ଟା ମନରେ ରଖନ୍ତୁ। ନିଜର ରୋଲ ମଡେଲର ପର୍ସନାଲିଟି ଦ୍ୱାରା ଅନୁପ୍ରାଣୀତ ହୁଅନ୍ତୁ।

**କାହା ସହିତ ତୁଳନା କରନ୍ତୁ ନାହିଁ:** ଅନ୍ୟମାନଙ୍କ ସହ ନିଜକୁ ସବୁକ୍ଷେତ୍ରରେ ତୁଳନା କଲେ ତାହା ନିଜର ଆତ୍ମବିଶ୍ୱାସକୁ ପ୍ରଭାବିତ କରିଥାଏ। ଏହି କଥା ବୁଝିବାକୁ ଚେଷ୍ଟା କରନ୍ତୁ ଯେ ଆପଣଙ୍କର ନିଜର ଏକ ଅଲଗା ପର୍ସନାଲିଟି ଅଛି। ଏଥିପାଇଁ ନିଜକୁ ଅନ୍ୟ ସହିତ ତୁଳନା କରନ୍ତୁ ନାହିଁ।

ସୌନ୍ଦର୍ଯ୍ୟ

# ଗାଧୋଇବା ପରେ କେଶଚର୍ଯ୍ୟା

ଆଜିକାଲି ପ୍ରଦୂଷଣ ଯାହା ହେଲାଣି କେଶଜନିତ ସମସ୍ୟା ଦେଖିବାକୁ ମିଳୁଛି। ପ୍ରଦୂଷଣ, ଚିନ୍ତାଗ୍ରସ୍ତ ରହିବା, ଖରାପ ଖାଦ୍ୟପେୟର ଅଭ୍ୟାସ ଏବଂ କେମିକାଲ ପ୍ରଡକ୍ଟସ୍‌ର ବ୍ୟବହାର ଆଦି କାରଣରୁ ଆମ କେଶ ଡ୍ରାଏ ହେବା ସହିତ ଝଡ଼ିବାକୁ ଲାଗିଥାଏ। କେଶକୁ ନମନୀୟ କରିବାକୁ ହେଲେ କେତେକେ ହେୟାର ସେରମ୍ ବ୍ୟବହାର କରିଥାନ୍ତି। କିନ୍ତୁ ଜାଣିଛନ୍ତି, କି ବଜାରରେ ମିଳୁଥିବା ହେୟାର ସେରମ୍‌ରେ ଥିବା କେମିକାଲ କେଶକୁ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି।



ଯଦି ଆପଣ ସତରେ ଚାହୁଁଥାନ୍ତି ଆପଣଙ୍କ କେଶ ପ୍ରାକୃତିକ ଉପାୟରେ ସଫ୍ଟ ଏବଂ ସାଇନିଂ ହେଉ, ତେବେ ହେୟାର ସେରମ୍ ବଦଳରେ ଆପଣମାନେ କେତେକ ଘରୋଇ ଉପାୟ ଆପଣାଇଲେ ଏହା କେଶକୁ ପୋଷଣ ଦେବା ସହିତ କେଶକୁ ମୂଳରୁ ମଜଭୁତ କରିଥାଏ। ଏଠାରେ କେତୋଟି ପ୍ରମୁଖ ଟିପ୍ସ ଦେଉଛୁ ଯାହାକୁ ଆପଣାଇଲେ କେଶରେ ଚମକ ଆସିବ।

**ଆଲୋଭେରା ଜେଲ୍:** ଏହା କେଶକୁ ମଶ୍ଚରାଇଜ୍ କରିବାର ଭଲ ପ୍ରାକୃତିକ ଉପାୟ। ଗାଧୋଇବା ପରେ ଆଲୋଭେରା ଜେଲ୍ ହାତରେ ନେଇ କେଶରେ ଲଗାନ୍ତୁ। ଏହା କେଶକୁ ସଫ୍ଟ, ସ୍ମୁଥ୍, ସାଇନିଂ କରିଥାଏ। ଏହା ସହିତ କେଶ ମଧ୍ୟ ଭଲ ବଢ଼ିଥାଏ।

**ନଡ଼ିଆ ତେଲ:** ଗାଧୋଇବା ପରେ କେଇ ବୁନ୍ଦା ନଡ଼ିଆ ତେଲ ଲଗାନ୍ତୁ। ଏହା ଦ୍ୱାରା କେଶକୁ ନାଚୁରାଲ ସାଇନିଂ ମିଳିବା ସହିତ ଡ୍ରାଏନେସ ମଧ୍ୟ ଦୂର ହୋଇଥାଏ। ଧ୍ୟାନ ରଖନ୍ତୁ ଯେପରି ତେଲ ଅଧିକ ନ ଲଗାନ୍ତି ନ ହେଲେ କେଶ ଅଠାଳିଆ ହୋଇଯିବ।



**ଅରଣ୍ଡି ତେଲ ଏବଂ ଗୋଲାପ ଜଳ:** ଅଳ୍ପ ଅରଣ୍ଡି ତେଲ ଏବଂ ଗୋଲାପ ଜଳ ମିଶାଇ ଏକ ହାଲୁକା ହେୟାର ଟନିକ୍ ପ୍ରସ୍ତୁତ କର। ଏହାକୁ ଓଦା କେଶରେ ସ୍ପ୍ରେ କରନ୍ତୁ। ଏହି ମିଶ୍ରଣ କେଶରେ ଚମକ ଆଣିଥାଏ। ଏଥିରେ ଥିବା ପୋଷକତତ୍ତ୍ୱ କେଶକୁ ମୂଳରୁ ମଜଭୁତ କରିଥାଏ।

**ଦହି - ମହୁ ମିଶ୍ରଣ:** ସପ୍ତାହରେ ଥରେ କିମ୍ବା ଦୁଇଥର ଦହି ଏବଂ ମହୁର ହେୟାର ମାସ୍କ ଲଗାଇ ପାରିବେ। ଏହା ଲଗାଇବା ଦ୍ୱାରା କେଶ ପ୍ରାକୃତିକ ରୂପେ ସିଲ୍‌କୀ ଦେଖାଯିବ। ଫଳରେ ସେରମ୍ ଆବଶ୍ୟକ ପଡ଼ିବ ନାହିଁ।

**ଫ୍ଲାକ୍ସସିଡ୍ :** ଅଳସି ଜେଲ୍ କେଶକୁ ସଫ୍ଟ ଏବଂ ସ୍ମୁଥ୍ ରଖିଥାଏ। ଅଳସିକୁ ପାଣିରେ ଫୁଟାଇ ଏକ ଜେଲ୍ ପ୍ରସ୍ତୁତ କରନ୍ତୁ। ମୁଣ୍ଡ ଧୋଇବା ପରେ କେଶରେ ଲଗାନ୍ତୁ, ଏହା କେଶକୁ ସ୍ମୁଥ୍ ଏବଂ ସାଇନିଂ କରିବାରେ ସାହାଯ୍ୟ କରିବ।

# ଗୃହିଣୀଙ୍କ ପାଇଁ...

**ସାଧାରଣତଃ ଘରେ ରୁଟି କଲାପରେ ତାକୁ କାସ୍‌ରୋଲରେ ରଖୁଥିଲେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି...**

- ପ୍ରଥମେ ରୁଟିକୁ ପ୍ଲେଟରେ ରଖନ୍ତୁ। ଏବେ କାସ୍‌ରୋଲରେ କପଡ଼ା, ଆଲୁମିନିୟମ୍ ଫଏଲ, ବଟର ପେପର କିମ୍ବା ଟିସୁ ପେପର ବିଛାଇ ଦିଅନ୍ତୁ।
- ପୁଣି ଏଥିରେ ଆପଣ ସବୁ ରୁଟିକୁ ରଖି ଦିଅନ୍ତୁ।
- ଶେଷରେ ଆପଣ ଏକ ଷ୍ଟିଲ୍ ଚାମଚ ନେଇ ରୁଟି ଉପରେ ଉପରେ ରଖନ୍ତୁ।
- ବର୍ତ୍ତମାନ କାସ୍‌ରୋଲକୁ ଢାଙ୍କୁଣି ବନ୍ଦ କରନ୍ତୁ। ଏବେ ଯେତେ ଡେରି ପର୍ଯ୍ୟନ୍ତ ରୁଟିକୁ ଏଥିରେ ରଖିଲେ ସୁଦ୍ଧା ରୁଟି ଓଦା ହୋଇ ନ ଥାଏ।
- ରୁଟି କରିବା ପରେ ସଙ୍ଗେ ସଙ୍ଗେ ଏହାକୁ କାସ୍‌ରୋଲରେ ରଖନ୍ତୁ ନାହିଁ। ଏହାକୁ କିଛି ସମୟ ଖୋଲା ରଖନ୍ତୁ।



# ପ୍ରିୟଙ୍କ ପଞ୍ଚାଲଙ୍କ ଅବସର



**ଅହମଦାବାଦ,୨୬ା୫(ପି.ଟି.)**

ଗୁଜରାଟର ପୂର୍ବତନ ଅଧିନାୟକ ତଥା ପୂର୍ବରୁ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇଥିବା ପ୍ରିୟଙ୍କ ପଞ୍ଚାଲ ସୋମବାର ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏ ନେଇ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ପକ୍ଷରୁ ଘୋଷଣା କରାଯାଇଛି। ୩୫ ବର୍ଷୀୟ ପଞ୍ଚାଲ ୧୨୭ ଫାଷ୍ଟ-କ୍ଲାସ ମ୍ୟାଚ୍ ଖେଳି ୪୫.୧୯ ଆଭରେଜରେ ୨୯ ଶତକ ଓ ୩୪ ଅର୍ଦ୍ଧଶତକ ସହ ୮,୮୫୬ ରନ କରିଥିଲେ। ଏହି ଡାହାଣହାତୀ ଓପନିଂ ବ୍ୟାଟର ୯୭ ଲିଷ୍ଟ-ଏ ମ୍ୟାଚ୍‌ରେ ୪୦.୮୦ ଆଭରେଜରେ ୮ ଶତକ ଓ ୨୧ ଅର୍ଦ୍ଧଶତକ ସହ ୩,୬୭୨ ଏବଂ ୫୯ ଟି୨୦ ମ୍ୟାଚ୍‌ରେ ସେ ୯ ଅର୍ଦ୍ଧଶତକ ସହ ୧,୫୨୨ ରନ କରିଥିଲେ।

ଏକ ଜବରଦସ୍ତ କ୍ୟାରିୟର ଲାଗି ଜିସିଏ ପଞ୍ଚାଲଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଡାହାଣହାତୀ ବ୍ୟାଟର ଭାରତ ଏ' ଦଳର ନେତୃତ୍ୱ ନେଇଥିଲେ। ୧୭ରୁ ଅଧିକ ବର୍ଷ ହେଲା ସେ ଗୁଜରାଟ ପାଇଁ ଓପନିଂ ବ୍ୟାଟର ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ ବୋଲି ଜିସିଏ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ପଞ୍ଚାଲଙ୍କୁ ୨୦୨୧ରେ ଇଂଲଣ୍ଡ ବିପକ୍ଷ ସିରିଜ୍ ଲାଗି ରୋହିତ ଶର୍ମାଙ୍କ ବଦଳ ଖେଳାଳି ଭାବେ ଭାରତୀୟ ଦଳରେ ରିଜର୍ଭ ଓପନର ଭାବେ ସାମିଲ କରାଯାଇଥିଲା। ୨୦୧୬-୧୭ ସିଜନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସିଜନ ଥିଲା। ସେ ଏହି ସିଜନରେ ଏକ ତ୍ରିଶତକ ସହ ୧,୩୧୦ ରନ କରିଥିଲେ ଏବଂ ଗୁଜରାଟ ରଣଜୀ ଟ୍ରଫି ଜିତିଥିଲା। ତାଙ୍କ ପ୍ରତିନିଧିତ୍ୱରେ ଗୁଜରାଟ ୨୦୧୫-୧୬ ବିଜୟ ହଜାରେ ଟ୍ରଫି ଏବଂ ୨୦୧୨-୧୩ ଓ ୨୦୧୩-୧୪ରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଜିତିଥିଲା।

# ପ୍ରୋ ଲିଗ୍ ଜରିଆରେ ବିଶ୍ୱକପ୍ ଯୋଗ୍ୟତା ଆମ ଲକ୍ଷ୍ୟ: ହାର୍ଦ୍ଦିକ

**ନୂଆଦିଲ୍ଲୀ,୨୬ା୫(ପି.ଟି.)**

ଭାରତୀୟ ଦଳ ତା'ର ଦୁଇଟି ଲକ୍ଷ୍ୟ ହାସଲ କରିବା ଲାଗି ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପିଆନ ଲେଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବ। ପ୍ରଥମ ଲକ୍ଷ୍ୟ ହେଲା ଟାଇଟଲ ହାତେଇବା ଓ ଦ୍ୱିତୀୟତଃ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବା ବୋଲି ଅଧିନାୟକ ହାର୍ଦ୍ଦିକ ସିଂ କହିଛନ୍ତି। ଭାରତୀୟ ଦଳ ବର୍ତ୍ତମାନ ପଏଣ୍ଟ ଟେବୁଲରେ ୧୫ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛି। ଇଂଲଣ୍ଡ ଓ ବେଲଜିୟମ ୧୬ ଲେଖାଏ ପଏଣ୍ଟ ସହ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରୋ ଲିଗ୍‌ର ନିର୍ଣ୍ଣାୟକ ୟୁରୋପିଆନ ଲେଗ ଜୁନ ୭ ତାରିଖରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟର ବିଜେତା ସିଧାସଳଖ ବିଶ୍ୱକପ ଖେଳିବେ।

ଆମେ ଦଳର ଖେଳାଳିଙ୍କ ସହ କଥା ହୋଇଛୁ। ଆମେ ଯଦି ଯୋଜନା ଅନୁଯାୟୀ ଖେଳିବା ଓ ଯଥେଷ୍ଟ ପଏଣ୍ଟ ସଂଗ୍ରହ କରିବା, ତେବେ ଆମ ପାଖରେ ପ୍ରୋ ଲିଗ୍ ଜରିଆରେ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିବାକୁ ସୁବର୍ଣ୍ଣ ସୁଯୋଗ ରହିଛି। ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଶୀଘ୍ର ଯୋଗ୍ୟତା ହାସଲ କରିବା ଦ୍ୱାରା ଆମକୁ ପ୍ରସ୍ତୁତି ଲାଗି ଅଧିକ ସମୟ ମିଳିବ ବୋଲି ହକି ଇଣ୍ଡିଆ(ଏଚ୍‌ଆଇ) ପକ୍ଷରୁ ଜାରି କରାଯାଇଥିବା ବିବୃତିରେ ହାର୍ଦ୍ଦିକ କହିଛନ୍ତି। ବେଲଜିୟମ ଓ ନେଦରଲାଣ୍ଡ ଆୟୋଜକ ଭାବେ ଏବଂ ଅଷ୍ଟ୍ରେଲିଆ ଗତ ସଂସ୍କରଣର ପ୍ରୋ ଲିଗ୍ ଚାମ୍ପିୟନ ଭାବେ ଆସନ୍ତାବର୍ଷ ହେବାକୁ ଥିବା ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି।

# ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ ସାତ୍ତ୍ୱିକ-ଚିରାଗ

**ସିଙ୍ଗାପୁର, ୨୬ା୫ (ପି.ଟି.):** ଏଠାରେ ମଙ୍ଗଳବାରଠାରୁ ଖେଳାଯିବାକୁଥିବା ସିଙ୍ଗାପୁର ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଚ୍ୟଲେଞ୍ଜର ନେତୃତ୍ୱ ନେବେ ସୁପ୍ରସିଦ୍ଧ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି। ଫିଟ୍‌ନେସ ସମସ୍ୟା ଯୋଗୁ କିଛି ଦିନ ଖେଳରୁ ଦୂରେଇ ରହିବା ପରେ ଏହି ଟୁର୍ନାମେଣ୍ଟରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ପୂର୍ବତନ ବିଶ୍ୱର ନମ୍ବର ୱାନ ଯୋଡ଼ି ଗତଥର ମାର୍ଚ୍ଚରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ଖେଳିଥିଲେ। କିନ୍ତୁ ଚିରାଗଙ୍କ ପିଠିରେ ଇଞ୍ଜୁରୀ ଯୋଗୁ ଏହି ଯୋଡ଼ି ଦ୍ୱିତୀୟ ରାଉଣ୍ଡରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ। ସାତ୍ତ୍ୱିକଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁ ସେମାନେ ସୁଦିରମାନ କପ୍‌ରୁ ମଧ୍ୟ ଓହରିଯାଇଥିଲେ। ଚଳିତବର୍ଷ ଆରମ୍ଭରେ ବର୍ତ୍ତମାନ ସମ୍ପୂର୍ଣ୍ଣ ଫିଟ୍ ଥିବା ଏହି ଭାରତୀୟ ଯୋଡ଼ି ମାଲେସିଆ ଓପନ ଓ ଇଣ୍ଡିଆ ଓପନ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ। ସେମାନେ ଏଠାରେ ମାଲେସିଆର ଚୁଙ୍ଗ୍ ହନ୍ ଜିଆନ ଓ ମହମ୍ମଦ ହାଇକାଲଙ୍କୁ ଭେଟିବେ। ମାଲେସିଆ ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିବା କିଦାମ୍ବି ଶ୍ରୀକାନ୍ତଙ୍କଠାରୁ ମଧ୍ୟ ଭଲ ପ୍ରଦର୍ଶନ ଆଶା କରାଯାଉଛି। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଏଚଏସ୍ ପ୍ରଣୟ ଏବଂ ଲକ୍ଷ୍ୟ ସେନଙ୍କ ଭଳି ଖେଳାଳି ମଧ୍ୟ ଅଂଶଗ୍ରହଣ କରିବେ।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ